RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 44 ◆ISSUE-106 ◆FRIDAY ◆09 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୦୬ ◆ଶୁକ୍ରବାର ◆୦୯ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



# ପରପାରିରେ 'କ୍ରାନ୍ତିବୀର'

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ

■ନୂଆଦିଲ୍ଲୀ/ଗୋଆ, ୮ ।୧୦ (ଏଜେନ୍ସି): ଭାରତୀୟ ସିନେମା ଜଗତର ଅନ୍ୟତମ ପ୍ରଭାବଶାଳୀ ତଥା ବର୍ଷୀଆନ୍ ଅଭିନେତା ନାନା ପାଟେକର ଆଉ ନାହାନ୍ତି। ଗତକତାଲି ବିଳମ୍ବିତ ରାତିରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳେ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକରେ ସିନେମା ଜଗତରେ ଶୋକର ଛାୟା ଖେଳିଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ ମନ୍ତ୍ରୀ, ନେତା ଓ ଅଭିନେତା ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହେବା ପରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଗୋଆସ୍ଥିତ ତାଙ୍କ ବାସଭବନକୁ ଡାକ୍ତରୀ ଦଳ ପଠାଯାଇଥିଲା। ପରେ ମଣିପାଲ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଚିକିତ୍ସକମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇ ନଥିଲା। ହୃଦ୍‌ଘାତ ଯୋଗୁଁ ତାଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ କୁହାଯାଇଛି। ନାନାଙ୍କ ପୁଅ ମହ୍ଲାର ପାଟେକରଙ୍କ ସୂଚନା ଅନୁଯାୟୀ, ନାନା ରାତିରେ ଅସୁସ୍ଥ ଅନୁଭବ କରୁଥିବା ଜଣାଇଥିଲେ। ଭୋର ପ୍ରାୟ ୪ଟା ସମୟରେ ଡାକ୍ତରୀ ଦଳ ତାଙ୍କ ବାସଭବନରେ ପହଞ୍ଚିବା ବେଳକୁ ସେ ଚେତାଶୂନ୍ୟ ହୋଇସାରିଥିଲେ। ସେଠାରେ ତାଙ୍କୁ ଜରୁରୀକାଳୀନ ଚିକିତ୍ସା ଓ ହୃତ୍‌ପିଣ୍ଡ ମାଲିସ୍ ଦିଆଯାଇଥିଲା। ପରେ ଆମ୍ବୁଲାନ୍ସରେ ହସ୍ପିଟାଲ ▸ପୃଷ୍ଠା-୭

# ଆନ୍ କାର୍ସନ୍‌ଙ୍କୁ ସାହିତ୍ୟରେ ନୋବେଲ

■ ଷ୍ଟକହୋମ୍,୮ ।୧୦(ଏଜେନ୍ସି): କାନାଡୀୟ ଲେଖିକା ଆନ୍ କାର୍ସନ୍‌ଙ୍କୁ ୨୦୨୬ ମସିହାର ନୋବେଲ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରାଚୀନ ଗ୍ରୀକ୍ ଓ ରୋମୀୟ ସାହିତ୍ୟ ଏବଂ ପରମ୍ପରାକୁ ନୂଆ ଦୃଷ୍ଟିକୋଣରେ ଉପସ୍ଥାପନ କରିବା ସହ କବିତା, ଗଦ୍ୟ ଓ ନାଟକ ଭଳି ବିଭିନ୍ନ ସାହିତ୍ୟିକ ଧାରାକୁ ଏକାଠି କରି ନୂଆ ଲେଖନ ରୂପ ସୃଷ୍ଟି କରିଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛି। ୧୯୫୦ରେ କାନାଡାର ଟରଣ୍ଟୋରେ ଜନ୍ମିତ କାର୍ସନ୍ ୧୯୮୧ରେ ପ୍ରାଚୀନ ସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ଡକ୍ଟରେଟ୍ ଥେସିସ୍



ପ୍ରକାଶ କରିଥିଲେ। ପରେ ସେ କବିତା ରଚନା ସହ ପ୍ରାଚୀନ ଗ୍ରୀକ୍ ସାହିତ୍ୟର ଅନୁବାଦ କରିଛନ୍ତି ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିଛନ୍ତି। ଶବ୍ଦର ଉତ୍ପତ୍ତି, ଏହାର ଅର୍ଥ ଏବଂ ସମୟ ସହ ଶବ୍ଦର ଅର୍ଥ କିପରି ବଦଳେ, ତାହା ତାଙ୍କ ଲେଖାର ଏକ ମୁଖ୍ୟ ବିଷୟ। ସେ ଗ୍ରୀକ୍ କବି ସାଫୋ ଏବଂ ନାଟ୍ୟକାର ସୋଫୋକ୍ଲିଜ୍‌ଙ୍କ 'ଇଲେକ୍ଟ୍ରା' ଓ 'ଆଣ୍ଟିଗୋନି' ଭଳି କୃତିର ଅନୁବାଦ ମଧ୍ୟ କରିଛନ୍ତି। ୧୯୮୬ରେ ପ୍ରକାଶିତ 'ଇରୋସ୍ ଦ ବିଟରସ୍ୱିଟ୍' କାର୍ସନ୍‌ଙ୍କୁ ବ୍ୟାପକ ପରିଚିତି ଦେଇଥିଲା। ▸ପୃଷ୍ଠା-୭

ଜ୍ଞାନେଶ ହଟାଅ ଅଭିଯାନ

# ରାଜଘାଟରେ ପହଞ୍ଚିଲା ଆନ୍ଦୋଳନ

■ ନୂଆଦିଲ୍ଲୀ, ୮ ।୧୦ (ଏଜେନ୍ସି): ୧୩ କୋଟି ଭୋଟରଙ୍କୁ କାଟି ବିବାଦୀୟ ଏସ୍‌ଆଇଆର୍ ଜରିଆରେ ଦେଶକୁ ଗଣତାନ୍ତ୍ରିକ ସଙ୍କଟ ଭିତରକୁ ଠେଲିଦେଇଥିବା ମୁଖ୍ୟ ନିର୍ବାଚନ

**ନରମିଲା ଦିଲ୍ଲୀ ପୁଲିସ; ଇଣ୍ଡିଆ ନେତାଙ୍କୁ ଅଟକାଇଲା ନାହିଁ**

**'ଯନ୍ତରମନ୍ତର-୨' ପାଇଁ ମାଡ଼ି ଆସୁଛନ୍ତି କକ୍ରୋଚ୍ ଆନ୍ଦୋଳନକାରୀ**

**ଦିଲ୍ଲୀରେ ପୁଲିସ ଛାଉଣୀ, ୨୬ ହଜାର ଫୋର୍ସ ମୁତୟନ**

କମିସନର ଜ୍ଞାନେଶ କୁମାରଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ତାଙ୍କୁ ହଟାଇବା ଲାଗି ଦେଶବ୍ୟାପୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଗତ ତିନି ଦିନ ଧରି ଇଣ୍ଡିଆ ମେଣ୍ଟର ସାଂସଦ ଓ ନେତା-କର୍ମୀ ରାଜଧାନୀ ଦିଲ୍ଲୀରେ ଆନ୍ଦୋଳନ ଚଳାଇଥିବା ବେଳେ



ବିରୋଧୀ ସାଂସଦଙ୍କ ଧାରଣା

ଆସନ୍ତା ୧୦ ତାରିଖରେ ଯନ୍ତରମନ୍ତରରେ ଆନ୍ଦୋଳନ କରିବାକୁ କକ୍ରୋଚ୍ ଜନତା ପାର୍ଟିର ଘୋଷଣା ପ୍ରଶାସନର ନିଦ ହଜାଇ ଦେଇଛି। ଯନ୍ତରମନ୍ତର-୨ ଆନ୍ଦୋଳନ ପାଇଁ କକ୍ରୋଚ୍ ପାର୍ଟି କର୍ମୀ ଓ ସମର୍ଥନ ଦିଲ୍ଲୀ ଆଡ଼କୁ ମାଡ଼ି ଆସୁଥିବା ବେଳେ ସେମାନଙ୍କୁ ଅଟକାଇବା ଲାଗି ଦିଲ୍ଲୀ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପରିସ୍ଥିତିର ମୁକାବିଲା ଲାଗି ୨୬ ହଜାର ପୁଲିସ ଫୋର୍ସ ମୁତୟନ କରାଯାଇଛି।

ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶଙ୍କୁ ହଟାଇବା ଲାଗି ଇଣ୍ଡିଆ ମେଣ୍ଟ ପକ୍ଷରୁ ତିନି ଦିନ ଧରି ବ୍ୟାପକ ଆନ୍ଦୋଳନ ଚଳାଇଛନ୍ତି। ଆଜି ଏହାର ସାଂସଦ ଓ ନେତା ରାଜଘାଟରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ତେବେ ଗତ ଦୁଇ ଦିନ ଭଳି ପୁଲିସ ଆଜି ସେମାନଙ୍କୁ ଅଟକାଇ ନଥିଲା। କନ୍ନଟ୍ ପ୍ଲେସ୍‌ରେ ମଧ୍ୟାହ୍ନ ଭୋଜନ ବୈଠକ ପରେ ସେମାନେ ରାଜଘାଟ ଅଭିମୁଖେ ଯାଇଥିଲେ। ସେଠାରେ ସନ୍ଧ୍ୟା ବେଳେ କିଛି ସମୟ ପାଇଁ ଧାରଣା ଦେବାପରେ ଫେରିଯାଇଥିଲେ। ଏହି ପ୍ରତିବାଦ ଧାରଣାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେ ସମେତ ରାହୁଲ, ପ୍ରିୟଙ୍କା ଗାନ୍ଧୀ, ସମାଜବାଦୀ ପାର୍ଟି, ଆରଜେଡି, ଉଦ୍ଧବ ସେନା, ଶରଦ ପାୱାରଙ୍କ ସମାଜବାଦୀ ପାର୍ଟି ଓ ଅନ୍ୟ ଦଳର ନେତାମାନେ ସାମିଲ ହୋଇଥିଲେ। ଏହି ଅବସରରେ ସେମାନେ ଘୋଷଣା କରିଥିଲେ ଯେ ଜ୍ଞାନେଶ କୁମାର ନହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ଆରଏସଏସ୍ ମୁଖ୍ୟଙ୍କ ସହ ମିଶି ଜ୍ଞାନେଶ କୁମାର ଗଣତନ୍ତ୍ରର ହତ୍ୟା କରୁଛନ୍ତି ବୋଲି ରାହୁଲ ତାଙ୍କର ପୁରୁଣା ଅଭିଯୋଗକୁ ଦୋହରାଇଥିଲେ। ତେବେ ଆଜିର ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ▸ପୃଷ୍ଠା-୭

# ଓଡ଼ିଶାରେ 'ଇଣ୍ଡିଆ ବ୍ଲକ୍' ବନ୍ଦର ପ୍ରଭାବ

## ଅଟକିଲା ଅଖ-ଚକ; ଜୀବନଯାତ୍ରା ପ୍ରଭାବିତ

■ ଭୁବନେଶ୍ୱର,୮ ।୧୦(ସମିସ): ପ୍ରମୁଖ ୪ଟି ଦାବିକୁ ନେଇ ଡକରା ଦିଆଯାଇଥିବା ଓଡ଼ିଶା ବନ୍ଦ ସଫଳ ହୋଇଛି ବୋଲି ଇଣ୍ଡିଆ ମେଣ୍ଟ ଦାବି କରିଛି। ଗୁରୁବାର

**ସମର୍ଥନ ପାଇଁ ରାଜ୍ୟବାସୀଙ୍କୁ 'ଇଣ୍ଡିଆ ବ୍ଲକ'ର କୃତଜ୍ଞତା**

**ଭୁବନେଶ୍ୱରରେ ଜୋରଦାର ପ୍ରତିବାଦ, ଶତାଧିକ ଗିରଫ**

**ଲୋକସେବା ଭବନ ଅଭିମୁଖେ ଗଲା ମିଳିତ ପଦଯାତ୍ରା**

ସକାଳ ୬ଟାରୁ ଓଡ଼ିଶା ବନ୍ଦ ଡକରା ଯୋଗୁଁ ଇଣ୍ଡିଆ ମେଣ୍ଟ ପକ୍ଷରୁ ସାରା ରାଜ୍ୟରେ ପିକେଟିଂ ଓ ବାଇକ୍ ରାଲି କରାଯାଇଥିଲା। ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ଇଣ୍ଡିଆ ମେଣ୍ଟ ସହଯୋଗୀ ଦଳର



ନେତୃବୃନ୍ଦ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ସାରା ରାଜ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଚକା ଜାମ୍ ହୋଇଥିଲା। ଭୁବନେଶ୍ୱରଠାରୁ ଆରମ୍ଭ କରି ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ଏହି ବନ୍ଦରେ ଇଣ୍ଡିଆ ମେଣ୍ଟର ନେତୃବୃନ୍ଦ ସାମିଲ ହୋଇଥିଲେ। ସକାଳୁ ବିଭିନ୍ନ ଷ୍ଟେସନରେ ରେଳ ରୋକ ସାଙ୍ଗକୁ ଜାତୀୟ ରାଜପଥଗୁଡ଼ିକରେ ଯାନବାହନ ମଧ୍ୟ ଅଟକ ରଖାଯାଇଥିଲା। ଏଥିପାଇଁ ମାଲ୍ ପରିବହନଠାରୁ ଆରମ୍ଭ କରି ଯାତ୍ରୀବାହୀ ବସ୍ ସେବା ▸ପୃଷ୍ଠା-୭

# ଅକ୍ସିଜେନ୍ ସିଲିଣ୍ଡର ଫାଟି ଜଳିଗଲା ଆମ୍ବୁଲାନ୍ସ; ରୋଗୀ ମୃତ

■ବାରିପଦା/ଉଦଳା, ୮ ।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଗୁରୁବାର



ରାତିରେ ଘଟିଛି ଏକ ହୃଦୟ ବିଦାରକ ତଥା ଭୟାନକ ଅଗ୍ନିକାଣ୍ଡ। ରୋଗୀଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତୁତ ହେଉଥିବା ଏକ ଘରୋଇ ବୋଲେରୋ ଆମ୍ବୁଲାନ୍ସରେ ଅଚାନକ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ ଘଟି ନିଆଁ ଲାଗିଯାଇଛି। ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସ ଭିତରେ ଥିବା ରୋଗୀଙ୍କ ଜୀବନ ଯାଇଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି।

ସୂଚନା ମୁତାବକ, ଉଦଳା ଥାନା ଅନ୍ତର୍ଗତ କୁଣ୍ଡାବାଇ ଅଞ୍ଚଳର ସୁଯୋଶ ବାରିକ ନାମକ ଜଣେ ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ଉଦଳା ମେଡିକାଲରୁ ଭୁବନେଶ୍ୱରର ଏକ ▸ପୃଷ୍ଠା-୭

## ବାଣ ବିସ୍ଫୋରଣରେ ବାପ-ପୁଅ ମୃତ

■ ଜଗତସିଂହପୁର, ୮ ।୧୦ (ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ମହିଳୋ ଚାନ୍ଦପୁର ଗ୍ରାମରେ ଆଜି ଭୟଙ୍କର ବିସ୍ଫୋରଣ ଘଟି ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ସୂଚନା ଅନୁସାରେ ଗୁରୁବାର ଦିନ ପ୍ରାୟ ଗୋଟାଏ ସମୟରେ ଚାନ୍ଦପୁର ଗ୍ରାମର ମନୋରଞ୍ଜନ ସ୍ୱାଇଁଙ୍କ ଘରେ ହଠାତ ବିସ୍ଫୋରଣ ଘଟିଥିଲା। ଘର ଭିତରେ ବିଭିନ୍ନ ପ୍ରକାର ବାଣ ରହିଥିବାରୁ କୌଣସି ▸ପୃଷ୍ଠା-୭



## ଓଲଟ ପାଲଟ



ଓଡିଶା ସୀମାନ୍ତ କୋଟିଆ ଅଞ୍ଚଳେ
ଆନ୍ଧ୍ର କରେ ଘର ଦ୍ୱାର,
ପଶ୍ଚିମ ବଙ୍ଗଟି ଜବରଦଖଲ
କରିଛି ବିଳାସପୁର।
ସେ ସ୍ଥାନଟି ଓଡ଼ିଶାର,
ଓଡ଼ିଶା ଖଜଣା ଦେଉଛି ସେପାଇଁ
ଚାଷ ବଙ୍ଗ କୃଷକର।
ବାଲି ସଇରାତ ଜବରଦଖଲ
କି କରନ୍ତି ସରକାର ??
- *ଯାଯାବର*

## ସିବିଆଇ ଜାଲରେ ନୂଆପଡ଼ା ଏକଲବ୍ୟ ସ୍କୁଲ୍ ପ୍ରଧାନଶିକ୍ଷକ

■ ଭୁବନେଶ୍ୱର, ୮ ।୧୦(ସମିସ): ସିବିଆଇ ଜାଲରେ ପଡ଼ିଛନ୍ତି ନୂଆପଡ଼ାସ୍ଥିତ ଏକଲବ୍ୟ



ମଡେଲ୍ ରେସିଡେନ୍ସିଆଲ୍ ସ୍କୁଲ୍ (ଇଏମ୍‌ଆର୍‌ଏସ୍)ର ପ୍ରଧାନଶିକ୍ଷକ। ଜଣେ ଏଏନ୍‌ଏମ୍‌ଙ୍କ ଚାକିରି କାର୍ଯ୍ୟକାଳ ବୃଦ୍ଧି ସୁପାରିସ କରିବା ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ନେବାବେଳେ ପ୍ରଧାନ ଶିକ୍ଷକ ସି କ୍ରିଷ୍ଣା ମୂର୍ତ୍ତି ନାଇଡୁଙ୍କୁ ଧରିଛି ସିବିଆଇ।

ସିବିଆଇ ସୂଚନାନୁସାରେ, ନୂଆପଡ଼ାସ୍ଥିତ ଏକଲବ୍ୟ ମଡେଲ୍ ରେସିଡେନ୍ସିଆଲ୍ ସ୍କୁଲ୍‌ରେ ମିନତି ସାହୁ ଏଏନ୍‌ଏମ୍ ଭାବେ ▸ପୃଷ୍ଠା-୭

## ବଜ୍ରପାତରେ ୨ ମହିଳା ମୃତ

■ ରେମୁଣା, ୮ ।୧୦(ସମିସ): ଗୁରୁବାର ମଧ୍ୟାହ୍ନରେ ଧାନ ବିଲରେ କାମ କରୁଥିବା ବେଳେ ବଜ୍ରପାତ ଯୋଗୁ ୨ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ରେମୁଣା ବ୍ଲକ ନୂଆପାଢୀ ପଞ୍ଚାୟତର ରସଲପୁର (ବନ୍ଧସାହି)ର ମୁନା ସିଂଙ୍କ ସ୍ତ୍ରୀ ସୋମବାରୀ ସିଂ(୪୫) ଏବଂ ଲିପୁ ସିଂଙ୍କ ସ୍ତ୍ରୀ ସୁକାନ୍ତି ସିଂ(୩୩) ଗ୍ରାମ ନିକଟ ଧାନବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଉଭୟ ଧାନ ବିଲରେ ଟଳି ପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରି ଗ୍ରାମବାସୀ ସ୍ଥାନୀୟ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ▸ପୃଷ୍ଠା-୭

# ଦିନକରେ ଦୁର୍ଘଟଣାରେ ଚାଲିଗଲା ୪ ଜୀବନ

## ଗାଡ଼ି ଧକ୍କାରେ ଦମ୍ପତି ମୃତ; ଶବ ରଖି ରାସ୍ତା ଅବରୋଧ

■ ଖଡ଼ିଆଳ,୮ ।୧୦(ସମିସ): ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବଡ଼ମହେଶ୍ୱର ଛକ



ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ କୋମନା ବ୍ଲକ ବିରୁନପଦର ଗ୍ରାମର କର୍ପୂରଚନ ପଟେଲ (୫୫) ଏବଂ ତାଙ୍କ ସ୍ତ୍ରୀ ମନ୍ଦାକିନୀ ପଟେଲ (୫୦)।

ସୂଚନା ଅନୁସାରେ, ଉଭୟ ସ୍ୱାମୀ-ସ୍ତ୍ରୀ ବୁଧବାର ପାରିବାରିକ କାମରେ ଖଡ଼ିଆଳ ବ୍ଲକ କୋଟିପଦର ଗ୍ରାମକୁ ଆସିଥିଲେ। ସେଠାରେ ଗୋଟିଏ ଦିନ ରହିବା ପରେ ଗୁରୁବାର ପାହାନ୍ତିଆରୁ ଏକ ସୁପର ଏକ୍ସଏଲ ଯୋଗେ ଗାଁକୁ ଫେରୁଥିଲେ। ଏହି ସମୟରେ ଖଡ଼ିଆଳ ବଡ଼ମହେଶ୍ୱରଠାରେ ଏକ ▸ପୃଷ୍ଠା-୭

## ରେଳ ଓଭରବ୍ରିଜ୍ ବଡିଖୁଣ୍ଟରେ ପିଟିହୋଇ ଦୁଇ ବାଇକ୍‌ଆରୋହୀ ମୃତ

■ ପୁରୀ,୮ ।୧୦(ସମିସ): ଚନ୍ଦନପୁର ଥାନା ଅନ୍ତର୍ଗତ ସମଯାଜପୁର ବ୍ରିଜ୍ ନିକଟରେ ଗୁରୁବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ଜଗତସିଂହପୁର ଅଞ୍ଚଳର ଦେବୀ ଲକ୍ଷ୍ମୀ ନାରାୟଣ ଦାସ ଓ ସୁଦୀପ୍ତ କୁମାର ଜେନା ବୋଲି ଜଣାପଡ଼ିଛି।

ପୁଲିସ ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ୪ଟା ସମୟରେ ଉଭୟ ଏକ ବାଇକ୍ ଯୋଗେ ପୁରୀରୁ ସାକ୍ଷୀଗୋପାଳ ଅଭିମୁଖେ ଯାଉଥିଲେ। ସମଯାଜପୁର ବ୍ରିଜ୍ ନିକଟରେ କୌଣସି କାରଣରୁ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ▸ପୃଷ୍ଠା-୭



## ପୃଥିବୀର ଅଧିକାଂଶ ଅଞ୍ଚଳରେ ଅସ୍ୱାଭାବିକ ଉତ୍ତାପ

## ଉଗ୍ର ହେଉଛି 'ସୁପର୍-ଡୁପର୍ ଏଲ୍ ନିନୋ'

ନୂଆଦିଲ୍ଲୀ,୮ ।୧୦(ଏଜେନ୍ସି): ବିଶ୍ୱରେ ଜଳବାୟୁ ପରିବର୍ତ୍ତନକୁ ନେଇ ଚିନ୍ତା ବଢ଼ାଇଛି ତୀବ୍ର ହେଉଥିବା 'ଏଲ୍ ନିନୋ'। ପାଣିପାଗ ବିଶେଷଜ୍ଞମାନେ ଏହା ଅଭୂତପୂର୍ବ ସ୍ତର ଆଡ଼କୁ ଯାଉଥିବା ନେଇ ସତର୍କ କରିଛନ୍ତି। ଜାତିସଂଘର ପାଣିପାଗ ଓ ଜଳବାୟୁ ସଂସ୍ଥା ବିଶ୍ୱ ପାଣିପାଗ ସଂଗଠନ ମଧ୍ୟ ଚଳିତ ବର୍ଷର ଏଲ୍ ନିନୋ ୧୯୫୦ ପରଠାରୁ ଦେଖାଯାଇଥିବା ସବୁଠାରୁ ଶକ୍ତିଶାଳୀ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ହୋଇପାରେ ବୋଲି ଆକଳନ କରିଛି। ବିଶେଷଜ୍ଞଙ୍କ ଅନୁସାରେ, ପ୍ରଶାନ୍ତ ମହାସାଗରରେ ସଞ୍ଚିତ ବିପୁଳ ତାପ ବାୟୁମଣ୍ଡଳକୁ ମୁକ୍ତ ହେବା ଯୋଗୁଁ ପୃଥିବୀର ବିଭିନ୍ନ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ଦେଖାଦେଇପାରେ। ଜଳବାୟୁ ବିଶେଷଜ୍ଞ ରାୟାନ୍ ମାଉ ଏକ ଜଳବାୟୁ ମାନଚିତ୍ର ସେୟାର କରି ପୃଥିବୀର ପ୍ରାୟ ସମଗ୍ର ଅଞ୍ଚଳ ଲାଲ ରଙ୍ଗରେ ଦେଖାଯାଉଥିବା ଉଲ୍ଲେଖ କରିଛନ୍ତି। ତାଙ୍କ ମତରେ, ଶୀତ ଋତୁ ପର୍ଯ୍ୟନ୍ତ ଏଲ୍ ନିନୋ ଅତ୍ୟଧିକ ଶକ୍ତିଶାଳୀ ରହିପାରେ।

ବିଶ୍ୱ ପାଣିପାଗ ସଂଗଠନର ଆକଳନ ଅନୁସାରେ, ଏଲ୍ ନିନୋ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ଜାରି ରହିପାରେ। ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ କେନ୍ଦ୍ରୀୟ ଓ ପୂର୍ବ ଉଷ୍ଣ ପ୍ରଶାନ୍ତ



ମହାସାଗରର ସମୁଦ୍ରପୃଷ୍ଠ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩.୭ ଡିଗ୍ରୀ ସେଲସିୟସ୍ ଅଧିକ ହୋଇପାରେ ବୋଲି ଆକଳନ କରାଯାଇଛି। ଏହା ଏଲ୍ ନିନୋର ତୀବ୍ରତା ସମ୍ପର୍କରେ ଚିନ୍ତା ବଢ଼ାଇଛି। ଅନ୍ୟ ଜଣେ ଜଳବାୟୁ ବୈଜ୍ଞାନିକ ଜେକ୍ ହାଉସଫାଦର କହିଛନ୍ତି ଯେ, ଏଲ୍ ନିନୋର ପ୍ରଭାବ ଏବେ ଅଜଣା ସୀମା ଆଡ଼କୁ ବଢ଼ୁଛି। ନିନୋ-୩.୪ ଅଞ୍ଚଳର ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩.୪ ଡିଗ୍ରୀ ସେଲସିୟସ୍ ଅଧିକ ରହିଥିବା ସେ ଉଲ୍ଲେଖ କରିଛନ୍ତି। ପାଣିପାଗ ବିଶେଷଜ୍ଞ ଲିଓନ୍ ସିମନ୍ସ ଏହାକୁ 'ସୁପର୍-ଡୁପର୍ ଏଲ୍ ନିନୋ' ବୋଲି ବର୍ଣ୍ଣନା କରିଛନ୍ତି। ଏଲ୍ ନିନୋ ହେଉଛି ପ୍ରାକୃତିକ ଭାବେ ଘଟୁଥିବା ଏଲ୍ ନିନୋ-ସଦର୍ଣ୍ଣ ଅସିଲେସନ୍ ଚକ୍ରର ଉଷ୍ଣ ପର୍ଯ୍ୟାୟ। ଏହା ବିଶ୍ୱର ବିଭିନ୍ନ ଅଞ୍ଚଳର ପାଣିପାଗକୁ ପ୍ରଭାବିତ କରେ। ଏହାର ପ୍ରଭାବରେ ବିଶ୍ୱ ତାପମାତ୍ରା ବଢ଼ିବା ସହ ବର୍ଷାର ଧାରାରେ ବଡ଼ ପରିବର୍ତ୍ତନ ଘଟିପାରେ। କେତେକ ଅଞ୍ଚଳରେ ମରୁଡ଼ି ଓ ଅନ୍ୟ କେତେକ ସ୍ଥାନରେ ଅତ୍ୟଧିକ ବର୍ଷା ହେବାର ଆଶଙ୍କା ରହିଥାଏ। ଏହି ପ୍ରଭାବ ମାନବସୃଷ୍ଟ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଆହୁରି ତୀବ୍ର କରିପାରେ ବୋଲି ବିଶ୍ୱ ପାଣିପାଗ ସଂଗଠନ ଚେତାବନୀ ଦେଇଛି। ଏହି ମଧ୍ୟରେ ଚିକାଗୋ ବିଶ୍ୱବିଦ୍ୟାଳୟର 'କ୍ଲାଇମେଟ୍ ଇମ୍ପାକ୍ଟ ଲ୍ୟାବ୍'ର ଗବେଷକମାନେ ଆକଳନ କରିଛନ୍ତି ଯେ, ଚଳିତ ବର୍ଷର ତୀବ୍ର ଏଲ୍ ନିନୋ ଯୋଗୁଁ ୨୦୨୬ ଜୁନ୍‌ରୁ ୨୦୨୭ ଫେବୃଆରୀ ମଧ୍ୟରେ ବିଶ୍ୱବ୍ୟାପୀ ୪ ଲକ୍ଷ ୫୧ ହଜାର ପର୍ଯ୍ୟନ୍ତ ଅତିରିକ୍ତ ମୃତ୍ୟୁ ଘଟିପାରେ।



# ଜ୍ଞାନେଶ-ବିରୋଧୀ ଗର୍ଜନ: ଦିଲ୍ଲୀରୁ ବେଙ୍ଗାଲୁରୁ ଯାଏଁ

ବେଙ୍ଗାଲୁରୁ, ୮ ।୧୦(ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବାତିଲ ଏବଂ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଦିଲ୍ଲୀରୁ ଆରମ୍ଭ କରି ବେଙ୍ଗାଲୁରୁ ପର୍ଯ୍ୟନ୍ତ ଆଜି ଆନ୍ଦୋଳନକାରୀ ଗର୍ଜନ କରିଛନ୍ତି। ଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ନେତାମାନେ ଶୋଭାଯାତ୍ରାରେ ଯାଇ ରାଜଘାଟରେ ଧାରଣା ଦେଇଥିବା ବେଳେ ବେଙ୍ଗାଲୁରୁରେ କକ୍ରୋଚ୍ ପାର୍ଟି ଶକ୍ତି ପ୍ରଦର୍ଶନ କରିଛି।



### ବେଙ୍ଗାଲୁରୁରେ ସିଜେପିର ବିକ୍ଷୋଭରେ ଯୋଗଦେଲେ ଧ୍ରୁବ ରାଠୀ, ପ୍ରକାଶ ରାଜ

ବେଙ୍ଗାଲୁରୁର ଫ୍ରିଡମ୍ ପାର୍କରେ ଆଜି ଅନୁଷ୍ଠିତ କକ୍ରୋଚ ଜନତା ପାର୍ଟି (ସିଜେପି) ବିକ୍ଷୋଭରେ ୟୁଟ୍ୟୁବର ଧ୍ରୁବ ରାଠୀ ଓ ଅଭିନେତା ପ୍ରକାଶ ରାଜ ମଧ୍ୟ ସାମିଲ ହୋଇଛନ୍ତି। ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପକେ ବିକ୍ଷୋଭରେ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। ଦିପକେ ନିର୍ବାଚନ ଆୟୋଗ ଓ କେନ୍ଦ୍ର ସରକାରଙ୍କୁ ନେଇ ଅଭିଯୋଗ କରିବା ସହ 'ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବାତିଲ କର' ଦାବି ଉଠାଇଥିଲେ। 'ଏକ ଦେଶ, ଏକ ନିର୍ବାଚନ' ନାରା ପଛରେ 'ଏକ ଦେଶ, ଏକ ଦଳ'ର ଉଦ୍ଦେଶ୍ୟ ରହିଥିବା ସେ ଅଭିଯୋଗ କରିଥିଲେ। ଏହା ସହ ସେ ବିଜେପି ଓ କଂଗ୍ରେସ ମଧ୍ୟରେ ୨୦୨୪ ନିର୍ବାଚନର ଭୋଟ ବ୍ୟବଧାନକୁ ନେଇ ମଧ୍ୟ ମତ ରଖିଥିଲେ। ଅଭିନେତା ପ୍ରକାଶ ରାଜ ନିର୍ବାଚନ ଆୟୋଗର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ, ପୂର୍ବରୁ ନୂଆ ଭୋଟରଙ୍କ ନାମ ଯୋଡ଼ିବା ପାଇଁ ଅଧିକାରୀମାନେ ଘରକୁ ଘର ବୁଲୁଥିଲେ। ଏବେ ନାମ ତାଲିକାରୁ ବାଦ ନପଡ଼ିବା ପାଇଁ ଭୋଟରଙ୍କୁ ଅଧିକାରୀଙ୍କ ନିକଟରେ ଅନୁରୋଧ କରିବାକୁ ପଡୁଛି। ପ୍ରକାଶ ରାଜ ଦାବି କରିଥିଲେ ଯେ, ଏହି ଆନ୍ଦୋଳନ କେବଳ ମୁଖ୍ୟ ନିର୍ବାଚନ କମିସନରଙ୍କ ପଦତ୍ୟାଗ ପାଇଁ ନୁହେଁ। ତାଙ୍କ ଦାବି ହେଉଛି ସଂଶୋଧନ ପ୍ରକ୍ରିୟା ବନ୍ଦ କରିବା ଏବଂ ଜ୍ଞାନେଶ କୁମାରଙ୍କ ବିରୋଧରେ ମାମଲା ରୁଜୁ କରିବା। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଥିଲେ। ସିଜେପି ପକ୍ଷରୁ ଅକ୍ଟୋବର ୧୦ରେ ଦିଲ୍ଲୀର ଯନ୍ତରମନ୍ତରରେ ମଧ୍ୟ ବିକ୍ଷୋଭ କରାଯିବାକୁ ଘୋଷଣା ହୋଇଛି। ଏହି ପ୍ରସଙ୍ଗକୁ ନେଇ ନିର୍ବାଚନ ଆୟୋଗର ଦୁଇ ନିର୍ବାଚନ କମିସନର ପୂର୍ବରୁ କିଛି ନିଷ୍ପତ୍ତି ଉପରେ ଆପତ୍ତି ଉଠାଇଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ବିକ୍ଷୋଭ ଆନ୍ଦୋଳନରେ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବକଯୁବତୀ ସାମିଲ ହୋଇଥିଲେ।



ଦିଲ୍ଲୀ



ବେଙ୍ଗାଲୁରୁ

ଦିଲ୍ଲୀ ଯନ୍ତରମନ୍ତରରେ ଆସନ୍ତା ୧୦ ତାରିଖରେ ହେବାକୁ ଥିବା ଆନ୍ଦୋଳନ ସଂପର୍କରେ କକ୍ରୋଚ୍ ନେତା କହିଛନ୍ତି ଯେ ସେଠାରେ ଧାରଣା ଦେବାଲାଗି କୌଣସି ଅନୁମତିର ଦରକାର ନାହିଁ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଯନ୍ତରମନ୍ତର ଉଦ୍ଦିଷ୍ଟ ଏବଂ ଏଥିଲାଗି ଦିଲ୍ଲୀର ପୁଲିସ ପ୍ରଶାସନକୁ ଜଣାଇ ଦିଆଯାଇଛି। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଯନ୍ତରମନ୍ତରରେ ଆନ୍ଦୋଳନ ହେବ ଏବଂ ଏହାକୁ କେହି ଅଟକାଇ ପାରିବେ ବୋଲି ସେମାନେ କହିଛନ୍ତି। ଆନ୍ଦୋଳନରେ ସାମିଲ ହେବାଲାଗି ଟ୍ରେନ ଓ ବିମାନରେ ଦିଲ୍ଲୀ ଆସିବା ଲାଗି ସେମାନେ ସମର୍ଥକମାନଙ୍କୁ ଆହ୍ୱାନ ଜଣାଇଛନ୍ତି।

ଇତିମଧ୍ୟରେ ଯନ୍ତରମନ୍ତରରେ ଆନ୍ଦୋଳନ ଲାଗି ପୁଲିସ ଅନୁମତି ଦେଉନଥିବାରୁ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ ଦାଖଲ କରାଯାଇଛି। ଯନ୍ତରମନ୍ତରରେ ଆନ୍ଦୋଳନ ଲାଗି ଅନୁମତି ଦେବାପାଇଁ ହୋଇଥିବା ଏହି ପିଟିସନକୁ ବିଚାର ପାଇଁ ଗ୍ରହଣ କରାଯାଇଛି। ଆସନ୍ତାକାଲି ଏହା ଉପରେ ଶୁଣାଣି କରିବାକୁ ରାଜି ହୋଇଛନ୍ତି ଦିଲ୍ଲୀ ହାଇକୋର୍ଟ।

ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ଦାବିରେ ଅକ୍ଟୋବର ୧୦ରେ ଦିଲ୍ଲୀର ଜନ୍ତରମନ୍ତରରେ ପ୍ରସ୍ତାବିତ କ।।କ୍ରୋଚ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନରେ ଯୋଗ ଦେଇପାରନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ତେବେ ଏନେଇ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନଥିବା ସେ କହିଛନ୍ତି। ଗୁରୁବାର ଦିଲ୍ଲୀ ଯିବା ପୂର୍ବରୁ ମମତା କହିଛନ୍ତି, ଆୟୋଜକଙ୍କ ଅନୁରୋଧ ଓ ବ୍ୟାପକ ଆନ୍ଦୋଳନ ପରିପ୍ରେକ୍ଷୀରେ ସେ ଯୋଗଦେବା କଥା ବିଚାର କରୁଛନ୍ତି। ପଶ୍ଚିମବଙ୍ଗର ଭୋଟର ତାଲିକା ସଂଶୋଧନ ଓ ନିର୍ବାଚନ ପ୍ରକ୍ରିୟାକୁ ନେଇ ସେ ନିର୍ବାଚନ କମିସନ ଏବଂ ବିଜେପି ବିରୋଧରେ ଅନିୟମିତତାର ଅଭିଯୋଗ ମଧ୍ୟ ଉଠାଇଛନ୍ତି। ଅକ୍ଟୋବର ୬ରେ ଦିଲ୍ଲୀରେ ହୋଇଥିବା ବିରୋଧ ପ୍ରଦର୍ଶନ ସମୟରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କ ସହ ପୁଲିସର ବ୍ୟବହାରକୁ ନେଇ ମଧ୍ୟ ମମତା ଆପତ୍ତି ଜଣାଇଛନ୍ତି। ଏହି ପ୍ରସଙ୍ଗରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ସହ ଦେଶର ବିଭିନ୍ନ ଦଳର ନେତାଙ୍କ ସମର୍ଥନ ଲୋଡ଼ିବେ ବୋଲି କହିଛନ୍ତି।

# କମିସନ ଚୁପ୍: ବିଜେପି ପରେ ଅଣ୍ଟା ଭିଡ଼ିଲେ ପୂର୍ବତନ ବିଚାରପତି

ନୂଆଦିଲ୍ଲୀ, ୮ ।୧୦(ଏଜେନ୍ସି): ନିର୍ବାଚନ ଆୟୋଗ ଓ ଅନ୍ୟ ସାମ୍ବିଧାନିକ ସଂସ୍ଥା ବିରୋଧରେ ଉଠୁଥିବା ଅଭିଯୋଗକୁ ନେଇ ୪୨ ଜଣ ପୂର୍ବତନ ବିଚାରପତି ଉଦ୍‌ବେଗ ପ୍ରକାଶ କରିଛନ୍ତି। 'ଭୋଟ ଚୋରି' ଭଳି ଅଭିଯୋଗ ପାଇଁ ଠୋସ୍ ପ୍ରମାଣ ଦେବା ଆବଶ୍ୟକ ବୋଲି ସେମାନେ ଏକ ଖୋଲା ଚିଠିରେ କହିବା ସହ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍ଆଇଆର୍)କୁ ସମର୍ଥନ କରିଛନ୍ତି। ଏହି ଚିଠିରେ ପୂର୍ବତନ ବିଚାରପତିମାନେ କହିଛନ୍ତି ଯେ, ନିର୍ବାଚନ ଆୟୋଗ ବିରୋଧରେ ଗୁରୁତର ଅଭିଯୋଗ ଆଣାଯାଉଛି, କିନ୍ତୁ 'ଭୋଟ ଚୋରି' ଦାବିକୁ ସମର୍ଥନ କରିବା ପାଇଁ ଠୋସ୍ ପ୍ରମାଣ ସାର୍ବଜନୀନ କରାଯାଇନାହିଁ। ଏସ୍ଆଇଆର୍‌କୁ ନେଇ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ବିଚାରାଧୀନ ରହିଛି। ଅକ୍ଟୋବର ୪ରେ ଏକ କାର୍ଯ୍ୟକ୍ରମରେ ବସିଥିବା ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ କହିଥିଲେ ଯେ, ଲକ୍ଷ ଲକ୍ଷ ନାଗରିକଙ୍କୁ ଭୋଟ ଦେବା ଅଧିକାରରୁ ବଞ୍ଚିତ କରୁଥିବା ଯେକୌଣସି ପ୍ରକ୍ରିୟା ମୌଳିକ ଭାବେ ଅନିୟମିତ ବୋଲି ବିବେଚିତ ହୋଇପାରେ। ଅନ୍ୟପକ୍ଷରେ, ପୂର୍ବତନ ସିଜେଆଇ ଜଷ୍ଟିସ୍ ବିଆର୍ ଗଭାଇ କହିଥିଲେ ଯେ, ବିଚାରାଧୀନ ମାମଲା ଉପରେ ବସିଥିବା ସୁପ୍ରିମକୋର୍ଟ ବିଚାରପତିଙ୍କ ସାର୍ବଜନୀନ ମନ୍ତବ୍ୟ ନ୍ୟାୟିକ ଶିଷ୍ଟାଚାର ସହ ସମଞ୍ଜସ ନୁହେଁ। ନିର୍ବାଚନ କମିସନର ନିଯୁକ୍ତି ସମ୍ପର୍କିତ ନୂଆ ଆଇନର ବୈଧତା ମଧ୍ୟ ସୁପ୍ରିମକୋର୍ଟରେ ବିଚାରାଧୀନ। ଅକ୍ଟୋବର ୫ରେ ଅଦାଲତ ଏହା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଦେବାକୁ ମନା କରିଥିଲେ ମଧ୍ୟ ନିର୍ବାଚନ ଆୟୋଗକୁ ନୋଟିସ୍ ଜାରି କରି ଜବାବ ମାଗିଥିଲେ। ନିଷ୍ପତ୍ତିଗୁଡ଼ିକ ସର୍ବସମ୍ମତି ବିନା ନିଆଯାଇଥିବା ପ୍ରମାଣିତ ହେଲେ ସେଗୁଡ଼ିକୁ ପ୍ରତ୍ୟାହାର କରାଯାଇପାରେ ବୋଲି ଅଦାଲତ କହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।



### ଏସ୍ଆଇଆର୍ ସମର୍ଥନରେ ୪୨ ଜଣଙ୍କ ଖୋଲା ଚିଠି



## ଛାତ୍ରଙ୍କ କଥା ଶୁଣନ୍ତୁ, ଲାଠିଚାର୍ଜ ସମାଧାନ ନୁହେଁ: ଯୋଶୀ

ନୂଆଦିଲ୍ଲୀ,୮ ।୧୦(ଏଜେନ୍ସି): ଛାତ୍ରଛାତ୍ରୀଙ୍କ ଯୁକ୍ତିସଙ୍ଗତ ଓ ନ୍ୟାୟସଙ୍ଗତ ଦାବିକୁ ସହାନୁଭୂତିର ସହ ଶୁଣିବା ଉଚିତ। ଛାତ୍ର ଆନ୍ଦୋଳନର ମୁକାବିଲା ପାଇଁ ଲାଠିଚାର୍ଜ କିମ୍ବା ବଳପ୍ରୟୋଗ ଉପଯୁକ୍ତ ପଦକ୍ଷେପ ନୁହେଁ ବୋଲି ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୁରଲୀ ମନୋହର ଯୋଶୀ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆରମ୍ଭ ହୋଇଥିବା ୨୧ତମ ଫିକି ଉଚ୍ଚଶିକ୍ଷା ସମ୍ମିଳନୀରେ ଯୋଗଦେଇ ଯୋଶୀ ଶିକ୍ଷା ବ୍ୟବସ୍ଥାର ଭୂମିକା ଉପରେ ମତ ରଖିଥିଲେ। ସେ କହିଥିଲେ, ଭାରତୀୟ ଶିକ୍ଷା ବ୍ୟବସ୍ଥାର ଲକ୍ଷ୍ୟ ହେଉଛି ମଣିଷର ଭୌତିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା। ସାମ୍ବାଦିକଙ୍କ ପ୍ରଶ୍ନରେ ସେ କହିଥିଲେ, ଛାତ୍ରମାନେ ଆମ ପିଲା। ସେମାନଙ୍କର ସମସ୍ୟା ଥିଲେ ପ୍ରଥମେ ତାହା ଶୁଣିବା ଆବଶ୍ୟକ। ଲାଠି ବ୍ୟବହାର କରି ସମସ୍ୟାର ସମାଧାନ କରାଯାଇପାରିବ ନାହିଁ। ସମ୍ମିଳନୀରେ ଯୋଶୀ 'ଏଆଇ ଯୁଗ ପାଇଁ ଭାରତୀୟ ଉଚ୍ଚଶିକ୍ଷାର ପ୍ରସ୍ତୁତି' ଶୀର୍ଷକ ରିପୋର୍ଟ ମଧ୍ୟ ଉନ୍ମୋଚନ କରିଥିଲେ।



## ଦିଲ୍ଲୀରେ ୪ ମହଲା କୋଠା ଭୁଶୁଡ଼ି ୪ ମୃତ

ନୂଆଦିଲ୍ଲୀ,୮ ।୧୦(ଏଜେନ୍ସି): ଦିଲ୍ଲୀର ସୀମାପୁରୀ ଅଞ୍ଚଳରେ ମାଛ ବଜାର ନିକଟରେ ଏକ ୪ ମହଲା କୋଠା ଭୁଶୁଡ଼ି ୪ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଧ୍ୱଂସାବଶେଷ ମଧ୍ୟରୁ ଆଉ ଜଣଙ୍କ ମୃତଦେହ ଉଦ୍ଧାର ପରେ ମୃତ୍ୟୁସଂଖ୍ୟା ୪ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରେ ଜଣେ ପ୍ରାୟ ୪ ମାସର ଗର୍ଭବତୀ ମହିଳା ଓ ୨ ଶିଶୁ ଅଛନ୍ତି। ବୁଧବାର ଅପରାହ୍ଣ ପ୍ରାୟ ୩ଟା ୧୦ରେ ଇଦ୍‌ଗାହ ମସଜିଦ ନିକଟସ୍ଥ ଏହି କୋଠା ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଘଟଣା ସମୟରେ ପ୍ରଥମ ମହଲାରେ ଗୋଟିଏ ପରିବାରର ୪-୫ ଜଣ ସଦସ୍ୟ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷରୁ ୭ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଆହତ ୮ ଜଣଙ୍କୁ ରାଜୀବ ଗାନ୍ଧୀ ସୁପର ସ୍ପେସିଆଲିଟି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପୁଲିସ, ଦମକଳ, ଏମ୍‌ସିଡି ଓ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରାୟ ୪୦-୫୦ ବର୍ଷ ପୁରୁଣା ଏହି କୋଠାର ତଳ ମହଲାରେ ଦୋକାନ ଥିବା ଜଣାପଡ଼ିଛି। ଘଟଣାସ୍ଥଳ ଆଖପାଖ ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିବାରୁ ଲୋକଙ୍କୁ ଅଞ୍ଚଳକୁ ନଯିବାକୁ ପୁଲିସ ପରାମର୍ଶ ଦେଇଛି। ମଙ୍ଗଳବାର ରାତିରେ ଉତ୍ତରାଖଣ୍ଡରେ ଭୂକମ୍ପ ପରେ ଦିଲ୍ଲୀ-ଏନ୍‌ସିଆର୍‌ରେ ଅନୁଭୂତ ହୋଇଥିବା କମ୍ପନ ଯୋଗୁଁ କୋଠାରେ ଫାଟ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତେବେ କୋଠା ଭୁଶୁଡ଼ିବାର ପ୍ରକୃତ କାରଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଅଧିକାରୀମାନେ କହିଛନ୍ତି।

# ସାଉଦି ବିମାନବନ୍ଦରରେ ହୁତି ଆକ୍ରମଣ; ୩ ମୃତ

ରିୟାଦ,୮ ।୧୦(ଏଜେନ୍ସି): ସାଉଦି ଆରବର ଦୁଇଟି ପ୍ରମୁଖ ବିମାନବନ୍ଦରକୁ ହୁତି ବିଦ୍ରୋହୀଙ୍କ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଓ ୩୬ ଜଣ ଆହତ ହୋଇଛନ୍ତି। ସାଉଦି ସାଧାରଣ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଅକ୍ଟୋବର ୬ ଓ ୭ରେ ଅଭା ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ରିୟାଦର କିଙ୍ଗ ଖାଲିଦ୍ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲକ୍ଷ୍ୟ କରି ଆକ୍ରମଣ ହୋଇଥିଲା। ହୁତି ସଂଗଠନ ଉଭୟ ଆକ୍ରମଣର ଦାୟିତ୍ୱ ନେଇଛି। ଅଭା ବିମାନବନ୍ଦରରେ ମୋରୋକ୍କୋ ଓ ଆଲଜେରିଆର ଦୁଇ ମହିଳା ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। କିଙ୍ଗ ଖାଲିଦ୍ ବିମାନବନ୍ଦରରେ ସୁଦାନର ଜଣେ ନାଗରିକଙ୍କ ମୃତ୍ୟୁ ଓ ୮ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି। ହୁତି ସାମରିକ ମୁଖପାତ୍ର ୟାହ୍ୟା ସାରି ଦାବି କରିଛନ୍ତି ଯେ, କିଙ୍ଗ ଖାଲିଦ୍ ବିମାନବନ୍ଦର ସହ ରାବିଘ୍‌ସ୍ଥିତ ଆରାମକୋ ତୈଳ ବିଶୋଧନାଗାର, ଅଭା ବିମାନବନ୍ଦର ଓ ଅନ୍ୟାନ୍ୟ ସାମରିକ ଠିକଣାକୁ ଡ୍ରୋନ୍ ଓ କ୍ଷେପଣାସ୍ତ୍ରରେ ଆକ୍ରମଣ କରାଯାଇଛି। ଆରାମକୋ ବିଶୋଧନାଗାରରେ ଅଗ୍ନିକାଣ୍ଡ ଘଟିଥିବା ମଧ୍ୟ ସେ ଦାବି କରିଛନ୍ତି। ଏହାର ପ୍ରତିଜବାବରେ ସାଉଦି ନେତୃତ୍ୱାଧୀନ ମେଣ୍ଟ ୟେମେନ୍‌ରେ ହୁତିଙ୍କ ୮୦ରୁ ଅଧିକ ସାମରିକ ଠିକଣା ଉପରେ ଆକ୍ରମଣ କରିଥିବା ଜଣାପଡ଼ିଛି। ରିୟାଦ ଉପରେ ଆକ୍ରମଣ ପାଇଁ ବ୍ୟବହୃତ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ମଞ୍ଚକୁ ସାନାରେ ଧ୍ୱଂସ କରାଯାଇଥିବା ମେଣ୍ଟ ପକ୍ଷରୁ କୁହାଯାଇଛି। ଏହି ଘଟଣା ମଧ୍ୟରେ ୟେମେନ୍‌ରେ ହୁତି ଓ ସରକାରୀ ବାହିନୀ ମଧ୍ୟରେ ସଂଘର୍ଷ ମଧ୍ୟ ତୀବ୍ର ହୋଇଛି। ସାଉଦି ସମର୍ଥିତ ୟେମେନ୍ ସେନା ଅକ୍ଟୋବର ୫ରେ ପ୍ରତିଆକ୍ରମଣ ଆରମ୍ଭ କରି ବାବ୍ ଅଲ୍-ମାନ୍ଦେବ୍ ନିକଟ ଧୁବାବ୍ ସମେତ କେତେକ ଅଞ୍ଚଳ ପୁନଃଦଖଲ କରିଥିବା ଦାବି କରିଛି। ହୁତି ପକ୍ଷରୁ ମଧ୍ୟ ସରକାରୀ ବାହିନୀର ୧୧ଟି ଠିକଣାକୁ କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଥିବା ଦାବି କରାଯାଇଛି। ସୁରକ୍ଷା ପରିସ୍ଥିତି ଦୃଷ୍ଟିରୁ ଏୟାର ଇଣ୍ଡିଆ, ଇଣ୍ଡିଗୋ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ରିୟାଦ ଯାଉଥିବା ଏବଂ ଆସୁଥିବା ବିମାନ ଅକ୍ଟୋବର ୧୦ ପର୍ଯ୍ୟନ୍ତ ବାତିଲ କରିଛନ୍ତି। ପ୍ରଭାବିତ ଯାତ୍ରୀଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କିମ୍ବା ବିନା ଶୁଳ୍କରେ ଯାତ୍ରା ପୁନଃନିର୍ଦ୍ଧାରଣ ସୁବିଧା ଦିଆଯିବ।

### ୟେମେନ୍‌ରେ ୮୦ରୁ ଅଧିକ ହୁତି ଠିକଣା ଉପରେ ସାଉଦି ମେଣ୍ଟର ପ୍ରତିଆକ୍ରମଣ





# ଲକ୍ଷ୍ନୌରେ ଭୀଷଣ ବର୍ଷା; ମଲ୍‌ରେ ପଶିଲା ପାଣି

ନୂଆଦିଲ୍ଲୀ,୮ ।୧୦(ଏଜେନ୍ସି): ଉତ୍ତର ଭାରତରେ ପୁଣି ବିଗିଡ଼ିଛି ପାଣିପାଗ। ଉତ୍ତରପ୍ରଦେଶର ଲକ୍ଷ୍ନୌ ୫ଟି ସହରରେ ଗୁରୁବାର ସକାଳଠାରୁ ବର୍ଷା ଲାଗି ରହିଛି। ଲକ୍ଷ୍ନୌ, ବାରାବଙ୍କି, ସୀତାପୁର ଓ ସୁଲତାନପୁରରେ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ଗୋମତୀ ନଦୀର ଜଳସ୍ତର କ୍ରମାଗତ ଦଶମ ଦିନ ପାଇଁ ବଢ଼ିଚାଲିଥିବା ବେଳେ ପ୍ଲାସିଓ ମଲ୍ ଚାରିପାଖରେ ବର୍ଷାଜଳ ଜମିଯାଇଛି। ଉତ୍ତରପ୍ରଦେଶର ୪୨ଟି ଜିଲ୍ଲାରେ ଆଜି ବର୍ଷା ନେଇ ସତର୍କତା ଜାରି ହୋଇଛି। ଲଗାଣ ବର୍ଷା ଓ ନଦୀଜଳ ବୃଦ୍ଧି ଯୋଗୁଁ କେତେକ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ଦେଖାଦେଇଛି। ବିହାରର ୨୬ଟି ଜିଲ୍ଲା ପାଇଁ ବର୍ଷା ସହ ବଜ୍ରପାତର ଆଶଙ୍କା ଥିବାରୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପକ୍ଷରେ, ରାଜ୍ୟର ୬ଟି ଜିଲ୍ଲାର ପ୍ରାୟ ୪୬୬ଟି ଗାଁ ଏବେ ବି ବନ୍ୟା ପ୍ରଭାବିତ ରହିଛି। ବନ୍ୟା ଯୋଗୁଁ ପ୍ରାୟ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ଉତ୍ତରାଖଣ୍ଡର ୮ଟି ଜିଲ୍ଲାରେ ବୁଧବାର ବର୍ଷା ସହ ଜୋରଦାର ପବନ ବହିଥିଲା। ସରିଗାଡ଼ ନିକଟରେ ଭୂସ୍ଖଳନ ଯୋଗୁଁ ଯମୁନୋତ୍ରୀ ଜାତୀୟ ରାଜପଥ ଅବରୋଧ ହୋଇଛି। ଚମୋଲିରେ ପ୍ରବଳ ତୁଷାରପାତ ଯୋଗୁଁ ହେମକୁଣ୍ଡ ସାହିବ ଅଞ୍ଚଳ ବରଫରେ ଆଚ୍ଛାଦିତ ହୋଇଛି। ସେପଟେ ହିମାଚଳପ୍ରଦେଶର ଶିମ୍ଲାର ସଞ୍ଜୌଲି-ଢଲ୍ଲୀ ବାଇପାସ୍ ନିକଟରେ ଭୂସ୍ଖଳନ ଘଟିଥିବା ବେଳେ ଏକ କାର୍ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଛତିଶଗଡ଼ର ଦୁର୍ଗରେ ମଧ୍ୟ ବୁଧବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସହ କୁଆପଥର ବର୍ଷା ହୋଇଥିଲା। ରାଜସ୍ଥାନରେ ଅକ୍ଟୋବର ୧୨ ପରେ ରାତିର ତାପମାତ୍ରା କମିବା ସହ ପାଗ ଥଣ୍ଡା ହେବାର ଆଶଙ୍କା ରହିଛି। ଅକ୍ଟୋବର ୧୧ ଓ ୧୨ ତାରିଖରେ ପଶ୍ଚିମା ଝଡ଼ର ପ୍ରଭାବରେ ରାଜ୍ୟର ଉତ୍ତର-ପଶ୍ଚିମ ଜିଲ୍ଲାଗୁଡ଼ିକର କେତେକ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ହୋଇପାରେ। ଦେଶର ବିଭିନ୍ନ ଅଞ୍ଚଳରେ ବର୍ଷା, ବନ୍ୟା, ଭୂସ୍ଖଳନ ଓ ତୁଷାରପାତ ଯୋଗୁଁ ପାଣିପାଗରେ ବଡ଼ ପରିବର୍ତ୍ତନ ଦେଖାଦେଇଛି। ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ପ୍ରଶାସନ ପକ୍ଷରୁ ସତର୍କତା ଜାରି ରଖାଯାଇଛି।

### ୟୁପିର ୪୨ ଜିଲ୍ଲାକୁ ବର୍ଷା ସତର୍କତା, ବିହାରର ୪୬୬ ଗାଁ ବନ୍ୟାଘେରରେ

# ପୁଣି ଅନ୍ତର୍ଜାତୀୟ ମଞ୍ଚରେ ଭିକେ ପାଣ୍ଡିଆନ

## ହାର୍ଭାର୍ଡ କେନେଡି ସ୍କୁଲରେ ସାର୍ବଜନୀନ ନୀତି ଓ ଶାସନ ଉପରେ ଆଲୋଚନା





### ଓଡ଼ିଶାର ପ୍ରଶାସନିକ ରୂପାନ୍ତର ଅଭିଜ୍ଞତା ଓ ୫-ଟି ଉପକ୍ରମ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୮।୧୦ (ସମିସ): ପୁଣିଥରେ ଆନ୍ତର୍ଜାତୀୟ ମଞ୍ଚରେ ଚର୍ଚ୍ଚାର ପରିଧିରେ ରହିଛନ୍ତି ପୂର୍ବତନ ଆଇଏଏସ୍ ତଥା ପୂର୍ବ '୫-ଟି' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ। ଆମେରିକାର ହାର୍ଭାର୍ଡ କେନେଡି ସ୍କୁଲରେ ସାର୍ବଜନୀନ ନୀତି ଓ ଏକ ଉତ୍ତରଦାୟୀ ପ୍ରଶାସନରେ '୫-ଟି' ଉପକ୍ରମ ସମ୍ପର୍କରେ ଆଭିମୁଖ୍ୟ ଉପସ୍ଥାପନ କରିଛନ୍ତି। ଅକ୍ଟୋବର ୬ରେ ହାର୍ଭାର୍ଡ କେନେଡି ସ୍କୁଲରେ ପ୍ରଫେସର ଜେଫ୍ରି ଲିବମ୍ୟାନଙ୍କ ସହ ପାଣ୍ଡିଆନ ପ୍ରାୟ ଏକ ଘଣ୍ଟା ଧରି ଆଲୋଚନା କରିଛନ୍ତି। ଏହି ଅବସରରେ ସାର୍ବଜନୀନ ନୀତି, ଶାସନ ବ୍ୟବସ୍ଥା, ପ୍ରଶାସନିକ ନବସୃଜନ ଏବଂ ତୃଣମୂଳସ୍ତରରେ ସରକାରୀ ସେବା ପହଞ୍ଚାଇବା ଭଳି ବିଷୟ ଆଲୋଚନାରେ ସ୍ଥାନ ପାଇଥିବା ଜଣାପଡ଼ିଛି। ଓଡ଼ିଶାରେ ପ୍ରଶାସନିକ ସଂସ୍କାର ଓ ଏକ ଉତ୍ତରଦାୟୀ ସରକାରୀ ବ୍ୟବସ୍ଥା କାର୍ଯ୍ୟାନ୍ୱୟନରେ ତାଙ୍କ ଅଭିଜ୍ଞତା ମଧ୍ୟ ଏହି ଆଲୋଚନାରେ ସ୍ଥାନ ପାଇଛି।

ଓଡ଼ିଶାରେ ଜଣେ ପ୍ରଶାସନିକ ଅଧିକାରୀ ଭାବରେ ଶ୍ରୀ ପାଣ୍ଡିଆନଙ୍କ ପ୍ରଶାସନିକ ଭୂମିକା ସହ ୫ଟି ଉପକ୍ରମ ବିଶେଷ ଭାବେ ଜଡ଼ିତ । '୫ଟି'ର ମୁଖ୍ୟ ଲକ୍ଷ୍ୟ ଥିଲା ପ୍ରଯୁକ୍ତି, ସ୍ୱଚ୍ଛତା, ଦଳଗତ କାର୍ଯ୍ୟ, ସମୟସୀମା ଓ ରୂପାନ୍ତରଣକୁ ପ୍ରଶାସନିକ କାର୍ଯ୍ୟଧାରାରେ ସାମିଲ କରିବା। ଏହା ମାଧ୍ୟମରେ ସରକାରୀ ସେବା ପ୍ରଦାନରେ ପ୍ରଯୁକ୍ତିର ବ୍ୟବହାର, ଅଭିଯୋଗର ତ୍ୱରିତ ସମାଧାନ ଏବଂ ବିଭିନ୍ନ ବିଭାଗର କାର୍ଯ୍ୟକୁ ଅଧିକ ସମୟବଦ୍ଧ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କ୍ରୀଡ଼ା, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ର, ଧାର୍ମିକ ପ୍ରତିଷ୍ଠାନର ରୂପାନ୍ତରଣ ସହ ଐତିହ୍ୟସ୍ଥଳୀର ବିକାଶ ଏବଂ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପରେ ଏହି ପ୍ରଶାସନିକ ମଡେଲ୍‌ର ପ୍ରୟୋଗ ହୋଇଥିଲା। ମୋ ସ୍କୁଲ୍ ଅଭିଯାନ ମାଧ୍ୟମରେ ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ସୁଧାର, ସ୍ମାର୍ଟ କ୍ଲାସ୍‌ରୁମ୍, ବିଜ୍ଞାନାଗାର, କ୍ରୀଡ଼ା ଓ ଅନ୍ୟାନ୍ୟ ସୁବିଧାର ବିକାଶକୁ ଗୁରୁତ୍ୱ ମିଳିଥିଲା। ଏହା ସହ ବିଭିନ୍ନ ଜିଲ୍ଲା ଓ ସହରରେ ସରକାରୀ ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର ରୂପାନ୍ତରଣ କାର୍ଯ୍ୟ ମଧ୍ୟ ଆଗକୁ ବଢ଼ିଥିଲା। 'ମୋ ସରକାର' ମାଧ୍ୟମରେ ତୃଣମୂଳସ୍ତରରେ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ ହୋଇଥିଲା। 'ମୋ ସରକାର' ଓ ୫ଟି ଭଳି ପଦକ୍ଷେପ ମାଧ୍ୟମରେ ସରକାରୀ ଯୋଜନାର ଲାଭ ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ, ତାହା ଉପରେ ଫିଡ୍‌ବ୍ୟାକ୍ ନେବା ଏବଂ ପ୍ରଶାସନିକ ଉତ୍ତରଦାୟିତ୍ୱ ବଢ଼ାଇବା ଉପରେ ଜୋର ଦିଆଯାଇଥିଲା। ଏହି ପ୍ରଶାସନିକ ପଦକ୍ଷେପଗୁଡ଼ିକ ଓଡ଼ିଶାରେ ସରକାରୀ ସେବା ଓ ଭିତ୍ତିଭୂମିର ରୂପାନ୍ତର ସହ ଜଡ଼ିତ ଥିଲା।

ଚଳିତ ବର୍ଷ ଜୁଲାଇରେ ଭୂମିକମ୍ପରେ ପ୍ରଭାବିତ ଭେନେଜୁଏଲା ଗସ୍ତ କରି ପାଣ୍ଡିଆନ ବିପର୍ଯ୍ୟୟ ପରବର୍ତ୍ତୀ ଉଦ୍ଧାର, ରିଲିଫ୍, ପୁନରୁଦ୍ଧାର ଓ ପୁନର୍ବାସ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। ପ୍ରଭାବିତ ଅଞ୍ଚଳ ବୁଲିବା ସହ ଉଦ୍ଧାରକାରୀ ଦଳ, ଅଧିକାରୀ ଓ ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିଥିଲେ। ପରେ ଭେନେଜୁଏଲାର ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗେଜ୍‌ଙ୍କ ସହ ମଧ୍ୟ ତାଙ୍କର ସାକ୍ଷାତ ହୋଇଥିଲା। ଏହି ସମୟରେ ଓଡ଼ିଶା ଓ ଭାରତର ବିପର୍ଯ୍ୟୟ ପରିଚାଳନା ଅଭିଜ୍ଞତା ସମ୍ପର୍କରେ ସେ ଅବଗତ କରାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ବିଶେଷକରି ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶାର ଆଗୁଆ ସତର୍କ ସୂଚନା, ବ୍ୟାପକ ସ୍ଥାନାନ୍ତରଣ, ଆଶ୍ରୟସ୍ଥଳ ବ୍ୟବସ୍ଥା ଏବଂ ତୃଣମୂଳସ୍ତରରେ ପ୍ରସ୍ତୁତିକୁ ନେଇ ଆନ୍ତର୍ଜାତୀୟ ସ୍ତରରେ ଆଲୋଚନା ହୋଇଆସିଛି। ୧୯୯୯ ମହାବାତ୍ୟା ପରେ ଓଡ଼ିଶା ଏହି କ୍ଷେତ୍ରରେ ନିଜର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିଥିଲା। ଭେନେଜୁଏଲାରେ ଏହି ଅଭିଜ୍ଞତାର ଆଦାନପ୍ରଦାନ ପରେ ଏବେ ହାର୍ଭାର୍ଡରେ ଶାସନ ଓ ସାର୍ବଜନୀନ ନୀତି ଉପରେ ଆଲୋଚନା ତାଙ୍କର ପ୍ରଶାସନିକ ଅଭିଜ୍ଞତାକୁ ପୁଣି ଆନ୍ତର୍ଜାତୀୟ ଚର୍ଚ୍ଚାର ପରିସରକୁ ଆଣିଛି।

---

ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ପାଇଁ 'ପ୍ରୟାସ'

# ସମସ୍ୟା ଚିହ୍ନଟ ଓ ସମାଧାନ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ



ଭୁବନେଶ୍ୱର,୮।୧୦(ସମିସ): ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରବାର ରାଜ୍ୟର ସାମାଜିକ କ୍ଷେତ୍ରର ସମସ୍ୟା ସମାଧାନ ଏବଂ ଉନ୍ନତି ପାଇଁ ଏକ ଉଚ୍ଚସ୍ତରୀୟ 'ପ୍ରୟାସ' ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାମାଜିକ କ୍ଷେତ୍ରର ବିଭିନ୍ନ ଜଟିଳ ସମସ୍ୟାଗୁଡ଼ିକୁ ତୃଣମୂଳ ସ୍ତରରେ ଅନୁଧ୍ୟାନ କରି ସେଗୁଡ଼ିକର ସ୍ଥାୟୀ ତଥା ତ୍ୱରିତ ସମାଧାନ ପାଇଁ ଏକ ସୁଦୃଢ଼ ଓ ଗଠନମୂଳକ ପ୍ଲାଟଫର୍ମର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକାରିତାକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଏବଂ ଗୁଣାତ୍ମକ ଶିକ୍ଷା ତିନୋଟି କ୍ଷେତ୍ର ମାଧ୍ୟମରେ ହିଁ ଏକ ମଜବୁତ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ସଂପୃକ୍ତ ବିଭାଗଗୁଡ଼ିକୁ ଅଧିକ ତତ୍ପର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ସହ ଜଡ଼ିତ ଏହି କ୍ଷେତ୍ରଗୁଡ଼ିକର କାର୍ଯ୍ୟଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ବୈଠକରେ ମାତୃ ମୃତ୍ୟୁ ହାରକୁ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଦୃଢ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହା ସହିତ ଶିଶୁ ମୃତ୍ୟୁ ହାର ତଥା ନବଜାତ ଶିଶୁ ମୃତ୍ୟୁହାର କମାଇବାର ଲକ୍ଷ୍ୟକୁ ଏକ ଅଭିଯାନ ସ୍ୱରୂପ ଗ୍ରହଣ କରି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଛନ୍ତି। ଶିଶୁମାନଙ୍କ ମଧ୍ୟରେ ଦେଖାଯାଉଥିବା ପୁଷ୍ଟିହୀନତା ଯୋଗୁଁ ଷ୍ଟଣ୍ଟିଂ ଏବଂ ୱେଷ୍ଟିଂ ପରି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏହିସବୁ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବା ପାଇଁ 'ସୁପୋଷିତ ଓଡ଼ିଶା' ଅଭିଯାନକୁ ଅଧିକ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାଫଳରେ ମା' ଏବଂ ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବହୁବିଧ ଉନ୍ନତି ପରିଲକ୍ଷିତ ହୋଇପାରିବ। ଏହା ସହିତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ପ୍ରଦାନ କରାଯାଉଥିବା ଖାଦ୍ୟ ଓ ପୁଷ୍ଟିକର ସାମଗ୍ରୀର ମାନ ତଥା ନିରିକ୍ଷଣ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଶିକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରାଥମିକ ସ୍ତରରୁ ହିଁ ପିଲାଙ୍କ ମୌଳିକ ଶିକ୍ଷାର ମାନରେ ବୃଦ୍ଧି କରିବା ପାଇଁ ସମସ୍ତ ଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି। ଏଥିସହିତ ଶିକ୍ଷକମାନେ ଶିକ୍ଷାଦାନ ଏବଂ ଶିକ୍ଷାର ମୂଳ କାର୍ଯ୍ୟକ୍ରମଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ଧ୍ୟାନ କେନ୍ଦ୍ରିତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଗତ ମାନ ବୃଦ୍ଧି ପାଇବ ବୋଲି ଆଶାପୋଷଣ ମଧ୍ୟ କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍., ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଏନ୍. ତିରୁମାଲା ନାଏକ ଏବଂ ସମନ୍ୱିତ ଶିଶୁ ବିକାଶ ଓ ସମାଜ କଲ୍ୟାଣର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ପ୍ରମୁଖ ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

---

ଅତ୍ୟାଚାରର ଶେଷ ପରିଣତି ମୃତ୍ୟୁ

# ସ୍ୱାମୀ ହତ୍ୟା ଅଭିଯୋଗରେ ସ୍ତ୍ରୀ, ପୁଅ ଓ ଝିଅ ଅଟକ

- ନିଶାସକ୍ତ ସ୍ୱାମୀଙ୍କ ଅତ୍ୟାଚାରରେ ଅତିଷ୍ଠ ଥିଲେ ପରିବାର
- ଶୋଇଥିବା ବେଳେ ହତ୍ୟା ଅଭିଯୋଗ



କେନ୍ଦ୍ରାପଡ଼ା/ଆଳି,୮।୧୦(ସମିସ): ଦୀର୍ଘଦିନର ପାରିବାରିକ ହିଂସାର ଅଭିଯୋଗ ଶେଷରେ ଭୟଙ୍କର ପରିଣତି ନେଇଛି। ନିଶାସକ୍ତ ସ୍ୱାମୀଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ସ୍ତ୍ରୀ, ପୁଅ ଓ ଝିଅ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିବା ନେଇ ଆଳି ଥାନାରେ ଅଭିଯୋଗ ହୋଇଥିବାବେଳେ ପୁଲିସ ସ୍ତ୍ରୀ, ପୁଅ ଓ ଝିଅଙ୍କୁ ଅଟକ ରଖି ତଦନ୍ତ କରୁଛି। ଆଳି ବ୍ଲକ ଅନ୍ତର୍ଗତ ଚଣ୍ଡିଆଗଡ଼ି ପଞ୍ଚାୟତର ମାଳପାଟଣା ଗ୍ରାମରେ ଘଟିଥିବା ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ମୃତକ ନିରଞ୍ଜନ ସାହୁ। ସେ ପେସାରେ ଜଣେ ଚାଳକ ଥିଲେ। ପୂର୍ବରୁ ଆମ୍ବୁଲାନ୍ସ ଚାଳକ ଭାବେ କାମ କରୁଥିବା ନିରଞ୍ଜନ ନିଶାସକ୍ତ ହୋଇପଡ଼ିବାରୁ କାମ ହରାଇଥିବା ପରିବାର ପକ୍ଷରୁ କୁହାଯାଇଛି। ପରେ ବିଭିନ୍ନ ଗାଡ଼ି ଚଳାଇ ଜୀବିକା ନିର୍ବାହ କରୁଥିଲେ। ହେଲେ ନିଶା ଅଭ୍ୟାସ ଯୋଗୁଁ ପରିବାରରେ ଅଶାନ୍ତି ଲାଗି ରହୁଥିବା ଅଭିଯୋଗ ହୋଇଛି।

ପରିବାରର ସୂଚନା ଅନୁଯାୟୀ, ନିରଞ୍ଜନ ପ୍ରାୟ ପ୍ରତିଦିନ ମଦ୍ୟପାନ କରି ଘରକୁ ଫେରୁଥିଲେ। ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ମନୋରମା ସାହୁ ଓ ପିଲାଙ୍କୁ ମାରଧର କରିବା ସହ ନିର୍ଯାତନା ଦେଉଥିଲେ। ଅତ୍ୟାଚାର ସହି ନ ପାରି ବଡ଼ ଝିଅ ଘର ଛାଡ଼ି ଚାଲିଯାଇଛି। ପରିବାରର ଆର୍ଥିକ ସ୍ଥିତି ମଧ୍ୟ ଭଲ ନଥିଲା। ସ୍ୱାମୀଙ୍କ ଉପରେ ନିର୍ଭର ନ କରି ମନୋରମା ନିକଟସ୍ଥ ଏକ ହୋଟେଲରେ ବାସନ ମାଜି ପରିବାର ଚଳାଉଥିଲେ। ସେହି ରୋଜଗାରରେ ସାନ ଝିଅର ପାଠପଢ଼ା ଖର୍ଚ୍ଚ ମଧ୍ୟ ତୁଲାଉଥିବାବେଳେ ପୁଅ ଅର୍ଥାଭାବରୁ ପାଠପଢ଼ା ଛାଡ଼ି କାମଧନ୍ଦା କରୁଥିବା ଜଣାପଡ଼ିଛି। ପାରିବାରିକ ନିର୍ଯାତନା ନେଇ ବର୍ଷକ ତଳେ ମନୋରମା ଆଳି ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ନିରଞ୍ଜନଙ୍କୁ ପ୍ରାୟ ୬ ମାସ ଜେଲ୍ ମଧ୍ୟ ଯିବାକୁ ପଡ଼ିଥିଲା। ଜେଲରୁ ଫେରିବା ପରେ ତାଙ୍କ ବ୍ୟବହାର ଆହୁରି ହିଂସ୍ର ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣା ଦିନ ରାତିରେ ମଧ୍ୟ ନିରଞ୍ଜନ ମଦ୍ୟପାନ କରି ଘରକୁ ଆସି ସ୍ତ୍ରୀ ଓ ପିଲାଙ୍କୁ ମାରଧର କରିଥିଲେ। ପରେ ନିଶାସକ୍ତ ଅବସ୍ଥାରେ ଶୋଇପଡ଼ିଥିବାବେଳେ ମନୋରମା ଓ ତାଙ୍କ ପୁଅ-ଝିଅ ମିଶି ତାଙ୍କୁ ହତ୍ୟା କରିଥିବା ନେଇ ପୁଲିସ ତଦନ୍ତ କରୁଛି। ମନୋରମା ନିଜେ ଥାନାରେ ଘଟଣା ସମ୍ପର୍କରେ ସ୍ୱୀକାରୋକ୍ତି ଦେଇଥିବା ଜଣାପଡ଼ିଛି। ହତ୍ୟା ପରେ ନିରଞ୍ଜନଙ୍କ ମୃତଦେହ ଘର ସମ୍ମୁଖରେ ପଡ଼ିଥିବା ଅବସ୍ଥାରେ ମିଳିଥିଲା। ଖବର ପାଇ ଆଳି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସାଇଣ୍ଟିଫିକ୍ ଟିମ୍ ବିଭିନ୍ନ ନମୁନା ଓ ପ୍ରମାଣ ସଂଗ୍ରହ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ନିରଞ୍ଜନଙ୍କ ବାପା ନିଜ ପୁଅର ମୃତ୍ୟୁ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ଦାବି କରିଛନ୍ତି। ଆଳି ପୁଲିସ ମୃତକଙ୍କ ସ୍ତ୍ରୀ, ପୁଅ ଓ ଝିଅଙ୍କୁ ଥାନାରେ ରଖି ପଚରାଉଚରା କରୁଛି।

---

# ମେଲାଣି ନେଲା ମୌସୁମୀ

ଭୁବନେଶ୍ୱର,୮।୧୦(ସମିସ): ଓଡ଼ିଶାରୁ ମେଲାଣି ନେଇଛି ମୌସୁମୀ। ଗୁରୁବାର ଓଡ଼ିଶାର ବରଗଡ଼, ସୁନ୍ଦରଗଡ଼, ଓ ଝାରସୁଗୁଡ଼ା ଜିଲ୍ଲାର କିଛି ଅଞ୍ଚଳରୁ ମୌସୁମୀ ବାୟୁ ଅପସାରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମହାରାଷ୍ଟ୍ରର ସମସ୍ତ ଅଞ୍ଚଳରୁ ଆଜି ସୁଦ୍ଧା ମୌସୁମୀ ବାୟୁସମ୍ପୂର୍ଣ୍ଣ ରୂପେ ଅପସାରିତ ହୋଇଯାଇଛି। ଏହା ସହିତ ଓଡ଼ିଶା, ଗୋଆ, କର୍ଣ୍ଣାଟକ ଓ ତେଲେଙ୍ଗାନାର କେତେକ ଅଞ୍ଚଳ ଏବଂ ଝାଡ଼ଖଣ୍ଡ ଓ ଛତିଶଗଡ଼ର ଆଉ କିଛି ଅଂଶରୁରୁ ମୌସୁମୀ ବିଦାୟ ନେଇଛି। ଆଗାମୀ ୩ ରୁ ୪ ଦିନ ମଧ୍ୟରେ ପୂର୍ବ ଭାରତ ଏବଂ ଉତ୍ତର ଉପଦ୍ୱୀପର ଆଉ କିଛି ଅଂଶ ଏବଂ ଉତ୍ତର-ପୂର୍ବ ଭାରତର ଅନେକ ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେବା ପାଇଁ ପାଗ ଅନୁକୂଳ ରହିଛି। ଏହା ଫଳରେ ଆଗାମୀ ଦିନରେ ଏହିସବୁ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ଜୁନ୍ ୧୨ ତାରିଖରେ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିଥିଲା। ପ୍ରଥମେ ଉପକୂଳ ଓ ଉତ୍ତର ଓଡ଼ିଶାର କିଛି ଅଞ୍ଚଳରେ ମୌସୁମୀ ପହଞ୍ଚିଥିଲା। ପରବର୍ତ୍ତୀ ସମୟରେ ଏହା ରାଜ୍ୟର ଅନ୍ୟ ଅଞ୍ଚଳକୁ ଅଗ୍ରସର ହୋଇଥିଲା ଏବଂ ଜୁନ୍ ୨୩ ସୁଦ୍ଧା ସମଗ୍ର ଓଡ଼ିଶାକୁ ମୌସୁମୀ ଆବରଣ କରିଥିଲା। ସାଧାରଣତଃ ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀର ପ୍ରତ୍ୟାବର୍ତ୍ତନ ସେପ୍ଟେମ୍ବର ମଧ୍ୟଭାଗରୁ ଉତ୍ତର-ପଶ୍ଚିମ ଭାରତରୁ ଆରମ୍ଭ ହୋଇଥାଏ। ଅକ୍ଟୋବର ୧୦-୧୫ ମଧ୍ୟରେ ମୌସୁମୀ ଓଡ଼ିଶା ଛାଡ଼ିଥାଏ। ଆଇଏମ୍‌ଡି ମାନଦଣ୍ଡ ଅନୁଯାୟୀ, ବର୍ଷା କମିବା, ବାୟୁମଣ୍ଡଳର ଆର୍ଦ୍ରତା ହ୍ରାସ ଏବଂ ଶୁଖିଲା ପାଗ ଆଦିକୁ ଭିତ୍ତି କରି ମୌସୁମୀ ପ୍ରତ୍ୟାବର୍ତ୍ତନ ଘୋଷଣା କରାଯାଏ। ପ୍ରାୟ ୪ ମାସ ଧରି ଓଡ଼ିଶାରେ ରହିବା ପରେ ଏବେ ମୌସୁମୀ ବାୟୁ ରାଜ୍ୟରୁ ବିଦାୟ ନେବା ଆରମ୍ଭ କରିଛି। ତେବେ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଥିଲେ ମଧ୍ୟ କିଛି ଅଞ୍ଚଳରେ ଆସନ୍ତା ୨-୩ ଦିନରେ କାଁ ଭାଁ ବର୍ଷା ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର କହିଛି।

---

ଦୁର୍ଗମ ଅଞ୍ଚଳର ଦୁଃଖଦ ଚିତ୍ର

# ଅନ୍ଧାର ରାତିରେ ଇନ୍ଦ୍ରାବତୀ ପାରିହେଲା ମୃତଦେହ



ଅକାତକାତ ପାଣିରେ ୭କିମି ଡଙ୍ଗାରେ ନେଲେ ଶବ

ଥୁଆମୂଳ ରାମପୁର,୮।୧୦(ସମିସ): ଜୀବନଜୀବିକା ପାଇଁ ଯେଉଁଠି ଲୋକଙ୍କୁ ଡଙ୍ଗା ଉପରେ ଭରସା କରିବାକୁ ପଡୁଛି, ମୃତ୍ୟୁ ପରେ ଶେଷ ଯାତ୍ରା ପାଇଁ ବି ସେହି ଡଙ୍ଗା ହିଁ ଏକମାତ୍ର ଭରସା। ଇନ୍ଦ୍ରାବତୀ ଜଳଭଣ୍ଡାର ଘେରା ଦୁର୍ଗମ ଅଞ୍ଚଳରେ ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଗୁରୁବାର ସନ୍ଧ୍ୟାରେ। ଅନ୍ଧାର ରାତିରେ ଇନ୍ଦ୍ରାବତୀର ଅଗଭୀର ପାଣିରେ ୭କିମି ଧରି ଡଙ୍ଗାରେ ପରିବାର ଲୋକେ ବୋହି ନେଇଥିଲେ ଆତ୍ମୀୟଙ୍କ ମୃତଦେହ।

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମାଳିଗାଁ ପଞ୍ଚାୟତର ଦୁର୍ଗମ ସୂର୍ଯ୍ୟଗଡ଼ ଗ୍ରାମର ଗୁରୁଧର ଟାକ୍ରିଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ମଙ୍ଗଳବାର ପରିବାର ଲୋକେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଟିକିରି ଉଷାପଡ଼ାସ୍ଥିତ ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ମେଡିକାଲ ନିଆଯାଇଥିଲା। ସେଠାରେ ମଧ୍ୟ ଗୁରୁଧରଙ୍କୁ ଫେରାଇ ଦିଆଯାଇଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ଗୁରୁବାର ଏକ ଅଟୋ ଯୋଗେ ନବରଙ୍ଗପୁର ଜିଲ୍ଲା ଖାତିଗୁଡ଼ା ଦେଇ ତାଙ୍କୁ ଘରକୁ ଆଣୁଥିବା ବେଳେ ଖାତିଗୁଡ଼ା ନିକଟରେ ମୃତ୍ୟୁ ହୋଇଯାଇଥିଲା। ମୃତଦେହକୁ ସେହି ଅଟୋରେ ଇନ୍ଦ୍ରାବତୀ ଜଳଭଣ୍ଡାର କୂଳର ଲୁଦୁକୁଡ଼ି ଘାଟକୁ ଅଣାଯାଇଥିଲା। ସେତେବେଳକୁ ସନ୍ଧ୍ୟା ହୋଇସାରିଥିଲା। ତା'ପରେ ଆରମ୍ଭ ହୋଇଥିଲା ଆଉ ଏକ ବିପଦପୂର୍ଣ୍ଣ ଯାତ୍ରା। ପ୍ରାୟ ୭ କିମି ଡଙ୍ଗାରେ ପାର ହୋଇ ମୃତଦେହକୁ କଣାସୁକୁଲି ଘାଟକୁ ନିଆଯାଇଥିଲା। କିଟିକିଟି ଅନ୍ଧାର ରାତିରେ ଇନ୍ଦ୍ରାବତୀ ଜଳଭଣ୍ଡାରର ଅକାତକାତ ପାଣି ଭିତରେ ମୃତଦେହ ନେଇ ଡଙ୍ଗା ଚାଲିବାର ଦୃଶ୍ୟ ଥିଲା ଅତ୍ୟନ୍ତ ମାର୍ମିକ। କଣାସୁକୁଲି ଘାଟରେ ପହଞ୍ଚିବା ପରେ ସ୍ଥାନୀୟ ସରପଞ୍ଚ ବାସନ୍ତୀ ଝୋଡିଆ ଓ ସମିତି ସଭ୍ୟ ବଳଦେବ ଗୌଡ ସୂଚନା ପାଇ କଣାସୁକୁଲି ଘାଟକୁ ପହଞ୍ଚିଥିଲେ। ଏହି ଯାତ୍ରାରେ ଗୁରୁଧରଙ୍କ ସ୍ତ୍ରୀ ପ୍ରତିମା ଓ ସାନ ଭାଇ ମଧ୍ୟ ସାଥିରେ ଥିଲେ। ଇନ୍ଦ୍ରାବତୀ ଜଳଭଣ୍ଡାର ଏହି ଅଞ୍ଚଳ ପାଇଁ ଆଶୀର୍ବାଦ ହେବା କଥା; କିନ୍ତୁ ଜଳଭଣ୍ଡାର ଘେରା ଦୁର୍ଗମ ଗାଁଗୁଡ଼ିକ ପାଇଁ ଅଭିଶାପ ପାଲଟିଛି।

---

ଏବିଭିପି ସଂଗଠନ ନ ଥିବା ଶିକ୍ଷାନୁଷ୍ଠାନରେ ନିର୍ବାଚନ ବନ୍ଦ

# ୨୦୬ କଲେଜରେ ହେବନି ଛାତ୍ରସଂସଦ ନିର୍ବାଚନ

ସରକାର ଓ ଉଚ୍ଚଶିକ୍ଷା ବିଭାଗକୁ ଘେରିଲେ ବିରୋଧୀ ଛାତ୍ର ସଂଗଠନ

ଭୁବନେଶ୍ୱର, ୮ ।୧୦(ସମିସ): ରାଜ୍ୟର ୨୦୦ରୁ ଉର୍ଦ୍ଧ୍ୱ କଲେଜରେ ଛାତ୍ର ସଂସଦ ନିର୍ବାଚନ ହେବ ନାହିଁ । ଏହି କଲେଜଗୁଡ଼ିକରେ ବିଜେପିର ଛାତ୍ର ଶାଖା କୁହାଯାଉଥିବା ଏବିଭିପିର ସଙ୍ଗଠନ ନ ଥିବାରୁ ସେଠାରେ ନିର୍ବାଚନ ପରିବର୍ତ୍ତ ମନୋନୟ ପଦ୍ଧତିରେ ଛାତ୍ର ୟୁନିୟନ ଗଠନ ପାଇଁ ନିଷ୍ପତ୍ତି ହୋଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ରାଜ୍ୟ ସରକାର ଓ ଉଚ୍ଚଶିକ୍ଷା ବିଭାଗକୁ ବିରୋଧୀ ଛାତ୍ରଗୋଷ୍ଠୀ ତୀବ୍ର ସମାଲୋଚନା କରିଛନ୍ତି । ଛାତ୍ରଛାତ୍ରୀଙ୍କ ମତାମତ ବିନା କେଉଁ ଆଧାରରେ ଏପରି ନିଷ୍ପତ୍ତି ନିଆଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ସରକାର ସମର୍ଥିତ ଛାତ୍ର ସଂଗଠନର ସଦସ୍ୟଙ୍କୁ ମନୋନୀତ କରିବା ପାଇଁ ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ବିରୋଧୀ ଦଳର ଛାତ୍ର ସଂଗଠନ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ପୁରୀସ୍ଥିତ ଜଗନ୍ନାଥ ବିଶ୍ୱବିଦ୍ୟାଳୟ ଓ ସଂସ୍କୃତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟରେ ନିର୍ବାଚନ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରିଥିବା କୁହାଯାଉଛି । ଏଠାରେ ନିର୍ବାଚନ ବଦଳରେ ଛାତ୍ର ସଂସଦ ପାଇଁ ପିଲାଙ୍କୁ ମନୋନୟନ କରାଯିବ। ଅନୁରୂପ ଭାବେ ୨୦୦ରୁ ଅଧିକ ମହାବିଦ୍ୟାଳୟରେ ନିର୍ବାଚନ କରା ନ ଯାଇ ମନୋନୟନ ମାଧ୍ୟମରେ ଛାତ୍ରନେତା ଚୟନ କରାଯିବ। ନିର୍ବାଚନରୁ ଦୂରେଇ ରହୁଥିବା ମହାବିଦ୍ୟାଳୟଗୁଡ଼ିକ ମଧ୍ୟରେ ଅଧିକାଂଶ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ରହିଛନ୍ତି। ସରକାରଙ୍କ ଚାପ ଓ ଧମକ ଯୋଗୁଁ ଏହି କଲେଜଗୁଡ଼ିକ ନିର୍ବାଚନରୁ ବିମୁଖ ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି।

ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ, ସରକାରୀ ଦଳ ସମର୍ଥିତ ଛାତ୍ର ସଂଗଠନର ଖାତା ଖତିଆନ୍ ନ ଥିବା ଶିକ୍ଷାନୁଷ୍ଠାନରେ ସରକାର ନିର୍ବାଚନ ନ କରିବା ପାଇଁ ଆଗୁଆ ନିଷ୍ପତ୍ତି ନେଇଗଲେ। ଅର୍ଥାତ୍ ପ୍ରାୟ ୫୦ ପ୍ରତିଶତ ଶିକ୍ଷାନୁଷ୍ଠାନରେ ସରକାର ପରାଜୟ ସ୍ୱୀକାର କରିଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ କଳା ନିଷ୍ପତ୍ତି। ସେହିପରି ଏଆଇଏସ୍ଏଫ୍ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା କହିଛନ୍ତି ଯେ ନିର୍ବାଚନର କୌଣସି ବିକଳ୍ପ ନାହିଁ। ସରକାରୀ ଦଳର ପୃଷ୍ଠପୋଷକତାରେ ଲଢୁଥିବା ଏବିଭିପି ସମର୍ଥିତ ପ୍ରାର୍ଥୀଙ୍କୁ ସିଲେକ୍ସନ୍ ମାଧ୍ୟମରେ ଚୟନ କରିବାକୁ ଗଳାବାଟ ପ୍ରସ୍ତୁତ କରାଯାଇଛି। ସାଧାରଣ ନିର୍ବାଚନରେ ଯଦି ସିଲେକ୍ସନ୍ କରାଯାଇପାରୁ ନାହିଁ, ତେବେ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ କାହିଁକି? ଏବିଭିପିର ସଂଗଠନ ନ ଥିବା ଶିକ୍ଷାନୁଷ୍ଠାନରେ ଏପରି ନିଷ୍ପତ୍ତି ନିଆଯାଇଛି, ଯାହା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

## ଆଜି ନାମାଙ୍କନ

ଭୁବନେଶ୍ୱର, ୮ ।୧୦(ସମିସ): ଛାତ୍ର ସଂସଦ ନିର୍ବାଚନ ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନ ସରଗରମ ରହିଛି। ଆଜି ଓଡ଼ିଶା ବନ୍ଦ ଡାକରା ସତ୍ତ୍ୱେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ନାମାଙ୍କନ ଦାଖଲ କରିବା ପାଇଁ ଫର୍ମ କିଣିଛନ୍ତି। ଶୁକ୍ରବାର ନାମାଙ୍କନ ଦାଖଲ ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି। ଗୋଟିଏ ଦିନରେ ନାମାଙ୍କନ ଦାଖଲ ସମେତ ନାମାଙ୍କନପତ୍ର ଯାଞ୍ଚ ଏବଂ ବୈଧ ପ୍ରାର୍ଥୀ ତାଲିକା ପାଇବାର ଥିବାରୁ ଦିନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଦିନ ସକାଳ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ନାମାଙ୍କନ ଦାଖଲ କରିବେ। ଏଥିପାଇଁ ଆଜି କିଛି ଛାତ୍ରଛାତ୍ରୀ ଫର୍ମ କିଣିଛନ୍ତି। ଆସନ୍ତାକାଲି ମଧ୍ୟ ନାମାଙ୍କନ ପାଇଁ ଫର୍ମ କିଣିପାରିବେ। ନାମାଙ୍କନ ଦାଖଲ ସରିବା ପରେ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ସନ୍ଧ୍ୟା ୫ଟାରେ ବୈଧ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ।

---


ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ମାନସ ରଞ୍ଜନ ମଲ୍ଲିକ
ପୂର୍ବତନ ବିଧାୟକ, ଧାମନଗର ଓ 'ସକାଳ'ର ପୂର୍ବତନ ସମ୍ପାଦକ
ଆବିର୍ଭାବ: ୧୮.୦୪.୧୯୫୫
ତିରୋଧାନ: ୦୯.୧୦.୨୦୧୨

ଆପଣଙ୍କ ଅକ୍ଷୟ ପ୍ରତିଭା, ଉଜ୍ଜ୍ୱଳ ବ୍ୟକ୍ତିତ୍ୱ, ସାମାଜିକ କୃତି,
ତ୍ୟାଗପୂତ ସେବା, ନିଷ୍ଠାପର, ରାଜନୈତିକ ବ୍ୟକ୍ତିତ୍ୱ
ଆପଣଙ୍କୁ ଧାମନଗର ତଥା ଭଦ୍ରକ ମାଟିରେ
ସବୁବେଳେ ଇତିହାସ ପୁରୁଷ ଭାବେ ଚିର ସ୍ମରଣୀୟ କରିବ।

ମାନସ ରଞ୍ଜନ ମଲ୍ଲିକ ସ୍ମୃତି କମିଟି
ହସନାବାଦ, ଧୁଷୁରି, ଭଦ୍ରକ

ସକାଳ
THE SAKALA



# ସୁକିନ୍ଦାରେ ବିପର୍ଯ୍ୟସ୍ତ ରାସ୍ତାଘାଟ; ପୂର୍ବତନ ମନ୍ତ୍ରୀଙ୍କ ଉଦ୍‌ବେଗ

ଦାନଗଦି/ଯଖପୁରା,୮।୧୦(ସମିସ):





ଚଳିତ ବର୍ଷ ଅତ୍ୟଧିକ ବର୍ଷା ଯୋଗୁଁ ସମଗ୍ର ରାଜ୍ୟରେ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଶେଷକରି ବନ୍ୟା ପ୍ରଭାବିତ ଅଞ୍ଚଳ ସମେତ ଶିଳ୍ପ ଓ ଖଣି ଅଞ୍ଚଳରେ ଭାରୀଯାନ ଚଳାଚଳ ଯୋଗୁଁ ବହୁ ରାସ୍ତା ଅଧିକ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହ ସାଧାରଣ ଲୋକେ ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି। ଛାତ୍ରଛାତ୍ରୀ, ଚାକିରିଆ, ବ୍ୟବସାୟୀ ଓ ରୋଗୀମାନେ ନିତିଦିନ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ସରକାର କ୍ଷତିଗ୍ରସ୍ତ ରାସ୍ତାଘାଟର ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ଦରକାର ବୋଲି ଦାବି କରିଛନ୍ତି ସୁକିନ୍ଦାର ପୂର୍ବତନ ମନ୍ତ୍ରୀ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ। ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ, ଆଉ ବିଳମ୍ବ କଲେ ଅବସ୍ଥା ଆହୁରି ଗୁରୁତର ହେବ। ସୁକିନ୍ଦା ନିର୍ବାଚନମଣ୍ଡଳୀର କଳିଙ୍ଗନଗର ଓ ଖଣି ଅଞ୍ଚଳରେ ଅନେକ ପ୍ରମୁଖ ରାସ୍ତାର ଅବସ୍ଥା ବର୍ତ୍ତମାନ ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଏହି ଅଞ୍ଚଳ ରାଜ୍ୟର ଏକ ପ୍ରମୁଖ ଶିଳ୍ପ ଓ ଖଣି ଅଞ୍ଚଳ। ଏଥିରେ ଅନେକ ବଡ଼ ଶିଳ୍ପ କାରଖାନା, ଖଣି ଓ ପରିବହନ ବ୍ୟବସ୍ଥା ରହିଛି। ଚୋରଦା ରୁ ଡୁବୁରୀ, ଦାନଗଦି ମିଲଟାରି ଛକରୁ ପଙ୍କପାଳ ବିଜୁ ପଟ୍ଟନାୟକ ମାର୍ଗ , ରାବଣା ଚାରିଛକ ରୁ ଖୁରୁଣ୍ଟି ଗୋପବନ୍ଧୁ ମାର୍ଗ, ଡୁବୁରୀରୁ ବ୍ରାହ୍ମଣୀ ବ୍ରିଜ୍ ରାସ୍ତା, ଦାନଗଦିରୁ ୨୧୫ ନମ୍ବର ଜାତୀୟ ରାଜପଥ ସଂଯୋଗୀ ରାସ୍ତା, ଟମକାରୁ ମଙ୍ଗଳପୁର ଓ ସୁକିନ୍ଦା ରୁ ହାତୀବାରି ଏହି ସବୁ ରାସ୍ତାରେ ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ବର୍ଷା ପାଣି ଭରିଯିବା ଫଳରେ ଖାଲଖମା ଲୁଚି ରହୁଛି, ଯାହା ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି। ଶିଳ୍ପ ଓ ଖଣି ଅଞ୍ଚଳ ହୋଇଥିବାରୁ ଏହି ରାସ୍ତାଗୁଡ଼ିକରେ ଦୈନିକ ବହୁ ସଂଖ୍ୟାରେ ଭାରୀଯାନ ଚଳାଚଳ କରୁଛି। ବର୍ଷା ଯୋଗୁଁ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହେବା ସହ ଅନେକ ସ୍ଥାନରେ ରାସ୍ତାର ପିଚୁ ଉଠିଯାଇଛି। ଏହାଦ୍ୱାରା ଦୁର୍ଘଟଣାର ଆଶଙ୍କା ବଢ଼ିବା ସହ ସାଧାରଣ ଲୋକଙ୍କ ଯାତାୟାତ ମଧ୍ୟ ପ୍ରଭାବିତ ହେଉଛି। ଗାଡ଼ି ଚଳାଇବା ସମୟରେ ଲୋକେ ସର୍ବଦା ଭୟରେ ରହୁଛନ୍ତି। ବିଶେଷକରି ରାତିରେ ଯାତାୟାତ ଅଧିକ ବିପଦଜନକ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଉକ୍ତ ରାସ୍ତାଗୁଡ଼ିକର ପୁନଃନିର୍ମାଣ ଓ ଆବଶ୍ୟକ ମରାମତି କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ତୁରନ୍ତ ନିର୍ଦ୍ଦେଶ ଦେବାକୁ ଶ୍ରୀ ଘଡ଼ାଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଲୋକଙ୍କ ସୁରକ୍ଷିତ ଓ ସୁଗମ ଯାତାୟାତ ପାଇଁ ସରକାର ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ପଦକ୍ଷେପ ନେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏହା କେବଳ ସୁକିନ୍ଦାର ସମସ୍ୟା ନୁହେଁ, ସମଗ୍ର ରାଜ୍ୟର ରାସ୍ତା ଅବସ୍ଥା ବିଷୟରେ ସରକାର ସଚେତନ ହେବା ଆବଶ୍ୟକ।

## ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ ଜେଲ୍, ୫୦ ହଜାର ଜରିମାନା

ଯାଜପୁର,୮।୧୦(ସମିସ): ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଅଭିଲାଷ ସେନାପତି ଅଭିଯୁକ୍ତ ସେକ୍ ହଲିମ୍‌ଙ୍କୁ ୨୦ବର୍ଷ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୧ ବର୍ଷ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ୨୦୨୫ ମସିହା ଯାଜପୁର ସଦର ଥାନା ଅଞ୍ଚଳ ନାଥସାହି ଗ୍ରାମର ସେକ କରିମଙ୍କ ପୁଅ ସେକ ହଲିମ ଜଣେ ୧୭ ବର୍ଷୀୟ ନାବାଳିକାକୁ ପ୍ରେମଜାଲରେ ଫସାଇ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ମନ ବୁଝିଗଲା ପରେ ବିବାହ କରିବାକୁ ସଫା ସଫା ମନା କରିଦେଇଥିଲେ ଅଭିଯୁକ୍ତ। ଏ ନେଇ ପୀଡ଼ିତାଙ୍କ ପରିବାର ବର୍ଗଙ୍କ ପକ୍ଷରୁ ଯାଜପୁର ସଦରରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ସଦର ପୁଲିସ କେସ ନଂ ୫୬/୨୫ରେ ମାମଲା ରୁଜୁ କରି ଦୁଷ୍କର୍ମକାରୀ ସେକ ହଲିମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଆଜି ଏହି ମାମଲା ର ଶୁଣାଣି କରିଛନ୍ତି ସ୍ୱତନ୍ତ୍ର ପୋକ୍ସୋ ଅଦାଲତ। ୧୭ଜଣ ସାକ୍ଷ ପ୍ରମାଣ ଓ ୧୩ଗୋଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଏଥି ସହିତ ଅନାଦୟ ୧ ବର୍ଷ ଅଧିକ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପିଡିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ମଧ୍ୟ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଅଭିଳାସ ସେନାପତି। ଏହି ମାମଲାକୁ ସରକାରୀ ଓକିଲ ପ୍ରତାପ କୁମାର ରାୟ ପରିଚାଳନା କରିଛନ୍ତି।

## ଘର ଭିତରୁ ୪୪ ହଜାର ଟଙ୍କା ଚୋରି

ବ୍ରହ୍ମବରଦା,୮।୧୦(ସମିସ): ବୁଧବାର ସନ୍ଧ୍ୟାରେ ବ୍ରହ୍ମବରଦା ଥାନା ୧୧ ନମ୍ବର ୱାର୍ଡ ଡିହସାହି ଗ୍ରାମର ରଞ୍ଜିତ ବିଶ୍ୱାଳଙ୍କ ଘରୁ ୪୪ ହଜାର ଟଙ୍କା ଚୋରି ହୋଇଥିବା ନେଇ ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଘଟଣାସ୍ଥଳରେ ବ୍ରହ୍ମବରଦା ପୁଲିସ ପହଞ୍ଚି ଛାନ୍‌ଭିନ୍ କରିଛି। କିନ୍ତୁ ଲୁଟେରା ମାନଙ୍କର କୌଣସି ପତ୍ତା ପାଇପାରିନାହିଁ। ସୂଚନାନୁଯାୟୀ ଗତକାଲି ଗ୍ରାମରେ ଗଣେଶ ଭସାଣି ଶୋଭାଯାତ୍ରା ଚାଲିଥିବା ସମୟରେ ରଞ୍ଜିତ ବିଶ୍ୱାଳଙ୍କ ପରିବାର ଲୋକେ ଘରେ ତାଲା ପକାଇ ଭସାଣି ଦେଖିବାକୁ ଯାଇଥିଲେ। ସେମାନେ ଭସାଣି ଦେଖି ଫେରିବା ପରେ ଦେଖିବାକୁ ପାଇଲେ ଯେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ଗଡରେଜ୍ ତାଲା ଖୋଲି ତା' ଭିତରେ ଥିବା ୪୪ ହଜାର ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ଏ କଥା ଜଣାପଡ଼ିବା ପରେ ରଞ୍ଜିତ ତୁରନ୍ତ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବ୍ରହ୍ମବରଦା ଥାନା ଆଇଆଇସି ସଞ୍ଜୟ କୁମାର ପରିଡ଼ା ସୂଚନା ଦେଇଛନ୍ତି।

## ଯୁବତୀଙ୍କ ଫଟୋ ଭାଇରାଲ; ଅଭିଯୁକ୍ତ କୋର୍ଟଚାଲାଣ

ପାଣିକୋଇଲି,୮।୧୦(ସମିସ): ପାଣିକୋଇଲି ପୁଲିସ ଆଜି ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଅଭିଯୋଗରେ ଅଭିଯୁକ୍ତ ଯୁବକକୁ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶ ଯେ ଜହ୍ନା ଗ୍ରାମର ଜନୈକ ବାଳିକା ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି ଯେ ସେ କଲେଜରେ ପଢୁଥିବାବେଳେ ତାଙ୍କ ଗ୍ରାମର ଭରତ ସାହୁ (୨୬)ଙ୍କ ସହ ପ୍ରେମ ସମ୍ପର୍କ ଥିଲା। ସେହି ସମୟରେ ସେ କିଛି ଅଶ୍ଳୀଳ ଫଟୋ ଉଠାଇଥିଲା। ପରେ ବିବାହ କରିବା ପାଇଁ ମନା କରିବାରୁ ପୂର୍ବରୁ ରଖିଥିବା ଭିଡିଓ ଭାଇରାଲ କରିବାକୁ ଧମକ ଦେବା ସହ ରାସ୍ତା ଘାଟରେ ଅଟକାଇ ଧମକଚମକ ଦେଉଛି। ଏହି ଘଟଣାର ଯୁବତୀ ଜଣଙ୍କ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିବାକୁ ଚିନ୍ତା କରୁଥିବା ଉଲ୍ଲେଖ କରିଥିବା ଜଣାପଡ଼ିଛି। ଅଭିଯୋଗ ପରେ ପୁଲିସ ଏକ ମାମଲା ୩୫୮/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଭରତକୁ ଧରି ଥାନାକୁ ଆଣିଥିଲା। ଏହି ମାମଲାରେ ଆଜି ଭରତକୁ ଅଦାଲତ ଚାଲାଣ କରାଯାଇଛି।

## ଶିଶୁ ଶ୍ରମ ନିରାକରଣ ସଚେତନତା ଶିବିର

ବରୀ,୮।୧୦(ସମିସ): ବରୀ ବ୍ଲକ ଅନ୍ତର୍ଗତ ଚନ୍ଦନପୁର ଗ୍ରାମ ପଞ୍ଚାୟତଠାରେ ଶିଶୁ ଶ୍ରମ ନିରାକରଣ ନିମନ୍ତେ ଏକ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସହକାରୀ ଶ୍ରମ ଅଧିକାରୀ ସ୍ମୃତି ରଞ୍ଜନ ପଣ୍ଡା ଆୟୋଜନ ଓ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ଜେନା ଏବଂ ସରପଞ୍ଚଙ୍କ ପ୍ରତିନିଧି ଉପସ୍ଥିତ ରହି ଶିଶୁ ଶ୍ରମ ନିରାକରଣ ସମ୍ପର୍କରେ ନିଜର ମତାମତ ଓ ସଚେତନତା ମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଶିବିରରେ ଚନ୍ଦନପୁର ଗ୍ରାମ ପଞ୍ଚାୟତର ପ୍ରାୟ ୧୦୦ ଜଣ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଶିଶୁ ଶ୍ରମ ନିରାକରଣ, ଶିଶୁମାନଙ୍କର ଶିକ୍ଷା ଅଧିକାର ଏବଂ ଶିଶୁମାନଙ୍କୁ ଶ୍ରମରେ ନିୟୋଜିତ ନକରିବା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ପରିଶେଷରେ, ଚନ୍ଦନପୁର ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଭାବେ ଗଢ଼ି ତୋଳିବା ପାଇଁ ଉପସ୍ଥିତ ସମସ୍ତଙ୍କ ଦ୍ୱାରା ଶପଥ ଗ୍ରହଣ କରାଯାଇଥିଲା।




### ● ମୁଗପାଳ ମହାବିଦ୍ୟାଳୟ

## ନିର୍ବାଚନ ବାତିଲ ପ୍ରତିବାଦରେ ଉତ୍ତେଜନା



କୁଆଖିଆ,୮।୧୦(ସମିସ): ମୁଗପାଳ କଲେଜ ଛାତ୍ର ସଂସଦ ନିର୍ବାଚନ ବାତିଲ ନିଷ୍ପତ୍ତିକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେବା ସହିତ ଯୁବ ବିଜେଡି ପକ୍ଷରୁ ଏହାକୁ ବିରୋଧ କରାଯାଇ ନିର୍ବାଚନ କରିବା ପାଇଁ ଦାବିପତ୍ର ଦିଆଯାଇଛି। ସୂଚନା ଅନୁଯାୟୀ ମୁଗପାଳସ୍ଥିତ ଉପେନ୍ଦ୍ରନାଥ ସାରଦା ମହାବିଦ୍ୟାଳୟରେ ହେବାକୁ ଥିବା ନିର୍ବାଚନକୁ କଲେଜ କର୍ତ୍ତୃପକ୍ଷ ଆଜି ବାତିଲ କରିଦେଇଥିଲେ। ଏହାକୁ ନେଇ କଲେଜର ଯୁକ୍ତ ୩ ଛାତ୍ରୀ ସାଇ ଅର୍ଚ୍ଚିତା ପଣ୍ଡା, ଛାତ୍ର ଶୁଭ୍ରାଂଶୁ ସାମଲ, ସୁଧାଂଶୁ ସାମଲ ପ୍ରଭୃତି ଛାତ୍ରଛାତ୍ରୀ ବିରୋଧ କରିଥିଲେ। ଯୁବ ବିଜେଡିର ରାଜ୍ୟ ସାଧାରଣ ସଂପାଦକ ଦୀନେଶ ସାହୁ, ଜିଲ୍ଲା ସଂଯୋଜକ ବିଶ୍ୱଜିତ ପତି, ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ସାମଲ, ଅମରେଶ ମହାନ୍ତି, ଗଙ୍ଗାଧର ସାହୁ, ବ୍ଲକ କର୍ମକର୍ତ୍ତା ପହଞ୍ଚି କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ବାଚନ କରିବାପାଇଁ ଦାବିପତ୍ର ଦେଇଥିଲେ। ଅନ୍ୟପକ୍ଷରେ କର୍ମଚାରୀ ଅଭାବ, ଆଇନଶୃଙ୍ଖଳା ପରିସ୍ଥିତି ଆଦି ସମସ୍ୟା ନେଇ ନିର୍ବାଚନ ବାତିଲ କରାଯାଇଛି ବୋଲି କଲେଜର ଅଧ୍ୟକ୍ଷ ମିଳନ ଜେନା କହିଛନ୍ତି।

## ଯାଜପୁର ଟାଉନ୍ ଥାନାରେ ଅଧିକାରୀଙ୍କ ଯୋଗଦାନ

ଯାଜପୁର,୮।୧୦(ସମିସ): ଯାଜପୁର ଟାଉନ୍ ଥାନାର ନୂତନ ଥାନା ଅଧିକାରୀ ଭାବେ ନିଯୁକ୍ତ ହେଲେ ଶିବ ଚରଣ ବେହେରା। ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ରକ୍ଷା କରିବା, ଅପରାଧମୂଳକ କାର୍ଯ୍ୟକଳାପକୁ ଦମନ କରିବା ଏବଂ ସାଧାରଣ ଜନତାଙ୍କୁ ଏକ ଭୟମୁକ୍ତ ପରିବେଶ ଯୋଗାଇଦେବା ତାଙ୍କର ପ୍ରଥମ ପ୍ରାଥମିକତା ରହିବ। ସେ ପୂର୍ବରୁ ଯାଜପୁର ଜିଲ୍ଲାର ବିଂଝାରପୁର, ସୁକିନ୍ଦା, କାଳିଆପାଣି ଥାନାରେ କାର୍ଯ୍ୟ କରିସାରିଥିବା ବେଳେ ପ୍ରଥମ ଥର ପାଇଁ ଜିଲ୍ଲା ସଦର ମହକୁମାରେ ନିଯୁକ୍ତ ହୋଇଛନ୍ତି। ଆଜି ସେ ଦାୟିତ୍ୱ ଗ୍ରହଣ କରିବା ପରେ ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀ ଏବଂ ସ୍ଥାନୀୟ ଲୋକମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଭବ୍ୟ ସ୍ୱାଗତ ଜଣାଇଛନ୍ତି।

## ଭାରସାମ୍ୟ ହରାଇ ଓଲଟିଲା ପିକ୍‌ଅପ୍

କବାଟବନ୍ଧ,୮।୧୦(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧିନ ମର୍ଜିତାପୁର ନିକଟରେ ଏକ ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଏଥିରେ ଚାଳକ ସୁରକ୍ଷିତ ରହିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଗୁରୁବାର ପୂର୍ବାହ୍ନରେ ଏକ ୪ ଚକିଆ ପିକଅପ ଗାଡ଼ି ଜାରକା କବାଟବନ୍ଧ ନଦୀ ବନ୍ଧ ରାସ୍ତାରେ ଯାଉଥିବା ସମୟରେ ଜେନାପୁର ଥାନା ଅଧିନ ମର୍ଜିତାପୁର ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲା। କୌଣସି କାରଣରୁ ଭାରଶ୍ୟାମ ହରାଇ ନଦୀବନ୍ଧ ତଳକୁ ଖସି ପଡ଼ିଥିଲା। ଫଳରେ ଗାଡିଟି ସମ୍ପୂର୍ଣ୍ଣ ଓଲଟି ପଡ଼ିଥିଲା।

## ସୁଜନପୁର ଆଞ୍ଚଳିକ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ



ବରୁଆଁ,୮।୧୦(ସମିସ): ଯାଜପୁର ବ୍ଲକ୍ ଅନ୍ତର୍ଗତ ସୁଜନପୁରସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରଫେସର ସୀମନ୍ତଭାନୁ ଦାସ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଡ. ପ୍ରଭାତ କୁମାର ତ୍ରିପାଠୀ ବେଦ ପାଠ କରିଥିଲେ। ଶକ୍ତିଶ୍ରୀ ସଚେତନତା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇ ଅଧ୍ୟକ୍ଷ ଶ୍ରୀ ଦାସ ପ୍ରତ୍ୟେକ ଛାତ୍ରୀଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ ହେବା ପାଇଁ ପାଠ ପଢ଼ିବା ସହ ଆତ୍ମରକ୍ଷା କୌଶଳ ଶିକ୍ଷାଲାଭ କରିବା ଓ ନିଜକୁ ଆତ୍ମନିର୍ଭରଶୀଳ କରାଇବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ବିଭାଗର ପ୍ରାକ୍ତନ ଆଞ୍ଚଳିକ ନିର୍ଦ୍ଦେଶକ ଡ. ରଣଜିତ୍ ପ୍ରଧାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଶକ୍ତିଶ୍ରୀ ସଚେତନତା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଛାତ୍ରୀମାନେ ନିଜକୁ ସଶକ୍ତ କରିବା ସହ ପ୍ରତ୍ୟେକ ମହିଳାମାନଙ୍କୁ ପ୍ରତ୍ୟକ୍ଷ ଭାବେ ସଶକ୍ତ ଓ ଆତ୍ମନିର୍ଭରଶୀଳ ହେବାପାଇଁ କହିଥିଲେ। ଅନ୍ୟତମ ଅତିଥି ଭାବେ ଇଂରାଜୀ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ରବୀନ୍ଦ୍ର କୁମାର ବିଶ୍ୱାଳ ଓ ଶକ୍ତିଶ୍ରୀ କାର୍ଯ୍ୟକ୍ରମର ସଂଯୋଜିକା ଡ. ଆରତୀ ଠାକୁର ଛାତ୍ରୀମାନଙ୍କୁ ସକ୍ତିଶ୍ରୀ ସମ୍ପର୍କରେ ସୂଚନା ଦେଇଥିଲେ। ସକ୍ତିଶ୍ରୀ ସମ୍ପର୍କରେ କବିତା,ପ୍ରବନ୍ଧ ଓ ବକ୍ତୃତା ରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅଧ୍ୟାପକ ସୁକାନ୍ତ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଡ. ସବିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକା ମନୋରମା ଦାସ, ବଂଶୀ ମାଇତି, ଅଧ୍ୟାପକ ଚିତ୍ତ ରଞ୍ଜନ ସାମଲ, ଗଣେଶ ଚନ୍ଦ୍ର ନାୟକ, ଡ. ଭବାନୀ କିଂକର ସାହୁ, ଦୀପକ କୁମାର ଜେନା, ଆକାଶ ପୁହାଣ, ପ୍ରଦୀପ୍ତ କୁମାର ମହାନ୍ତିଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ବହୁ ଛାତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

ସୁକିନ୍ଦା,୮।୧୦(ସମିସ): ସୁକିନ୍ଦା ବ୍ଲକ୍ ମଙ୍ଗଳପୁର ଦାମୋଦରପୁରସ୍ଥିତ ମହାମାୟୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବାନନ୍ଦ ବୋଷଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଦର୍ଶନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ୟାସ ସାହିତ୍ୟ ସମାଜର ସଭାପତି ରାଜୀବ ଲୋଚନ ରାଉତ, ଶିକ୍ଷକ ଓ କର୍ମଚାରୀ ସଂଘ ଜିଲ୍ଲା ସମ୍ପାଦକ ପ୍ରତାପ ଚନ୍ଦ୍ର ପାତ୍ର,ଗୋବର୍ଦ୍ଧନ ରଣା, ପରିଚାଳନା କମିଟି ସଭାପତି ବିଭୂତି ଭୂଷଣ ବରାଳ, ସମ୍ପାଦକ ଉଦୟ ନାରାୟଣ ସିଂସାମନ୍ତ, ବରିଷ୍ଠ ସଦସ୍ୟ ନିରାକାର ନାୟକ। ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ବୋଷଙ୍କ କର୍ତବ୍ୟନିଷ୍ଠ କାର୍ଯ୍ୟ, ସମୟାନୁବର୍ତ୍ତିତା ଓ ଛାତ୍ରଛାତ୍ରୀଙ୍କୁ ଭଲପାଇବା ଆଦି ଗୁଣର ଉଚ୍ଚ ପ୍ରଶଂସା ଓ ଦୀର୍ଘାୟୁ କାମନା କରିଥିଲେ। ଅତିଥିମାନେ ବିଦାୟୀ ଶିକ୍ଷକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ।



### ● ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟ

## ନିର୍ବାଚନରେ ଅଣଛାତ୍ର ପ୍ରବେଶ ରୋକିବାକୁ ଦାବିପତ୍ର

କୟାଁଗୋଲା,୮।୧୦(ସମିସ): ଦଶରଥପୁର ବ୍ଲକ୍ କନିକାପଡ଼ାସ୍ଥିତ ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବା ଏବଂ କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବା ପାଇଁ ଓଡ଼ିଶା ଛାତ୍ର ସଂଗଠନ ପକ୍ଷରୁ ମଙ୍ଗଳପୁର ଥାନାରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ ସମୟରେ ମହାବିଦ୍ୟାଳୟ ପରିସରକୁ ଅଣଛାତ୍ରଙ୍କ ପ୍ରବେଶ ଉପରେ କଡ଼ା ନଜର ରଖିବା, ନିର୍ବାଚନକୁ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପୁଲିସ ପକ୍ଷରୁ ସତର୍କ ଦୃଷ୍ଟି ରଖିବାକୁ ଦାବି କରାଯାଇଛି। ଏହି ଅବସରରେ ମଙ୍ଗଳପୁର ଥାନା ଏସ୍‌ଆଇ ଅନିତା ପ୍ରଧାନଙ୍କୁ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଓଡ଼ିଶା ଛାତ୍ର ସଂଗଠନର ରାଜ୍ୟ ସଭାପତି ଅଭିଷେକ ଦାଶ, ଜିଲ୍ଲା ସଭାପତି ସରୋଜ ମଲ୍ଲିକ, ବ୍ଲକ ସଭାପତି ଶିବକାନ୍ତ ମଲ୍ଲିକ, ଯୁବ ବ୍ଲକ ସଭାପତି ପ୍ରତ୍ୟୁଷ ପଣ୍ଡାଙ୍କ ସମେତ ଲିପୁ ମଲ୍ଲିକ, ପବିତ୍ର ମଲ୍ଲିକ, ସତ୍ୟ ମଲ୍ଲିକ, ମହେଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## କାଣୀ ନଦୀରେ ବାରମ୍ବାର ଘାଇ, ଥାନାରେ ଅଭିଯୋଗ କଲା ଯୁବ କଂଗ୍ରେସ

ଦଶରଥପୁର,୮।୧୦ (ସମିସ):




ବନ୍ୟାଯୋଗୁଁ ଦଶରଥପୁର ବ୍ଲକ୍ ଦେଇ ପ୍ରବାହିତ କାଣୀରେ ବାରମ୍ବାର ଘାଇ ସୃଷ୍ଟି ହେବାକୁ ନେଇ ବ୍ଲକ୍ ଯୁବ କଂଗ୍ରେସ ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସମେତ ବିଜେପି ସରକାର ବିରୁଦ୍ଧରେ ଅଭିଯୋଗ ଆଣିଛି। ଗତକାଲି ଦଶରଥପୁର ବ୍ଲକ୍ ଯୁବ କଂଗ୍ରେସ ପକ୍ଷରୁ ଯୁବନେତା ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ମଙ୍ଗଳପୁରଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏପରି ଅଭିଯୋଗ କରାଯିବା ସହିତ ଏଥି ନେଇ ମଙ୍ଗଳପୁର ଥାନାରେ ଯୁବ କଂଗ୍ରେସ କର୍ମୀ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍‌ରେ ଗତ ୨୦୧୪ ଠାରୁ ୨୦୨୬ ପର୍ଯ୍ୟନ୍ତ ୧୨ ବର୍ଷ ମଧ୍ୟରେ ବୈତରଣୀ ଏବଂ ଶାଖା କାଣୀ ନଦୀରେ ୨୩ ଥର ଘାଇ ସୃଷ୍ଟି ହୋଇସାରିଲାଣି। ଘାଇ ହେବା ଫଳରେ ବ୍ଲକ ଅଧୀନ ୨୦ ପଞ୍ଚାୟତ ବାରମ୍ବାର ପ୍ରଭାବିତ ହୋଇ ହଜାର ହଜାର ଜନସାଧାରଣଙ୍କ ଜୀବନ ଦୁର୍ବିସହ ହୋଇପଡ଼ିବା ସହିତ ହେକ୍ଟର ହେକ୍ଟର ଚାଷ ଜମି ନଷ୍ଟ ହେଉଛି। ୧୬ ଜଣ ବନ୍ୟାରେ ଭାସି ମୃତ୍ୟୁବରଣ କରିଥିବାବେଳେ ସାପ କାମୁଡ଼ାରେ ୧୦ରୁ ଅଧିକ ପ୍ରାଣ ହରାଇଛନ୍ତି। ଚଳିତ ବନ୍ୟାରେ ପ୍ରାୟ ଦୁଇ ମାସରୁ ଅଧିକ ସମୟ ଏହି ସବୁ ପଞ୍ଚାୟତ ବନ୍ୟା ଜଳରେ ବୁଡ଼ି ରହିଥିବାବେଳେ ଶତାଧିକ ଘର ଭାଙ୍ଗିବା, ରାସ୍ତା ନଷ୍ଟ ହେବା, ଦୋକାନୀଙ୍କ ବ୍ୟବସାୟ ବନ୍ଦ ହେବା, ଦିନ ମଜୁରିଆ ରୋଜଗାର ହରାଇବା, ଛାତ୍ରଛାତ୍ରୀଙ୍କ ଶିକ୍ଷା ବାଧାପ୍ରାପ୍ତ ହେବା, ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବା ଆଦି ଦେଖାଦେଇଛି। ଅନ୍ୟପକ୍ଷରେ ଜଳସମ୍ପଦ ବିଭାଗ ଗତ ୧୨ ବର୍ଷରେ ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ପ୍ରାୟ ୪୦୦ କୋଟି ଖର୍ଚ୍ଚ କରିସାରିଥିବାବେଳେ ଚଳିତବର୍ଷ ବନ୍ୟା ବିଜେପି ସରକାରଙ୍କ ମୁଖା ଖୋଲି ଦେଇଛି। ସୁଦୃଢ଼ୀକରଣ ନାମରେ ଅର୍ଥ ହରିଲୁଟ କରାଯାଇଛି। ଅଭିଯୋଗ ଅନୁସାରେ ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପାଳଟପୁର ସରପଞ୍ଚ ଲିପିକା ମଲିକ, ଛାତ୍ରନେତା ଅନନ୍ତ କୁମାର ଜେନା, ଅନୁପମ ମଲିକ, ଅଜୟ ନାୟକ, ଶେଖର ସମ୍ବିତ ଧଳ, ପ୍ରବୋଧ ନାୟକ, ଦେବକାନ୍ତ ପତି, ଘନଶ୍ୟାମ ସାହୁ, ବୃନ୍ଦାବନ ଜେନା, ଯୁବରାଜ ମଲିକ, ଅମୀୟ ତ୍ରିପାଠୀ, ସାଗର ରଞ୍ଜନ ପରିଡ଼ା, ରାଜୀବ ମଲିକ, ସୌମ୍ୟ ରଞ୍ଜନ ବେହେରା, କୈଳାସ ଦାଶ, ଅନିରୁଦ୍ଧ କୁଣ୍ଡୁ, ମଦନ ମଲିକ, କୈଳାସ ବେହେରା, ରମେଶ ମଲିକ, ଅଜିତ ମଲିକ, ରାଜେଶ ଜେନାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଯାଜପୁରରେ ଇଣ୍ଡିଆ ବ୍ଲକ୍‌ର ବନ୍ଦ ଶାନ୍ତିପୂର୍ଣ୍ଣ








ଯାଜପୁର,୮।୧୦(ସମିସ)

ଯାଜପୁରରେ ଇଣ୍ଡିଆ ବ୍ଲକ୍‌ର ସହଯୋଗରେ ଶାନ୍ତି ଶୃଙ୍ଖଳାର ସହ ବନ୍ଦ ପାଳନ କରାଯାଇଛି। ଯାଜପୁର ନଗର କଂଗ୍ରେସର ସଭାପତି ନାରାୟଣ ଚନ୍ଦ୍ର ସାମନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ ଓ ବନ୍ଦ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ବ୍ଲକ କଂଗ୍ରେସ କମିଟିର ସଭାପତି ଗଦାଧର ଦାସ, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ମନୋଜ ରାଉତଙ୍କ ମିଳିତ ସହଯୋଗରେ ଏକ ବିଶାଳ ପଟୁଆରରେ ମଟର ସାଇକେଲ୍ ଯୋଗେ ସହର ପରିକ୍ରମା କରି ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ, ବ୍ୟବସାୟୀକ ଅନୁଷ୍ଠାନ, ଚାରିଚକିଆ, ଦୁଇ ଚକିଆ ଯାନ ପ୍ରଭୃତି ବନ୍ଦ କରାଯାଇଥିଲା। ସମସ୍ତ ଅନୁଷ୍ଠାନ ଏହି ବନ୍ଦକୁ ସମର୍ଥନ କରି ସ୍ୱଇଚ୍ଛାରେ କାର୍ଯ୍ୟାଳୟକୁ ନ ଆସିବା ଏବଂ କୌଣସି ବ୍ୟବସାୟୀକ ଅନୁଷ୍ଠାନ ଖୋଲ ନଥିବା ଲକ୍ଷ୍ୟ କରାଯାଇଥିଲା। ଦିବା ୧୦ ଘଟିକା ସମୟରେ ନଗର କଂଗ୍ରେସର ସଭାପତି ଶ୍ରୀ ସାମନ୍ତଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ବିକ୍ଷୋଭ ସମୟରେ ଭାରତର ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେସ୍ କୁମାରଙ୍କ ଇସ୍ତଫା, ଏମ୍.ଏମ୍.ଡି.ଆର ଆଇନ୍ ଉଚ୍ଛେଦ, ଓଡ଼ିଶା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ଚଳିତ ବନ୍ୟାରେ ବିପନ୍ନ ଲୋକଙ୍କୁ ସହାୟତା ପ୍ରଭୃତି ଦାବିଗୁଡ଼ିକୁ ଉପରେ ଆଲୋକପାତ କରିବାସହ ଅବିଳମ୍ବେ ବନ୍ୟା ବିପନ୍ନ ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ରଖିଥିଲେ। ଏଥିସହିତ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର୍) ଓଡ଼ିଶା ରାଜ୍ୟରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱରୁ ଭୋଟରଙ୍କୁ ଭୋଟ ଦାନ କ୍ଷମତାରୁ ବଞ୍ଚିତ କରିଛନ୍ତି; ତାହା ତୁରନ୍ତ ପ୍ରତ୍ୟାହାର କରିବାକୁ ବିକ୍ଷୋଭକାରୀ ଦାବି ରଖିଥିଲେ।ଏହି ଆନ୍ଦୋଳନରେ ସର୍ବଶ୍ରୀ ଅଞ୍ଚଳ ଦାସ, ବିଭୂତି ମହାପାତ୍ର, ଭାସ୍କର ମହାନ୍ତି, ରବୀନ୍ଦ୍ର ସ୍ୱାଇଁ, ଦୁର୍ଯ୍ୟୋଧନ ବେହେରା, ଭରତ ସାମଲ, ମାନସ ପଣ୍ଡା, ଆଲୋକ ବେହେରା, ଦିଲ୍ଲୀପ ଦାଶ, ହୃଷିକେଶ ପତି, ନିକୁଞ୍ଜ ସାମଲ, ଅର୍ଜିତ ନାୟକ, ଅବ୍ଦୁଲ ରୌଫ, ଦେବେନ୍ଦ୍ର ଧଳ, ଅର୍ଣ୍ଣବ ମିଶ୍ର, ଭରତ ସାମଲ, କନକ ରାଉତ, ବିଜୟ ମହାପାତ୍ର, ମକର ବାରିକ, ଅକ୍ଷୟ ଶତପଥୀ, ରମେଶ ପତି, ଦେବବ୍ରତ ଧଳ, ମଧୁସୂଦନ ଜେନା, ଅଶୋକ ଦାସ, ନିରଞ୍ଜନ ମଲ୍ଲିକ, ମନୋଜ ମଲ୍ଲିକ, ବିପିନ ବେହେରା, ବାଇଧର ମଲ୍ଲିକ, ପ୍ରସାନ୍ତ ସ୍ୱାଇଁ, ଚନ୍ଦନ ମିଶ୍ର, ପ୍ରଶନ୍ନ ମାଝୀ, ଚନ୍ଦନ ମଲ୍ଲିକ, ପ୍ରଶାନ୍ତ ପୋଥାଳ, ବଟକୃଷ୍ଣ ମଲ୍ଲିକ, ସେକ୍ ଆଲିମ୍, ବାଦ୍‌ସାହା, ପାଗୁ ଦାସ, ସଂଜୀବ ବେହେରା, ପୂର୍ଣ୍ଣ ଜେନା ପ୍ରଭୃତି ଶତାଧିକ ଇଣ୍ଡିଆ ବ୍ଲକର କର୍ମୀମାନେ ସାମିଲ ହୋଇ ବନ୍ଦକୁ ସଫଳ କରିଥିଲେ।

**⏭ ବାଲିଚନ୍ଦ୍ରପୁର:** ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। କମ୍ୟୁନିଷ୍ଟ ଦଳର ର ଜିଲ୍ଲା ସମ୍ପାଦକ ଈଶ୍ୱର ଚନ୍ଦ୍ର ପରିଡା, ଜୋନ ସମ୍ପାଦକ ଅଜୟ କୁମାର ବିଶ୍ୱାଳ ବିଶ୍ୱନାଥ ଜେନା, ଯାଜପୁର ଯୁବ କଂଗ୍ରେସ ର ପ୍ରାକ୍ତନ ସଭାପତି ବିଶ୍?ପ୍ରକାଶ ସାମଲ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ମାନ ଭଂଜନ ରାଉତ ରାୟ, ପ୍ରାକ୍ତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ଦେବେନ୍ଦ୍ର କୁମାର ସାମଲ, ସେକ ରିୟାସତ ଅଲ୍ଲୀ,ସଞ୍ଜୟ କର,ଅଶୋକ ବେହେରା, ବଟକୃଷ୍ଣ ଦାସ,କାର୍ତ୍ତିକ ନାୟକ, ଚାନ୍ଦ ଖାଁ, ନାରାୟଣ ଦାସ, ଇକବାଲ ହୁସେନ, ଧର୍ମରାଜ ମହାନ୍ତି, ଅଶୋକ କୁମାର ରାଉତ, ବିଶ୍ୱଜିତ ଜେନା, ଆଶିଷ କୁମାର ଧଳ, ବାମଦେବ ସାମଲ, ସୁବ୍ରତ ମଲ୍ଲିକ, ମନୋରଞ୍ଜନ ସ୍ୱାଇଁ, ଶିଶିର ମହାରଣା, ସୁବାଷ ପରିଡା ପ୍ରମୁଖ ଯୋଗ ଦେଇଥିଲେ।

**⏭ ମଙ୍ଗଳପୁର :** ଯାଜପୁରରୁ କୟାଁଗୋଲା ଯାଇଥିବା ମୁଖ୍ୟରାସ୍ତା ମଙ୍ଗଳପୁର ବଜାରରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ଗାଡ଼ି ଅଟକି ରହିଥିବା ଦେଖାଯାଇଥିଲା। ମଙ୍ଗଳପୁର, ଅହିୟାସ, କୟାଁଗୋଲା, ଦକ୍ଷିଣବନ୍ଧ, କୁଂଆଲ, ବୋଉଳାଙ୍ଗ, କାଟିଆ, ଝୁମ୍ପୁରୀ, କଟିକଟା, ରାମବାଗ, ଛତ୍ରପଡ଼ା, ନନ୍ଦୀପୁର, ବୈଷପାନ ଆଦି ପ୍ରମୁଖ ଛକରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା।

**⏭ ବ୍ୟାସନଗର:** ବ୍ୟାସନଗର ସହରରେ ଡାକରା ଦିଆଯାଇଥିବା ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପନି କିସ୍କୁ, ଜୟରାମ ମୁର୍ମୁ, ମାଳତୀ ହାଁସଦା, ଲାଲମଣି ମୁଣ୍ଡା, ରଶ୍ମୀରେଖା ନାଏକ, ରବୀନ୍ଦ୍ର ପାତ୍ର, ଲିଟା ଲାଗୁରି, କୁନି ପୂର୍ତ୍ତି, ଗଙ୍ଗା ନାୟକ, ଲକ୍ଷ୍ମୀ ହେମ୍ବ୍ରମ, ଗୁରୁବାରୀ ଲାଗୁରି, ନିଟିମା ଟିୟୁ ଓ ମକର ସୋରେନ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

**⏭ କବାଟବନ୍ଧ:** ଚଣ୍ଡିଖୋଲ ଡୁବୁରି ୫୩ ନମ୍ବର ଜାତୀୟ ରାଜପଥର ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ବ୍ରିଜ ନିକଟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି। କମ୍ରେଡ ଲକ୍ଷ୍ମୀଧର ମଲ୍ଲ, ଚୈତନ୍ୟ ସାହୁ, ନାରାୟଣ ପରିଡ଼ା, ପବିତ୍ର ସାହୁ ଓ ମନୋଜ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

**⏭ ସିଂହପୁର :** ସିଂହପୁର ସମେତ ବିଂଝାରପୁର ବ୍ଲକ ର ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳାର ସହିତ ସଂପନ୍ନ ହୋଇଛି। ବିଂଝାରପୁର କଂଗ୍ରେସ ନେତ୍ରୀ କନକ ଲତା ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ପ୍ରତାପ କୁମାର ଦାସ, ସତ୍ୟ ରଂଜନ ପ୍ରଧାନ, ଅଶ୍ୱିନୀ କୁମାର ସାମଲ, ଶରତ ମହାଳିକ, ମହିଳା ନେତ୍ରୀ ମନୋରମା ମଲ୍ଲିକ, ଜ୍ଞାନେନ୍ଦ୍ର ବେଉରିଆ, ମହେଶ୍ୱର ଦାସ, ଧନେଶ୍ୱର ସାମଲ, ଶ୍ରୀଧର ମଲ୍ଲିକ, ଉମେଶ ମଲ୍ଲିକ, ଦିଲୀପ ସାମଲ ପ୍ରମୁଖ ସାମିଲ ହୋଇ ଥିଲେ।

**⏭ ସୁକିନ୍ଦା:** ସୁକିନ୍ଦା ସଦର ମହକୁମା ସମେତ ଡୁବୁରୀ, ମଙ୍ଗଳପୁର, କାଳିଆପାଣି ଓ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଇଛି। ଡୁବୁରୀର ଚାରିଛକ ବନ୍ଦହେବା ଫଳରେ ୫୩ନଂ ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ଶତାଧିକ ଗାଡ଼ି ଠିଆ ହୋଇଥିଲା।

**⏭ ବଡ଼ଚଣା:** ୧୬ନମ୍ବର୍ ଜାତୀୟ ରାଜପଥ ଉପରେ କଂଗ୍ରେସ କର୍ମୀ ମାନେ ପିକେଟିଂ କରିଥିଲେ। ଚଣ୍ଡିଖୋଲ ଛକ, ବାଲିଚନ୍ଦ୍ରପୁର ରେ କଂଗ୍ରେସ୍ କର୍ମୀମାନେ ଧାରଣ ଦେଇଥିଲେ। ବଡଚଣା ବ୍ଲକ୍ କଂଗେସ କମିଟି ସଭାପତି ଚିନ୍ମୟ କୁମାର ପ୍ରଧାନ, ସନ୍ତୋଷ କୁମାର ବଳ, ସମ୍ପାଦକ୍ ପ୍ରବୀର୍ ବଳ, ଯୁବ କଂଗ୍ରେସ ସଭାପତି ଜୟ ପ୍ରକାଶ ବିଶ୍ୱାଳ,ବରିଷ୍ଠ କଂଗ୍ରେସ୍ କର୍ମୀ ନୀଳକଣ୍ଠ ମିଶ୍ର, ଜିଲ୍ଲା ଯୁବ କଂଗ୍ରେସ ନେତା ଚର୍ଚ୍ଚିତ ମାହାଲା, ନିରଂଜନ ସାହୁ, ମାନ ଗୋବିନ୍ଦ ଦାସ, ଶୁଶାନ୍ତ କୁମାର ସାହୁ, ନଳିନୀ କାନ୍ତ ଜେନା, ରବୀନ୍ଦ୍ର କୁମାର ଜେନା, ଦତ୍ତ ହରି ମହାରଣା, ରମାକାନ୍ତ ମାହୁନ୍ତ, ଗୌରାଙ୍ଗ ଦାସ, ପ୍ରଭୁଦତ୍ତ ଜେନା, ସୁଧାଂଶୁ ଶେଖର ନାୟକ, ଦିଲ୍ଲୀପ ନାୟକ, ଗଂଜନ କୁମାର ଜେନା, ଭଗବାନ୍ ପଣ୍ଡା, ଯୁଧିଷ୍ଠିର ସାହୁ, ସୁକାନ୍ତ କୁମାର ଜେନା, ଧୀରେନ୍ଦ୍ର କୁମାର ଜେନା, ସଚ୍ଚିଦାନନ୍ଦ ଜେନା, ଦିଲ୍ଲୀପ କୁମାର ବିଶ୍ୱାଳ ସ୍ମୃତି ରଂଜନ ସାହୁ ସୌଭାଗ୍ୟ କୁମାର ସାମଲ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**⏭ ବରୀ:** ବରୀ ମାଉଣ୍ଟ ଠାରେ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱ ରେ ଦଳୀୟ କର୍ମୀ ମାନେ ରାସ୍ତା ଉପରେ ଟାୟାର ଜାଳି ବସିରହିଥିଲେ।ଏଥିରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଶୈଳେନ୍ଦ୍ର ବେଉରିଆ ବରିଷ୍ଠ କଂଗ୍ରେସ ନେତା, ସନତ ଜେନା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି କାଜଲ ବେଉରିଆ ମିଡ଼ିଆ ସେଲ ସଭାପତି ମାନସ ପରିଡା, ମାନସ ରଞ୍ଜନ ସାହୁ, ଗିରିଜା ପ୍ରସାଦ ରାୟ, ପ୍ରଶାନ୍ତ ମଲ୍ଲିକ ଉପସ୍ଥିତ ଥିଲେ।

**⏭ ଧର୍ମଶାଳା:** ଧର୍ମଶାଳା କଂଗ୍ରେସର ତିନି ଗୋଷ୍ଠୀ ବନ୍ଦ ପାଳନ କରିଥିବା ଦେଖିବାକୁ ମିଳିଛି। ଧର୍ମଶାଳା କଂଗ୍ରେସ ପକ୍ଷରୁ ୧୬ନଂ ଜାତୀୟ ରାଜପଥ ଜାରକା ଛକ, କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ ନେତା ବସନ୍ତ କୁମାର ପରିଡା, ପ୍ରଫୁଲ କୁମାର ରାୟ,ବଳରାମ ଶତପଥୀ, ସେକ ଏକବାଲ, ଗଗନ ରାଉତ, ଯୁବନେତା ଦୀପକ ବଳ ସମେତ କଂଗ୍ରେସ ଦଳର ଗୋଟିଏ ଗୋଷ୍ଠି ୧୬ନଂ ଜାତୀୟ ରାଜପଥର ଯୁକୋବ୍ୟାଙ୍କ ଛକ ଓ ଅଖିଳ ଭାରତୀୟ କଂଗ୍ରେସ କମିଟି ସଦସ୍ୟା ମଧୁସ୍ମିତା ଆଚାର୍ଯ୍ୟଙ୍କ ନେତୃତ୍ୱରେ ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ସଭାପତି ସଞ୍ଜୟ କୁମାର ରାଉତ, ଜିଲ୍ଲା କଂଗ୍ରେସ ଉପସଭାପତି ଜିତେନ୍ଦ୍ର ପଣ୍ଡା, ଜିଲ୍ଲା ସଂପାଦକ ସଞ୍ଜୟ ସାମଲ, ଦଳିତ ସେଲର ଉପସଭାପତି ସତ୍ୟାନନ୍ଦ ମଲିକ, ଯୁବନେତା ଉଗ୍ରେସନ ମହାନ୍ତି, ବୈରାଗୀ ମଲିକ, ସୋମନାଥ ସାହୁ, କେଶବ ମଲିକ, କାଲୁଆ ରାଉତ, ନବ କିଶୋର ମହାନ୍ତି ପ୍ରମୁଖ ବହୁ କଂଗ୍ରେସ କର୍ମୀ ଜାରକା ଭେଙ୍କଟେଶ୍ୱର ସ୍କୁଲ ନିକଟରେ ପିକେଟିଂ କରିଥିଲେ।

**⏭ ବିଂଝାରପୁର :** ବିଞ୍ଝାରପୁର ପିସିସି ସମ୍ପାଦିକା କନକଲତା ମଲିକ, ବ୍ଲକ ସଭାପତି ପ୍ରତାପ କୁମାର ଦାସ, ପୂର୍ବତନ ବ୍ଲକ ସଭାପତି ପ୍ରବୋଧ ଦାସ, ଜିଲ୍ଲା ଉପସଭାପତି ହିମାଂଶୁ ମହଲ, ମହିଳା ସଭାନେତ୍ରୀ ମନୋରମା ମଲିକ, ସତ୍ୟରଞ୍ଜନ ପ୍ରଧାନ, ଶ୍ରୀଧର ମଲ୍ଲିକ , ଆସୁନି ସାମଲ, ଜ୍ଞାନେନ୍ଦ୍ର ବେଉରିଆ, ଶରତ ମହାଳିକ, ଶ୍ରୀଧର ମଲିକ, ରମେଶ ମଲିକ, ମହେଶ୍ୱର ଦାସ, ଧନେଶ୍ୱର ସାମଲ, ଗୋବିନ୍ଦ ନାୟକ, ବିଜୟ ଦାସ ବିଶ୍ୱମ୍ବର ସେନାପତି, ବ୍ରହ୍ମାନନ୍ଦ ମହାଳିକ, ବିଜୟ ଦାସ, ସୁଲୋଚନା ଦାସ, ପ୍ରଦୀପ ପରିଡା , ଅପୁ ସନାପତି ସମେତ ବହୁ କଂଗ୍ରେସ କର୍ମୀ ପିକେଟିଂକରି ବିଂଝାରପୁର, ସୟଦପୁର, ସିଂହପୁର, ମାଁଇନ୍ଦା, ପ୍ରୀତିପୁର, ଅଳକୁଣ୍ଡ ସମେତ ବିଭିନ୍ନ ବଜାର ବନ୍ଦ କରିଥିଲେ।

**ଦାନଗଦି:** କଳିଙ୍ଗନଗର ଶିଳ୍ପାଞ୍ଚଳ ର ମୁଖ ଶାଳା କୁହାଯାଉଥିବା ଦାନଗଦିର ମିଲିଟାରୀ ଛକ କୁ ସମ୍ପୂର୍ଣ ଭାବେ ବନ୍ଦ କରାଯାଇଥିଲା। ପ୍ରାକ୍ତନ ବିଧାୟକ ପାର୍ଥି ଙ୍କ ବିଭୂ ଭୂଷଣ ରାଉତ, ପି. ସି. ସି. ସମ୍ପାଦକ ମହେନ୍ଦ୍ର କୁମାର ଦାଶ. ବ୍ଲକ କଂଗ୍ରେସ ସଭାପତି ଦୟାନିଧି ପଲେଇ, ସାଧାରଣ ସମ୍ପାଦକ ଉମାକାନ୍ତ ଜେନାମାଣି, ବରିଷ୍ଠ କଂଗ୍ରେସ ନେତା ବିଷ୍ଣୁ ଚରଣ ନାଟିଆ, ବୀରବର ଯେନ, ରାକେଶ ନାଟିଆ ଙ୍କ ସମେତ ବହୁ ସଂଖ୍ୟରେ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

**⏭ ପାଣିକୋଇଲି :** ପାଣିକୋଇଲିରେ ବ୍ଲକ କଂଗ୍ରେସ ସଭାପତି ହରେକୃଷ୍ଣ ସାହୁ, ସିପିଏମ ଜିଲ୍ଲା ସମ୍ପାଦକ ଡାକ୍ତର ନିର୍ମଳ ରଥ, ସିପିଆଇ ନେତା ଆଲୋକ ମହାନ୍ତିଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଯୁବନେତା ରାକେଶ ସାହୁ, ମଧୁସୂଦନ ସାହୁ, ଗଣେଷ ସାହୁ, ସୁରେଶ ସାହୁ, ସୁବ୍ରତ ଜେନା ମନ୍ମଥ ରାୟ,ସୁରେଶ କୁମାର ସାହ. ପ୍ରତ୍ୟୁଷ ସାହୁ, ମାଧବ କୁଣ୍ଡୁ , ବ୍ରହ୍ମାନନ୍ଦ ବାରିକ, ରବିନାରାୟଣ ସାହୁ, ପ୍ରମୋଦ ସାହୁ କିର୍ତନ ସାହୁ, ଅଭୟ ଓଝା, ଅନନ୍ତ ଚରଣ ସାହୁ,ନିରଂଜନ ସାହୁ, ମହିଳା କଂଗ୍ରେସ ନେତ୍ରୀ ସୁନିତା ସାହୁ, ଅରୁପାନନ୍ଦ ମଲ୍ଲିକ, ସୁଦାମ ପରିଡା, ଶଙ୍କର ମଲ୍ଲିକ, ବିକାଶ ତରେଇ, ରାକେଶ ତରାଇ, ଆଲୋକ ମାଝୀ, ରାଜା ପ୍ରକାଶ ତରେଇ, ଜିତୁ ଜେନା, ନାଗା ମଝୀ, ରାଜୁ ମଲ୍ଲିକ, ସତ୍ୟ ପହୀ ବଳରାମ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଶାସକ ଦଳକୁ ଘାରିଛି ପରାଜୟର ଭୟ

# ନିର୍ବାଚନ ବନ୍ଦ ପାଇଁ ବୋମାମାଡ଼!



## ପ୍ରାର୍ଥୀ ଦେଇ ନ ପାରିବାରୁ ଆତ୍ମସମର୍ପଣ କଲା ଏବିଭିପି : ବିସିଜେଡି

ବ୍ୟାସନଗର,୮ ।୧୦(ସମିସ)

୯ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ନେଇ ଘୋଷଣା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଥିଲା। ତେବେ ବିଜ୍ଞପ୍ତି ପ୍ରକାଶ ପାଇବାର ଗୋଟିଏ ଦିନ ପରେ ଯାଜପୁର ଜିଲ୍ଲା କୋରେଇ ନିର୍ବାଚନମଣ୍ଡଳୀର ପ୍ରାୟ ସମସ୍ତ କଲେଜରେ ଚଳିତବର୍ଷର ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରି ଦିଆଯାଇଛି। ପୂର୍ବରୁ ଗତକାଲି କୁଆଖିଆ ମୁଗପାଳସ୍ଥିତ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ବାତିଲ ନିମନ୍ତେ କଲେଜ ପ୍ରଶାସନ ନିଷ୍ପତ୍ତି ନେଇଥିବା ବେଳେ ଏହି ଧାରାରେ ସାମିଲ ହୋଇଥିଲେ ପାଣିକୋଇଲି ମା ତାରିଣୀ ମହାବିଦ୍ୟାଳୟ, କୋରେଇ କାହ୍ନୁଚରଣ ମହାବିଦ୍ୟାଳୟ ଏବଂ ବରୁଣ୍ଡେଇସ୍ଥିତ ପ୍ରାଣକୃଷ୍ଣ ମହାବିଦ୍ୟାଳୟ। ତେବେ ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କଲେଜ ଭାବେ ସୁନାମ ଅର୍ଜନ କରିଥିବା ଏପରିକି ଅନେକ ଛାତ୍ରନେତା ସୃଷ୍ଟି କରିଥିବା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତବର୍ଷ ଛାତ୍ରସଂସଦ ନିର୍ବାଚନ ନେଇ ରାଜନୈତିକ ମାହୋଲ ଗରମ ହୋଇଥିଲା। ବିଶେଷକରି ଛାତ୍ରସଂସଦରେ ପ୍ରାର୍ଥୀ ଦେବା ନିମନ୍ତେ ବିଜୁ ଛାତ୍ର ଜନତା ଦଳ(ବିସିଜେଡି), ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପ୍ରମୁଖ ଦଳ ଭାବେ ଉଭା ହୋଇଥିଲେ। ତେବେ ୭ ତାରିଖରେ ନିର୍ବାଚନ ନେଇ ବିଜ୍ଞପ୍ତି ପରେ ୯ ତାରିଖ ନାମାଙ୍କନ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିଲା ,ଫଳରେ ଉଭୟ ଦଳ ନିଜ ନିଜ ପ୍ରାର୍ଥୀ ପ୍ରସ୍ତୁତରେ ଲାଗିପଡିଥିବା ବେଳେ ନିଜ ରଣକୌଶଳ ଲଗାଇ ନିର୍ବାଚନ ବୈତରଣୀ ପାର ହେବାକୁ ପଥ ପରିଷ୍କାର କରୁଥିଲେ। ହେଲେ ଗୁରୁବାର ଭୋର ପ୍ରାୟ ୩ ଘଟିକା ସମୟରେ ଏକ ଛୋଟ ନିର୍ବାଚନୀ ହିଂସା ଦେଖିବାକୁ ମିଳିବା ପରେ ଏକପ୍ରକାର ନିର୍ବାଚନ ବାତିଲ ନେଇ ଏହା



ଏକ ଷଡଯନ୍ତ୍ର ବୋଲି ଅନେକ ଛାତ୍ରନେତା ସନ୍ଦେହ ପ୍ରକଟ କରିଥିଲେ। ତେବେ ଗୁରୁବାର ଭୋର ସମୟରେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଗେଷ୍ଟ ହାଉସ(ଯେଉଁଠି ଅଧ୍ୟକ୍ଷ ନିଜେ ରହୁଛନ୍ତି) ଏବଂ ଛାତ୍ରାବାସ ଉପରକୁ କେହି ଦୁର୍ବୃତ୍ତ ବମ୍ ପକାଇ କଲେଜ ପରିସରରେ ଅସ୍ଥିରତା ସୃଷ୍ଟି କରିଥିଲା। ତେବେ ତୁରନ୍ତ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ତ୍ରିପାଠୀ ଯାଜପୁର ରୋଡ ଥାନାଧିକାରୀଙ୍କୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଖବର ଲେଖା ହେବା ଯାଏଁ ପୁଲିସ ଏହି ମାମଲାରେ କାହାକୁ ଧରିବାରେ ସକ୍ଷମ ହୋଇପାରିନଥିବା ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ପ୍ରାର୍ଥୀ ଦେବାକୁ ଏବିଭିପିର ଆବଶ୍ୟକୀୟ ସଂଖ୍ୟା ନଥିବା ନେଇ ବିସିଜେଡି ଛାତ୍ରନେତାମାନେ ସାମାଜିକ ଗଣମାଧ୍ୟମରେ କହୁଥିବା ବେଳେ ଛାତ୍ର ସଂସଦ ନିର୍ବାଚନ ବାତିଲ ନେଇ ସେମାନେ ପୂର୍ବରୁ କରୁଥିବା ଆଶଙ୍କାକୁ ବୋମା ପକାଇବା ଏକ ମାଧ୍ୟମ କରି ନିର୍ବାଚନକୁ ବନ୍ଦ କରି ଦିଆଗଲା। ତେବେ ବୋମା ପଡିବା ପରେ କଲେଜ ଆଗରେ ଏବିଭିପିର ମାତ୍ର ୫-୬ ଜଣ ଛାତ୍ର ନେତା କଲେଜ ଫାଟକ ଆଗରେ ବସି ନିର୍ବାଚନ ବନ୍ଦ ପାଇଁ ବିସିଜେଡି ଛାତ୍ର ନେତାଙ୍କୁ ଦାୟୀ କରିବା କରିଥିବା ବେଳେ ବିସିଜେଡି ପକ୍ଷରୁ ଶହ ଶହ ଛାତ୍ରଛାତ୍ରୀ କଲେଜରେ ନିର୍ବାଚନକୁ ନେଇ ଜୋରଦାର ଦାବି କରିବା ସହିତ ନିର୍ବାଚନ ବନ୍ଦ ପାଇଁ ମସୁଧା କରୁଥିବା ଏବିବିପି ଛାତ୍ରନେତା ଏବଂ ଅନ୍ୟମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ତେବେ ତେବେ ଏନେଇ କଲେଜ ପରିସର ମଧ୍ୟରେ ନିର୍ବାଚନ କମିଟି, କଲେଜ ଏକାଡେମିକ କମିଟି ଏବଂ ପରିଚାଳନା କମିଟି ମଧ୍ୟରେ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନିଷ୍ପତ୍ତି ଅନୁଯାୟୀ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୮-୧୦-୨୦୨୬ ରିଖ ଦିବା ୧ ଘଟିକାଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ସାଇନ-ଏ-ଡାଏ ଘୋଷଣା କରାଯିବା ସହିତ ୯ ତାରିଖ ସକାଳ ସୁଦ୍ଧା କଲେଜ କ୍ୟାମ୍ପସରେ ରହୁଥିବା ସମସ୍ତ ଛାତ୍ରଛାତ୍ରୀ ହଷ୍ଟେଲ ଛାଡି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ କଲେଜ ନୋଟିସ ନଂ ୩୦୭୭/୦୮-୧୦-୨୦୨୬ରେ କଲେଜ ୱେବସାଇଟରେ ସୂଚନା ପ୍ରଦାନ କରାଯାଇଛି। ତେବେ ଛାତ୍ର ସଂସଦ ନିର୍ବାଚନ ବନ୍ଦକୁ ନେଇ ବିସିଜେଡି ଛାତ୍ର ନେତା ଓମ୍ ଆର୍ଯ୍ୟନ ପୁହାଣ କହିଛନ୍ତି ଯେ ନିର୍ବାଚନ ନିମନ୍ତେ ପ୍ରାର୍ଥୀ ଦେବାକୁ ଏଭିବିପିର ଆବଶ୍ୟକୀୟ ସଂଖ୍ୟା ନଥିଲା ନିଜ ଦଳରେ ଗୋଷ୍ଠୀ କନ୍ଦଳ ଯୋଗୁଁ ଯୁବମୋର୍ଚ୍ଚା କର୍ମୀ ସ୍ଥାନ ଛାଡି ପଳାଇବା ପରେ ଅନେକ ଛାତ୍ର ନେତା ଏଭିବିପି ଛାଡି ଆମ ଶିବିରରେ ଯୋଗ ଦେବା ଫଳରେ ସେମାନେ ଆମସମର୍ପଣ ପାଇଁ ବାଟ ଖୋଜୁଥିବା ବେଳେ ବୋମା ପକାଇବା ଘଟଣାକୁ ମାଧ୍ୟମ କରି ନିର୍ବାଚନ ବାତିଲ କଲେ। ଅନ୍ୟପକ୍ଷରେ ଦୀର୍ଘ ୯ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ବାତିଲ ନେଇ ପୂର୍ବତନ ଛାତ୍ର ସଂସଦ ସଭାପତି ବିଦ୍ୟାଧର ମହାନ୍ତି ଘଟଣାକୁ ଦୃଢ ନିନ୍ଦା କରି କହିଛନ୍ତି ଯେ ସୁବର୍ଣ୍ଣ ଜୟନ୍ତୀ ଠାରୁ ଆରମ୍ଭ କରି ବ୍ୟାପକ ଅର୍ଥ ହେରଫେର,ଅଧ୍ୟାପକ/ଅଧ୍ୟାପିକା ପଦ ପୂରଣରେ ଟାଳଟୁଳ ନୀତି,ବିଜେପି ଦ୍ୱାରା ଅଣଛାତ୍ରଙ୍କୁ ମୋହରା କରି ବୋମାମାଡ କରି ୭ ଜଣ ଏଭିବିପି କର୍ମୀଙ୍କ ଦ୍ୱାରା କଲେଜ ସମ୍ମୁଖରେ ଧାରଣା ଦେବା ବିଜେପି ଏବଂ ଏଭିବିପିର ଅସଲ ରୂପ ପଦାରେ ପକାଇଛି। ୯ ବର୍ଷ ଧରି ଛାତ୍ରଛାତ୍ରୀଙ୍କର ଗଣତାନ୍ତ୍ରିକ ଅଧିକାର ସଙ୍କୁଚିତ କରିବା ସହିତ ଲୋକଦେଖାଣିଆ ଭାବେ ନିର୍ବାଚନ ଘୋଷଣା ଏବଂ ପରେ ବାତିଲ କରିବା ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ଜରୁରୀ ବୋଲି ଶ୍ରୀ ମହାନ୍ତି ଦାବି କରିଛନ୍ତି।

## ପୋଖରୀରେ ବୁଡ଼ି ନାବଳକ ମୃତ

**ପାଣିକୋଇଲି,୮।୧୦ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଂଚାୟତର ମୂଳାପାଳ ଆଦିବାସୀ ସାହିରେ ପୋଖରୀରେ ବୁଡି ଜଣେ ୬ ବର୍ଷ ଶିଶୁର ମୃତ୍ୟୁ ଘଟିଛି। ପ୍ରକାଶଯେ ମୂଳାପାଳ ଆଦିବାସୀ ବସ୍ତିର ଦେବାଶିଷ ମାଝୀଙ୍କ ପୁଅ ମିଟୁ ମାଝୀ (୬) ପୋଖରୀ କୂଳକୁ ଶୌଚ ପାଇଁ ଯାଇ ବୁଡିଯାଇଥିଲା। ଘରଲୋକ ଖୋଜାଖୋଜି କରିବା ପରେ ପାଣିରେ ମିଟୁ ବୁଡିଥିବା ଦେଖି ତାକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପାଣିକୋଇଲି ଥାନାରେ ଜଣାଇବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ତଦନ୍ତ ଜାରି ରହିଛଇ। ଶୁକ୍ରବାର ତାର ଶବ ବ୍ୟବଚ୍ଛେଦ କରାଯିବ।

## ନାବାଳିକାକୁ ଗଣଦୁଷ୍କର୍ମ, ନାବାଳକ ସମେତ ୫ ଅଦାଲତ ଚାଲାଣ

**ପାଣିକୋଇଲି,୮।୧୦ (ସମିସ):** ପାଣିକୋଇଲି ପୁଲିସ ଆଜି ଜଣେ ନାବାଳିକା ଗଣ ବଳାତ୍କାର ମାମଲାରେ ଜଣେ ନାବାଳକ ସହିତ ୫ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ପାଣିକୋଇଲି ଥାନା ତଥା ଯାଜପୁର ବ୍ଲକ ମାଳଆନନ୍ଦପୁର ପଂଚାୟତ ରୁଡିଆ ଗ୍ରାମର ଦୀପା ମିଶ୍ରଙ୍କ ଅଭିଯୋଗ ମୁତାବକ ତାଙ୍କ ବଡ ଝିଅ ଏକୁଟିଆ ଘରେ ଥିବା ବେଳେ ତାଙ୍କ ଗ୍ରାମର ଦେବୀ ପ୍ରସାଦ ସ୍ୱାଇଁ(୨୬), ଅନୁରାଗ ସ୍ୱାଇଁ(୧୯), ଲୋକନାଥ ମିଶ୍ର (୨୮), ନନ୍ଦୁ ଜେନା(୨୬) ଓ ଜଣେ ନାବାଳକ ମିଳିତ ଭାବେ ଏକ ନିର୍ଜନ ସ୍ଥାନକୁ ଡାକି ନେଇ ଗଣଦୁଷ୍କର୍ମ କରିଥିଲେ। ପରଦିନ ଝିଅ ଜଣାଇବା ପରେ ତାଙ୍କ ମା ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ୩୬୬/୨୬ ରୁଜୁ କରି ମାମଲାର ତଦନ୍ତ କରି ଅଭିଯୁକ୍ତ ୫ ଜଣଙ୍କୁ ଗିରଫ କରିବାରେ ସକ୍ଷମବ ହୋଇଥିଲା। ଆଜି ୫ଜଣଙ୍କୁ ଅଦାଲତ ଚାଲାଣ କରାଯାଇଚି। ଅଭିଯୁକ୍ତ ୪ ଜଣଙ୍କୁ ଯାଜପୁର ରୋଡ କୋର୍ଟରେ ହାଜର କରାଯିବା ସହିତ ନାବାଳକକୁ ଯାଜପୁର କୋର୍ଟରେ ହାଜର କରାଯାଇ ରାଉରକେଲା ପଠାଯାଇଛି।


## ଅତିରିକ୍ତ ବିଜ୍ଞପ୍ତି

ଭାରତର ଗେଜେଟ୍ (DL-୩୩୦୦୪/୯୯), ଭାଗ-II, ବିଭାଗ-୩, ଉପ-ବିଭାଗ (ii) ନଂ. ୨୭୧୭ (ନୂଆଦିଲ୍ଲୀ, ବୁଧବାର, ୧୬ ଡିସେମ୍ବର ୨୦୧୫ / ଅଗ୍ରହାୟଣ ୨୫, ୧୯୩୭) ରେ ପ୍ରକାଶିତ JSW Energy (Utkal) Limited (ପୂର୍ବନାମ Ind-Barath Energy (Utkal) Limited) ର ସାର୍ବଜନୀନ ବିଜ୍ଞପ୍ତି ପାଇଁ ଏହି ଅତିରିକ୍ତ ବିଜ୍ଞପ୍ତି -

**ଟ୍ରାନ୍ସମିସନ୍ (ବିଦ୍ୟୁତ ସଞ୍ଚାରଣ) ଯୋଜନାର ନାମ:** 400 kV Ind-Barath TPS - 765/400kV Jharsuguda Pooling Station D/C (Twin Moose) ଏବଂ ଝାରସୁଗୁଡ଼ା ଷ୍ଟେସନରେ ଆନୁଷଙ୍ଗିକ ଲାଇନ୍ ବେ (line bays) - ଯାହା ଉତ୍ପାଦନକାରୀ ସଂସ୍ଥା ଦ୍ୱାରା ଏକ ସ୍ୱତନ୍ତ୍ର ଲାଇନ୍ ଭାବରେ ବିକଶିତ କରାଯିବ ।

**ଯୋଜନା ଅନ୍ତର୍ଗତ ଟ୍ରାନ୍ସମିସନ୍ ଲାଇନ୍ / କାର୍ଯ୍ୟର ନାମ:** 400 kV Ind-Barath TPS - 765/400kV Jharsuguda Pooling Station D/C (Twin Moose) ସ୍ୱତନ୍ତ୍ର ଟ୍ରାନ୍ସମିସନ୍ ଲାଇନ୍ (DTL) ନିର୍ମାଣ ପାଇଁ ପଥ ପରିବର୍ତ୍ତନ । ଏହି ପଥ ସାରଣ୍ଡାମାଲ ଗ୍ରାମ (ତହସିଲ- ଲଖନପୁର, ଜିଲ୍ଲା- ଝାରସୁଗୁଡ଼ା, ଓଡ଼ିଶା) ସ୍ଥିତ (400 kV D/C OPGC - PGCIL Sundargarh ଟ୍ରାନ୍ସମିସନ୍ ଲାଇନ୍) LILO ପଏଣ୍ଟରୁ ଆରମ୍ଭ ହୋଇ ରାଜପୁର ଗ୍ରାମ (ତହସିଲ- ଝାରସୁଗୁଡ଼ା, ଜିଲ୍ଲା- ଝାରସୁଗୁଡ଼ା, ଓଡ଼ିଶା) ପର୍ଯ୍ୟନ୍ତ ଯିବ । ପଥ ପରିବର୍ତ୍ତନ କରାଯାଇଥିବା ଏହି ଅଂଶର ଦୈର୍ଘ୍ୟ ପ୍ରାୟ ୨୩.୪୩୧ କିଲୋମିଟର ଅଟେ ।

ସ୍ୱତନ୍ତ୍ର ଟ୍ରାନ୍ସମିସନ୍ ଲାଇନ୍ ପାଇଁ ପ୍ରଥମେ ଅନୁମୋଦିତ ପଥର ଏକ ଅଂଶରେ କୋଇଲା ଖଣିର ସମ୍ପ୍ରସାରଣ କାରଣରୁ ଉପରୋକ୍ତ ପଥ ପରିବର୍ତ୍ତନ ଆବଶ୍ୟକ ହୋଇପଡ଼ିଛି ।

ଏହି ଯୋଜନା ଅନ୍ତର୍ଗତ ଟ୍ରାନ୍ସମିସନ୍ ଲାଇନର ସଂଶୋଧିତ ପଥ ନିମ୍ନଲିଖିତ ଗ୍ରାମ, ସହର ଏବଂ ନଗରଗୁଡ଼ିକ ମଧ୍ୟ ଦେଇ, ଉପର ଦେଇ, ଚାରିପାଖେ ଏବଂ ମଧ୍ୟଭାଗ ଦେଇ ଗତି କରିବ ।

| କ୍ର.ସଂ. | ଗ୍ରାମର ନାମ | ତହସିଲ | ଜିଲ୍ଲା |
|---|---|---|---|
| ୧ | ସରଣ୍ଡାମାଲ, ଗୁରୁହିଲି (ଗୁଡିଆଲି) (ଗୁରହିଆଲି) | ଲଖନପୁର | ଝାରସୁଗୁଡ଼ା |
| ୨ | ବାଲାପୁଟ (ବାଲପୁଟ) (ବାଲିପୁଟ), ଅଇଲାପାଲି (ଅଇଁଲାପାଲି), ବୁଣ୍ଡିଆ (ବୁନ୍ଦିଆ) ରାମପୁର, ବ୍ରଜରାଜନଗର (ବ୍ରଜରାଜନଗର ଟାଉନ ୟୁନିଟ ନଂ-୧), ଖଏଟ (ଖଇଟା), ସିଂହାବଗା (ସିଙ୍ଗବଗା), ଜମୁଆପାଲି, ଜମେରା, ବୁଡିପଦର (ବୁଢ଼ିପଦର), ହଂସାମୁରା-କଟାପାଲି (ହଂସାମୁରା- କାଟାପାଲି), ଦେଗାଁ (ଦେଓଗାଁ), ରାଜପୁର (ରାଜପୁରା) | ଝାରସୁଗୁଡ଼ା | ଝାରସୁଗୁଡ଼ା |

ରୁଟ ଆଲାଟମେଣ୍ଟ ର ଏକ କପି ନିମ୍ନ ରେ ପ୍ରଦତ୍ତ ସ୍ୱାକ୍ଷରକାରୀଙ୍କ ଅଫିସ ରେ ଉପଲବ୍ଧ ଅଛି । ଏହି ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ଦୁଇ (୨) ମାସ ମଧ୍ୟରେ ପ୍ରସ୍ତାବିତ ଟ୍ରାନ୍ସମିସନ ସିଷ୍ଟମ ଉପରେ ପର୍ଯ୍ୟବେକ୍ଷଣ / ଉପସ୍ଥାପନା କରିବାକୁ ଜନସାଧାରଣଙ୍କୁ ନୋଟିସ୍ ଲିଖିତ ଆକାରରେ ଦିଆଯାଇଛି ଅଧିକ ବିଶେଷତା ଏବଂ ସ୍ପଷ୍ଟୀକରଣ ପାଇଁ ଦୟାକରି ଯୋଗାଯୋଗ କରନ୍ତୁ ।

**ନାମ: - ବିଜୟ ଇଂଗୁଲେ, ପଦବୀ: - ଉପ-ସଭାପତି, ଅଫିସ୍ ଠିକଣା: - ସାହାଜବାହଲ, ଝାରସୁଗୁଡ଼ା, ଓଡିଶା, ଇମେଲ୍ ଠିକଣା: -vijay.ingole@jsw.in, ମୋବାଇଲ୍ ନଂ: -୯୮୯୩୫୯୯୨୪୯**

ସକାଳ
THE SAKALA

# ସମ୍ପାଦକୀୟ



ଭୋଟ ଏକ ବନ୍ଧୁକ ପରି। ଏହାର ଉପଯୋଗିତା ବ୍ୟବହାରକାରୀର ଚରିତ୍ର ଉପରେ ନିର୍ଭର କରେ।

-ଟି. ରୁଜଭେଲ୍ଟ

# ଏଆଇ ବିପର୍ଯ୍ୟୟ ଆଣିବ କି?

**ଇଂ ମାୟାଧର ସ୍ୱାଇଁ**

ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ କାୟା ବିସ୍ତାର କଲାଣି। ଏହାଦ୍ୱାରା ଆମର ଅନେକ ଉପକାର ହେଉଥିଲେ ସୁଦ୍ଧା ଏହାର କ୍ରମବର୍ଦ୍ଧମାନ ଶକ୍ତିକୁ ନେଇ ଅନେକ ବୁଦ୍ଧିଜୀବୀ ଆଶଙ୍କା ପ୍ରକାଶ କଲେଣି। ଯେଉଁ କାମକୁ ମନୁଷ୍ୟ ନିଜ ବୁଦ୍ଧି ଖଟାଇ କରିଥାଏ ତାହାକୁ ଯଦି କମ୍ପ୍ୟୁଟର କିମ୍ବା ଅନ୍ୟ କୌଣସି ବ୍ୟବସ୍ଥା କରିପାରେ, ତାକୁ କୃତ୍ରିମ ବୁଦ୍ଧିମତ୍ତା କୁହାଯାଏ। ଏହା ହେଉଛି ଗୋଟିଏ କମ୍ପ୍ୟୁଟର ସଫଟଓୟାର, ଯାହା ବିପୁଳ ପରିମାଣର ତଥ୍ୟ(ଡାଟା)ରୁ ଶୈଳୀ ଶିକ୍ଷା ଲାଭ କରେ ଏବଂ ସେହି ଶୈଳୀଗୁଡ଼ିକୁ ବ୍ୟବହାର କରି ପୂର୍ବାନୁମାନ କରିଥାଏ। ପୂର୍ବରୁ ପାରମ୍ପରିକ ସଫ୍ଟଓୟାରଗୁଡ଼ିକ ଏହାକୁ ଦିଆଯାଇଥିବା ଡାଟା ଓ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରନ୍ତି। ମାତ୍ର ଏଆଇ ଏହି ଡାଟା ଓ ଅଭିଜ୍ଞତାରୁ ଅଧିକ ଶିକ୍ଷା କରେ।

ଗୋଟିଏ କଳ ମନୁଷ୍ୟ ଭଳି କାର୍ଯ୍ୟ କରିପାରିବାର ଧାରଣା ବହୁତ ପୁରୁଣା। ମାତ୍ର ଏହାର କାର୍ଯ୍ୟକାରିତା ଗତ ଶତାବ୍ଦୀର ଶେଷ ଭାଗରେ ଆରମ୍ଭ ହେଲା। ଆମେରିକାର କମ୍ପ୍ୟୁଟର ବିଜ୍ଞାନୀ ଜନ୍ ମାକ୍‌କାର୍ଥି ୧୯୫୬ ମସିହାରେ ଡାର୍ଟମାଉଥ ସମ୍ମିଳନୀରେ ପ୍ରଥମେ ଏଆଇ ଶବ୍ଦ ବ୍ୟବହାର କରିଥିଲେ। ଗତ ଦଶ ବର୍ଷ ଭିତରେ ଏଆଇ ଅନେକ ଅଗ୍ରସର କରିଛି। ଆଜି ଏହା ସାହାଯ୍ୟରେ ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରାଯାଇପାରୁଛି। ଏହା ଗଳ୍ପ, ଉପନ୍ୟାସ, କବିତା ଆଦି ଲେଖିପାରୁଛି। ଯେକୌଣସି ପ୍ରକାର ପ୍ରଶ୍ନର ଉତ୍ତର ଦେଇ ପାରୁଛି ଏବଂ ଏହା ସାହାଯ୍ୟରେ ମାନବବିହୀନ କାର, ଡ୍ରୋନ ଆଦି ଗତି କରିପାରୁଛି। ଏହା ଆଜି ସ୍ୱାସ୍ଥ୍ୟସେବା, ପରିବହନ, ଗ୍ରାହକ ସେବା, ପ୍ରଶାସନ, ବିଜ୍ଞାନ ଗବେଷଣା ସମେତ ଅନେକ କ୍ଷେତ୍ରରେ ପ୍ରୟୋଗ ହେଉଛି।

ଏଆଇର ମୁଖ୍ୟ ଉପାଦାନ ହେଉଛି ମେସିନ ଲର୍ଣ୍ଣିଂ, ଯାହା ଅଭିଜ୍ଞତାରୁ ଆଲଗୋରିଦିମ୍ ବିକାଶ କରେ ଏବଂ ଏହା ସାହାଯ୍ୟରେ କମ୍ପ୍ୟୁଟର ଶିକ୍ଷା ଲାଭ କରିବା ସହିତ ଡାଟା ଆଧାରରେ ପୂର୍ବାନୁମାନ କିମ୍ବା ନିଷ୍ପତ୍ତି ନେଇଥାଏ। ଏହାର ଅନ୍ୟ ଏକ ଉପାଦାନ ହେଉଛି ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ, ଯାହା ସାହାଯ୍ୟରେ ଭାଷା ବା କଥନ ମାଧ୍ୟମରେ କମ୍ପ୍ୟୁଟର ଓ ମନୁଷ୍ୟ ମଧ୍ୟରେ ଆନ୍ତଃକ୍ରିୟା ଘଟିଥାଏ। କମ୍ପ୍ୟୁଟର କିମ୍ବା ମୋବାଇଲ ଫୋନ କିବୋର୍ଡରେ ଟାଇପ୍ ନ କରି ଏହାକୁ ପାଟିରେ ପ୍ରଶ୍ନ ପଚାରିଲେ ମଧ୍ୟ ତାହା ବୁଝିପାରି ଉତ୍ତର ଦେଇଥାଏ। ପୁନଶ୍ଚ ଏହି ଉତ୍ତରକୁ ମନୁଷ୍ୟ ଭଳି କହିଥାଏ କିମ୍ବା ପରଦାରେ ଲେଖିକରି ଦେଇଥାଏ। ଜେନେରେଟିଭ୍ ଏଆଇ ବିଶାଳ ଡାଟାପୁଞ୍ଜିରୁ ପୂର୍ବ ଶୈଳୀକୁ ବ୍ୟବହାର କରି ପାଠ୍ୟ ଚିତ୍ର, ଅଡିଓ ଏବଂ ଭିଡିଓ ପ୍ରସ୍ତୁତ କରିଥାଏ।

ଏଆଇକୁ ତିନିପ୍ରକାରରେ ଭାଗ କରାଯାଇଛି। ପ୍ରଥମ ହେଉଛି 'ସଂକୀର୍ଣ୍ଣ ଏଆଇ', ଯାହା କଥନକୁ ଚିହ୍ନଟ ଭଳି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଡିଜାଇନ ହୋଇଥାଏ। ଏହାର ଉଦାହରଣ ହେଉଛି ଆଲେକ୍ସା ଓ ସିରି। ଆଲେକ୍ସାକୁ କୌଣସି ଗୀତ ଗାଇବାକୁ କହିଲେ ସେ ସାଙ୍ଗେ ସାଙ୍ଗେ ଶୁଣାଇଦିଏ। ଦ୍ୱିତୀୟ ପ୍ରକାର ହେଉଛି 'ସାଧାରଣ ଏଆଇ'। ଏହା ବିଭିନ୍ନ କ୍ଷେତ୍ରରେ ମନୁଷ୍ୟ ଭଳି କାର୍ଯ୍ୟ କରିପାରେ। ଏହା ସମୟକ୍ରମେ ନିଜେ ନିଜେ ଶିଖିଥାଏ ଏବଂ ନିଜର ଅଧିକ ବିକାଶ କରିଥାଏ। ତୃତୀୟ ପ୍ରକାର ହେଉଛି 'ଅତି ବୁଦ୍ଧିମାନ ଏଆଇ', ଯାହା ବିଜ୍ଞାନଠାରୁ ଆରମ୍ଭ କରି କଳା ଓ ଦକ୍ଷତା ଆଦି ସମସ୍ତ କ୍ଷେତ୍ରରେ ମନୁଷ୍ୟ ବୁଦ୍ଧିଠାରୁ ବଳିଯିବ। ଆମେମାନେ ବର୍ତ୍ତମାନ ଦ୍ୱିତୀୟ ପ୍ରକାର ଏଆଇରେ ପହଞ୍ଚିଛେ ଏବଂ ତୃତୀୟପ୍ରକାର ଏଆଇ ପାଇଁ ବିଭିନ୍ନ ସ୍ଥାନରେ ଗବେଷଣା ଚାଲିଛି। ପୂର୍ବରୁ ବିଜ୍ଞାନ ଗପ ଓ ଉପନ୍ୟାସରେ ଏଆଇ ସ୍ଥାନ ପାଇଥିଲେ ସୁଦ୍ଧା ଏହାର ଅଗ୍ରଗତିକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ଆଉ ଦଶବର୍ଷ ଭିତରେ ଆମେ ଏହା ହାସଲ କରିପାରିବା। ମନୁଷ୍ୟ ସମାଜ ପ୍ରତି ତୃତୀୟ ପ୍ରକାର ଏଆଇର ସମ୍ଭାବ୍ୟ ବିପଦ ଭୟଭୀତ କରୁଛି। ଏହି ଶତାବ୍ଦୀର ପ୍ରଥମ ଦଶକରେ ଶ୍ରେଷ୍ଠ ପଦାର୍ଥ ବିଜ୍ଞାନୀ ଷ୍ଟିଫେନ ହକିଙ୍ଗ ପ୍ରକାଶ କରିଥିଲେ ଯେ ଏଆଇ ଯେପରି ଅଗ୍ରଗତି କରୁଛି ତାହା ଦିନେ ମାନବ ସମାଜକୁ ଦାସ କରି ରଖିବ।

ଏଆଇର ଭବିଷ୍ୟତ ବିପଦକୁ ହୃଦୟଙ୍ଗମ କରି ଏହା ଉପରେ ଅଧିକ ଗବେଷଣା ନ କରିବା ପାଇଁ ଅନେକ କମ୍ପ୍ୟୁଟର ବିଜ୍ଞାନୀ ମତ ଦେଇଛନ୍ତି। ଏପରିକି କେତେଜଣ ସ୍ୱନାମଧନ୍ୟ ଗବେଷକ ଏହାର ଗବେଷଣା ଛାଡ଼ି ଦେଇଛନ୍ତି। ଗବେଷକ ପିଟର ବାର୍ନେଟ ପ୍ରକାଶ କରିଛନ୍ତି ଯେ ଯଦି ଏଆଇ ମନୁଷ୍ୟଠାରୁ ଅଧିକ ଚାଲାଖ ହୁଏ, ତା'ହେଲେ ଏହା ମନୁଷ୍ୟ ଜାଣି ନଥିବା କୌଣସି ଆକ୍ରମଣକାରୀ ରୋଗବାହକକୁ ପାଇପାରେ ଏବଂ ଏହାକୁ ମନୁଷ୍ୟ ବିରୁଦ୍ଧରେ ବିଦ୍ରୋହ ସୃଷ୍ଟି କରିପାରେ। ଏଆଇକୁ ବ୍ୟବହାର କରି କେତେକ ଦେଶର ନିର୍ବାଚନକୁ ପ୍ରଭାବିତ କରାଯାଇଥିବାର ଦୋଷାରୋପ କରାଯାଇଛି। ପୁନଶ୍ଚ ଏହାକୁ ବ୍ୟବହାର କରି ମିଥ୍ୟା ଓ ଚାଞ୍ଚଲ୍ୟକର ତଥ୍ୟ ଦେଇ ନିର୍ବାଚିତ ସରକାରକୁ ଭାଙ୍ଗିବାକୁ ଚେଷ୍ଟା କରାଯାଇଛି। ଏହାବ୍ୟତୀତ ଏଆଇ ନିଯୁକ୍ତି ସୁଯୋଗ ହ୍ରାସ କରୁଛି ଏବଂ ବ୍ୟକ୍ତିଗତ ଗୋପନୀୟତା ଅଧିକାର ଉପରେ ହସ୍ତକ୍ଷେପ କରୁଥିବା ଅଭିଯୋଗ ଆସିଛି।

ଆନ୍ଥ୍ରୋପିକ, ଓପନଏଆଇ ଏବଂ ମେଟା ଭଳି ଏଆଇ କମ୍ପାନୀଗୁଡ଼ିକ ନିକଟରେ ପ୍ରକାଶ କରିଛନ୍ତି ଯେ ଏଆଇ ବ୍ୟବସ୍ଥା ବର୍ତ୍ତମାନ ମନୁଷ୍ୟର ନିର୍ଦ୍ଦେଶକୁ ନମାନି କେତେକ କ୍ଷେତ୍ରରେ ନିଜେ ନିଜେ ଅନ୍ୟ କମ୍ପାନୀଗୁଡ଼ିକର ସଫ୍ଟୱୟାରରେ ଅନୁପ୍ରବେଶ କଲାଣି, ଯାହା କମ୍ପାନୀଗୁଡ଼ିକୁ ଓ ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି। ମନୁଷ୍ୟ ଏଆଇ ଉପରେ ନିୟନ୍ତ୍ରଣ ହରାଇଲେ ଏହା ଅତି ବିପଜ୍ଜନକ ହେବ। ଏଥିପାଇଁ ଏହାର ଗବେଷଣାକୁ ନିୟନ୍ତ୍ରଣ କରିବାକୁ ହେବ। ମାତ୍ର ଦେଖାଯାଉଛି ଯେ ଏହା ଉପରେ ଅଧିକ ଗବେଷଣା କରିବା ପାଇଁ ବିଭିନ୍ନ କମ୍ପାନୀ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଟେସ୍‌ଲା ଓ ସ୍ପେସଏକ୍ସର ପ୍ରତିଷ୍ଠାତା ଏଲନ ମସ୍କ ଓ ଏକହଜାର ବୈଜ୍ଞାନିକ ୨୦୨୩ ମସିହାରେ ଏକ ଖୋଲା ଚିଠି ଲେଖି ବଡ଼ ଏଆଇ ପରୀକ୍ଷାରେ ବିରତି ଦେବା ପାଇଁ ଗୁରୁତ୍ୱ ଦେଇଥିଲେ। ଗତମାସରେ ଅନେକ ରାଜନେତା, ବୈଜ୍ଞାନିକ, ଧର୍ମଗୁରୁ ଏବଂ ନୀତିନିର୍ଦ୍ଧାରକମାନେ ଅତିବୁଦ୍ଧିମାନ ଏଆଇକୁ ନିଷେଧ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ୨୦୨୩ ମସିହାରେ ତତ୍କାଳୀନ ପୋପ୍ ଫ୍ରାନ୍ସିସ ଏଆଇର ବିକାଶ ଓ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ଗୋଟିଏ ଅନ୍ତର୍ଜାତୀୟ ଚୁକ୍ତି ପ୍ରସ୍ତାବ ସହ ଏହାର କଡ଼ାକଡ଼ି ପାଳନ କରିବା ପାଇଁ ବିଭିନ୍ନ ଦେଶକୁ ବାର୍ତ୍ତା ଦେଇଥିଲେ।

ଦୁଇଟି ବଡ଼ ଏଆଇ କମ୍ପାନୀରେ କାର୍ଯ୍ୟ କରିଥିବା ଜାକୋବ କୋକସୋନ୍ ସତର୍କ କରିଛନ୍ତି ଯେ ଏଆଇ ଅଳ୍ପ ବର୍ଷ ମଧ୍ୟରେ ସମଗ୍ର ମାନବ ଜାତିକୁ ହତ୍ୟା କରିପାରେ। ସେ ପ୍ରକାଶ କରିଛନ୍ତି ଯେ ନିୟନ୍ତ୍ରଣ ନ କଲେ ଅତି ଶୀଘ୍ର 'ଅତି ବୁଦ୍ଧିମାନ ଏଆଇ' ବିକଶିତ ହେବ, ଯାହା ଅତିମାନବ ଭଳି କାର୍ଯ୍ୟ କରି ପୃଥିବୀର ସମସ୍ତ କ୍ଷମତା ଓ ସମ୍ବଳକୁ ହାସଲ କରିବ। ମାଇକ୍ରୋସଫ୍ଟ କମ୍ପାନୀର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ମଧ୍ୟ ସତର୍କ କରିଛନ୍ତି ଯେ ଏଆଇ ଯେଉଁ ପରିବର୍ତ୍ତନ ଆଣୁଛି ଏବଂ ଭବିଷ୍ୟତରେ ଆଣିବାକୁ ଯାଉଛି, ତାହାର ସମ୍ମୁଖୀନ ହେବା ପାଇଁ କୌଣସି ଦେଶ ପ୍ରସ୍ତୁତ ନାହାନ୍ତି। ଗୋଟିଏ ଏଆଇ ବ୍ୟବସ୍ଥା ମନୁଷ୍ୟର ବିନା ସାହାଯ୍ୟରେ ପରବର୍ତ୍ତୀ ପିଢ଼ିର ଏଆଇର ଡିଜାଇନ ଓ ବିକାଶ କରିପାରିବ। ଯଦିଓ ଅନ୍ତିମ ପ୍ରକାରର ଏଆଇ ଏପର୍ଯ୍ୟନ୍ତ ବିକଶିତ ହୋଇନାହିଁ, ବର୍ତ୍ତମାନର ଗବେଷଣାକୁ ଲକ୍ଷ୍ୟ କଲେ ଏହା ଅତିଶୀଘ୍ର ହାସଲ ହୋଇପାରିବ ବୋଲି ଜଣାପଡୁଛି ଏବଂ ଏହାପରେ ଏହାକୁ ନିୟନ୍ତ୍ରଣ କରିବା ମନୁଷ୍ୟ ପକ୍ଷେ ଅସମ୍ଭବ ହୋଇପଡ଼ିବ। ଏଣୁ ବେଳ ହୁଁ ସାବଧାନ ହେବା ଉଚିତ।

(ସମ୍ପାଦକ, ସାଇନସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ନୋବେଲ୍ ଦୌଡ଼ରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର

**ଡ. ବିଜୟକେତନ ପଟ୍ଟନାୟକ**

ନିକଟରେ ଏକ ଦୈନିକ ଖବରକାଗଜରେ ଖବର ପ୍ରକାଶ ପାଇଛି ଯେ ଚଳିତ ବର୍ଷ (୨୦୨୬) ନୋବେଲେ ଶାନ୍ତି ପୁରସ୍କାର ପାଇଁ ଆନ୍ତର୍ଜାତିକ ମହାକାଶ ଗବେଷଣା କେନ୍ଦ୍ର (ଆଇ.ଏସ୍.ଏସ୍.) ର ନାମ ସମ୍ଭାବ୍ୟ ତାଲିକାରେ ରହିଛି। ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ପୃଥିବୀ ଚାରିପଟେ ଘୂରି ବୁଲୁଥିବା ଏକ ସୁନିୟନ୍ତ୍ରିତ, ସୁସଂଯୋଜିତ ଫୁଟବଲ୍ ପଡ଼ିଆ ଆକୃତିର ବିଶାଳକାୟ କେନ୍ଦ୍ର, ଯେଉଁଠି ମହାକାଶଚାରୀମାନେ ସେଠାରେ ଥିବା ଅତ୍ୟାଧୁନିକ ବିଜ୍ଞାନଗାରରେ ଅବିରତ ଗବେଷଣା ଚଳାଇଛନ୍ତି। ନୋବେଲ ଶାନ୍ତି ପୁରସ୍କାର ଚଳିତ ବର୍ଷ କାହାକୁ ପ୍ରଦାନ କରାଯିବ ତାହା ଶାନ୍ତି କମିଟିର ବିଚାର କରିବେ। କିନ୍ତୁ ପ୍ରସ୍ତାବଟି ସ୍ୱାଗତଯୋଗ୍ୟ। କାରଣ ବିଶ୍ୱର କେତେକ ଉନ୍ନତ ବିତ୍ତଶାଳୀ ରାଷ୍ଟ୍ର ନିଜନିଜର ଜାତୀୟ ସ୍ୱାର୍ଥ ଉପରେ ଗୁରୁତ୍ୱ ନଦେଇ ମହାକାଶ ଗବେଷଣା କ୍ଷେତ୍ରରେ କାର୍ଯ୍ୟରତ ଏହି କେନ୍ଦ୍ରର ପରିଚାଳନାରେ ମିଳିତ ଭାବେ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ପ୍ରଥମ ଆନ୍ତର୍ଜାତିକ ମହାକାଶ ଷ୍ଟେସନ 'ସ୍କାଇଲାବ' ୧୯୭୩ ମସିହା ମେ' ମାସରେ ସ୍ଥାପନା କରିଥିଲା। ଏହାର ଲମ୍ବ ଥିଲା ୧୧୮ ଫୁଟ ଏବଂ ଓଜନ ୭୫, ୦୦୦ କିଲୋଗ୍ରାମ। ମେ' ୧୯୭୩ ରୁ ଫେବୃୟାରୀ ୧୯୭୪ ପର୍ଯ୍ୟନ୍ତ ତିନି ଜଣ ମହାକାଶଚାରୀ ଏହି କେନ୍ଦ୍ରରେ ରହି ବିଜ୍ଞାନ ଓ ବୈଷୟିକ ପରୀକ୍ଷା ନିରୀକ୍ଷା ଚଳାଇଥିଲେ। ସେମାନଙ୍କର ମୂଳ ଲକ୍ଷ୍ୟ ଥିଲା ସୌର ଜ୍ୟୋତିର୍ବିଜ୍ଞାନ ଏବଂ ଶୂନ୍ୟ ମାଧ୍ୟାକର୍ଷଣ ସ୍ଥିତିରେ ମନୁଷ୍ୟ ଶରୀର ପାଇଁ ଆବଶ୍ୟକୀୟ ମେଡିକାଲ ଡାଟା ବା ତଥ୍ୟ ସଂଗ୍ରହ। ତେବେ ୧୯୭୯ ମସିହା ଜୁଲାଇ ମାସରେ 'ନାସା' ତରଫରୁ ଘୋଷଣା କରାଗଲା ଯେ ଆଉ ମାତ୍ର ବର୍ଷକ ଭିତରେ 'ସ୍କାଇଲାବ'ର କାର୍ଯ୍ୟକାଳ ପୂରିଯିବ। ସେତେବେଳେ ସାରା ବିଶ୍ୱରେ ଭୟ ଓ ଆଶଙ୍କାର ବାତାବରଣ ଖେଳିଯାଇଥିଲା। ଯାହା ହେଉ ୧୯୭୯ ନଭେମ୍ବରରେ ଏହି ମହାକାଶ ଯାନଟି ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଖଣ୍ଡବିଖଣ୍ଡିତ ହୋଇ ଭାରତ ମହାସାଗର ଓ ପଶ୍ଚିମ ଅଷ୍ଟ୍ରେଲିଆ ଉପକୂଳରେ ପଡ଼ିଥିଲା।

ପୁନର୍ବାର ୨୦୦୦ ମସିହା ନଭେମ୍ବର ମାସରେ ଅନ୍ୟ ଏକ ମହାକାଶ କେନ୍ଦ୍ର ପୃଥିବୀର ନିକଟବର୍ତ୍ତୀ କକ୍ଷପଥରେ ସ୍ଥାପନ କରାଗଲା। ଭୂପୃଷ୍ଠରୁ ୪୦୦ କିଲୋମିଟର ଉଚ୍ଚତାରେ ଅବସ୍ଥାପିତ ଏହି କେନ୍ଦ୍ରଟି ପୃଥିବୀ ଚାରିପଟେ ଘଣ୍ଟାକୁ ୨୮, ୮୦୦ କି.ମି. ବେଗରେ ଘୂରିବୁଲୁଛି ଏବଂ ପୃଥିବୀକୁ ଥରେ ପ୍ରଦକ୍ଷିଣ କରିବା ପାଇଁ ଏହାକୁ ୯୦ ମିନିଟ୍ ବା ଦେଢ଼ଘଣ୍ଟା ସମୟ ଲାଗୁଛି। ପାଞ୍ଚଟି ରାଷ୍ଟ୍ରର ମହାକାଶ ସଂସ୍ଥା ଯଥା- ଆମେରିକାର ନାସା, ରୁଷିଆର 'ରୋମକୋମସ୍' ୟୁରୋପୀୟାନ ସ୍ପେଶ ଏଜେନସି, ଜାପାନର ଜାକ୍‌ସା ଏବଂ କାନାଡ଼ାର କାନାଡିଆନ ସ୍ପେଶ ଏଜେନ୍ସି ଏହାକୁ ମିଳିତ ଭାବେ ସ୍ଥାପନା କରିଛନ୍ତି। ଏହି ବିଶାଳ ଆକୃତିର ମହାକାଶ କେନ୍ଦ୍ର ଭିତରେ ୭ଟି ପ୍ରଶସ୍ତ ଶୟନକକ୍ଷ, ଦୁଇଟି ଶୌଚାଳୟ, ବ୍ୟାୟାମକୋଠରି ଏବଂ ଏକ ସଂଲଗ୍ନ ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତି ବିଶିଷ୍ଟ ଗବେଷଣାଗାର ରହିଛି। ୧୯୮୪ ରୁ ୧୯୯୩ ମଧ୍ୟରେ ଏହି ମହାକାଶ କେନ୍ଦ୍ରଟି ନିର୍ମାଣ କରାଯାଇଥିଲା, ଯାହାର ଲମ୍ବ ଥିଲା ୩୫୬ ଫୁଟ, ଓସାର ୨୩୯ ରୁ ୨୪୦ ଫୁଟ ଏବଂ ଓଜନ ୪୨୦ ରୁ ୪୪୫ ମେଟ୍ରିକ ଟନ୍।

ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ହେଉଥିବା ପରୀକ୍ଷଣର ପ୍ରମୁଖ ଉଦ୍ଦେଶ୍ୟ, ମହାକାଶଚାରୀ ବା ଅନ୍ତରୀକ୍ଷ ଯାତ୍ରୀମାନେ ଅନେକଦିନ ପର୍ଯ୍ୟନ୍ତ ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତି ମଧ୍ୟରେ ରହିଲେ ସେମାନଙ୍କର ଶରୀର ଉପରେ କି ପ୍ରକାର ପ୍ରଭାବ ପଡ଼ିବ। ଏହି ଫଳାଫଳ ଭବିଷ୍ୟତରେ ଚନ୍ଦ୍ର କିମ୍ବା ମଙ୍ଗଳ ପୃଷ୍ଠକୁ ମନୁଷ୍ୟମାନଙ୍କୁ ପଠାଇବାକୁ ଚାହୁଁଥିବା ବିଭିନ୍ନ ସରକାରୀ ଓ ବେସରକାରୀ ମହାକାଶ ସଂସ୍ଥାଗୁଡ଼ିକୁ ଆବଶ୍ୟକୀୟ ତଥ୍ୟ ଯୋଗାଇବ। ମହାକାଶ କେନ୍ଦ୍ରଟି ଏଦିଗରେ ମଧ୍ୟବର୍ତ୍ତୀ ପାହାଚର ଭୂମିକା ତୁଲାଇବ। ଏହାବ୍ୟତୀତ ଖଗୋଳ ବିଜ୍ଞାନ, ଜୀବ ବିଜ୍ଞାନ, ମେଡିସିନ୍, ପାଣିପାଗ ବିଜ୍ଞାନ ଉପରେ ମଧ୍ୟ ସେଠାରେ ଗବେଷଣା କରାଯାଉଛି। ବ୍ୟାୟମ କୋଠରିରେ ଅନ୍ତରୀକ୍ଷ ଯାତ୍ରୀମାନେ ନିଜର ହାଡ଼ ଓ ମାଂସପେଶୀକୁ ଶକ୍ତ ତଥା ସବଳ ରଖିବା ପାଇଁ ଦୈନିକ ଦୁଇଘଣ୍ଟା ବ୍ୟାୟାମ କରିଥା'ନ୍ତି ଏବଂ ସମୟେ ସମୟେ କେନ୍ଦ୍ର ଭିତରୁ ବାହାରି ମହାଶୂନ୍ୟରେ ବିଚରଣ ବା 'ସ୍ପେଶୱାକ୍' ମଧ୍ୟ କରିଥା'ନ୍ତି।

୨୦୩୦ ମସିହାରେ 'ଆନ୍ତର୍ଜାତିକ ମହାକାଶ କେନ୍ଦ୍ର' ଅବସର ନେବାର ଅଛି। ଯଦିଓ ପ୍ରଥମେ ମାତ୍ର ୧୫ ବର୍ଷ କାର୍ଯ୍ୟକାଳ ରହିବା ଲକ୍ଷ୍ୟରେ ଏହା ନିର୍ମିତ ହୋଇଥିଲା; କିନ୍ତୁ ଅଦ୍ୟାବଧି ପ୍ରାୟ ୨୫ ବର୍ଷ ହେଲା ଏହି କେନ୍ଦ୍ରଟି ଦକ୍ଷ ଓ ନିରାପଦ ଭାବରେ କାର୍ଯ୍ୟ କରିଚାଲିଛି। ଖଞ୍ଜାଯାଇଥିବା ଇଲେକ୍ଟ୍ରୋନିକ ଯନ୍ତ୍ରପାତିର ଓ ବିଭିନ୍ନ ଅଂଶବିଶେଷର ବୟସାଧିକ୍ୟ ହେତୁ ଆସିଥିବା ଅବସନ୍ନତା ଏବଂ ମହାକାଶରେ ଘୂରି ବୁଲୁଥିବା ଉଲ୍‌କା ସହିତ ବାରମ୍ବାର ଧକ୍କା ଖାଇବା କାରଣରୁ ଦିନକୁ ଦିନ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ୨୦୨୪ ମସିହା ନଭେମ୍ବର ମାସରେ ଏମିତି ଏକ ବିରଳ ଘଟଣା ଘଟିଥିଲା, ଯେଉଁଥିରେ ଖଣ୍ଡେ ବିରାଟକାୟ ମହାକାଶ ବର୍ଜ୍ୟ ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ଆଡ଼କୁ ମାଡ଼ି ଆସିଥିଲା। ଗବେଷଣାରତ ମହାକାଶଚାରୀମାନଙ୍କ ଉଦ୍ୟମରେ ବିପଦ ଟଳିଗଲା।

ଏହି ବିରାଟ ୪୭୦ ମେଟ୍ରିକଟନ ଓଜନବିଶିଷ୍ଟ ପ୍ରୟୋଗଶାଳାକୁ ସୁନିୟନ୍ତ୍ରିତ ଭାବେ ପୃଥିବୀପୃଷ୍ଠକୁ ଫେରେଇ ଆଣିବା ଏବେ ଆଉ କଷ୍ଟକର ବ୍ୟାପର ନୁହେଁ। ଆମେରିକାର ନାସା ଏଥିପାଇଁ ଏଲନ ମସ୍କଙ୍କ 'ସ୍ପେଶଏକ୍ସ'ର ସହାୟତା ନେଉଛି। ପୃଥିବୀର ବାୟୁମଣ୍ଡଳକୁ ପ୍ରବେଶ କଲା ବେଳକୁ ଏହି ଷ୍ଟେସନଟି ଖଣ୍ଡଖଣ୍ଡ ହୋଇ ଭାଙ୍ଗିଯିବ ଏବଂ ସେତେବେଳେକୁ ଏହାର ବେଗ ଥିବ ଘଣ୍ଟା ପ୍ରତି ୨୮, ୦୦୦ କିଲୋମିଟର। ବାୟୁମଣ୍ଡଳ ସହିତ ସଂଘର୍ଷରେ ଏହି ବିଭକ୍ତ ବର୍ଜ୍ୟ ଜଳିଯାଇ ପ୍ରଶାନ୍ତ ମହାସାଗରର ଏକ ନିର୍ଜନ ଓ ନିର୍ଦ୍ଦିଷ୍ଟ ସ୍ଥାନ 'ନେମୋ'ରେ ଅବତରଣ କରିବ। ଦୀର୍ଘ ୨୫ ବର୍ଷ ଧରି ଅବିରତ କାର୍ଯ୍ୟରତ ଏହି ମହାକାଶ ଷ୍ଟେସନଟି ବିଭିନ୍ନ ଦେଶର ମହାକାଶ ବିଜ୍ଞାନୀମାନଙ୍କୁ ଏକାଠି ରହି ଓ ମିଳିମିଶି କାର୍ଯ୍ୟ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିଛି। ମାନବ ଇତିହାସରେ ଏଭଳି ସମ୍ମିଳିତ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ।

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ଖାଉଟି ଥାଳିରେ ଚାଷୀର ଭାଗ?

ଚାଷୀଙ୍କ କ୍ଷେତରୁ ଖାଉଟିଙ୍କ ଥାଳି ପର୍ଯ୍ୟନ୍ତ ଯାତ୍ରା ଦିନକୁ ଦିନ ମହଙ୍ଗା ହୋଇଚାଲିଛି। ଅଥଚ ତା'ର ବାସ୍ତବ ମୂଲ୍ୟ ଚାଷୀ ବା ଉତ୍ପାଦକ ପାଉନାହିଁ। ଆମେ ବଜାରରୁ କୌଣସି କୃଷିଜାତ ସାମଗ୍ରୀ କିଣିବା ବେଳେ ଯେତିକି ଟଙ୍କା ଦେଉ ସେହି ଟଙ୍କାରୁ ଚାଷୀଙ୍କ ହାତକୁ ବାସ୍ତବରେ କେତେ ଯାଉଛି - ଏହା ଭାରତୀୟ କୃଷି ବ୍ୟବସ୍ଥାର ଏକ ଅସମାହିତ ପ୍ରଶ୍ନ। ଏହା କେବଳ ଭାରତର ସମସ୍ୟା ନୁହେଁ। ନିକଟରେ ୬୧ଟି ଦେଶରେ ହୋଇଥିବା ସର୍ବେକ୍ଷଣ ଅନୁଯାୟୀ ଖାଉଟି ଖାଦ୍ୟ ପାଇଁ ଖର୍ଚ୍ଚ କରୁଥିବା ଅର୍ଥର ମାତ୍ର ୨୭% ଚାଷୀ ପାଖକୁ ଯାଏ। ଏହି ପ୍ରଶ୍ନରେ ଚାଷୀଙ୍କ ଆୟ ସହିତ କୃଷି ଅର୍ଥନୀତି ଓ ଖାଦ୍ୟ ନିରାପତ୍ତା ଭଳି ନ୍ୟାୟସଙ୍ଗତ ପ୍ରସଙ୍ଗ ଯୋଡ଼ି ହୋଇ ରହିଛି।

ଆମ ଦେଶର ପ୍ରଚଳିତ ବ୍ୟବସ୍ଥାରେ ଚାଷୀ ଉତ୍ପାଦନ କରେ, କିନ୍ତୁ ମୂଲ୍ୟ ନିର୍ଦ୍ଧାରଣରେ ତା'ର ଭୂମିକା ପ୍ରାୟତଃ ସୀମିତ। ଅପରପକ୍ଷରେ ମଧ୍ୟସ୍ଥି, ଦଲାଲ, ପରିବହନକାରୀ, ମହଜୁଦକାରୀ, ଖୁଚୁରା ବ୍ୟବସାୟୀଙ୍କ ହାତ ଦେଇ ଉତ୍ପାଦ ବଜାରରେ ପହଞ୍ଚିବା ସମୟରେ ଦର ବହୁଗୁଣିତ ହୋଇଯାଏ। ଚାଷୀ ପ୍ରାୟତଃ ନିଜ ଉତ୍ପାଦ ବିକ୍ରି କରିବା ପାଇଁ ତତ୍କାଳ ଓ ଆଞ୍ଚଳିକ ବଜାର ଉପରେ ନିର୍ଭର କରେ। ଉତ୍ପାଦ ନଷ୍ଟ ହେବାର ଭୟ, ଋଣ ଶୁଝିବାର ଚାପ, ଗୋଦାମ ଅଭାବ ଓ ତୁରନ୍ତ ନଗଦ ଆବଶ୍ୟକତା ଚାଷୀକୁ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ କରେ। ଏହାର ବିପରୀତ ଚିତ୍ର ଖୁଚୁରା ବଜାରରେ ଦେଖାଯାଏ। ସହରର ଖାଉଟି ପନିପରିବା ଓ ଅନ୍ୟ ଖାଦ୍ୟ ଶସ୍ୟ ଯେଉଁ ଦରରେ କିଣେ ତାହାର ଏକ ବଡ଼ ଅଂଶ ପରିବହନ, ସଂରକ୍ଷଣ, ପ୍ରକ୍ରିୟାକରଣ, ବ୍ୟବସାୟୀଙ୍କ ଲାଭାଂଶରେ ସାମିଲ୍ ହୋଇଯାଏ। ଚାଷୀ ଓ ଖାଉଟିଙ୍କ ମଧ୍ୟରେ ଥିବା ଏହି ବିରାଟ ଦୂରତ୍ୱ ହିଁ ଉଭୟ ଖାଉଟି ଓ ଚାଷୀଙ୍କୁ ଶୋଷଣ କରୁଛି ଏବଂ ମଧ୍ୟସ୍ଥି ମାଲେମାଲ୍ ହେଉଛନ୍ତି। ଏହାର ପ୍ରଭାବ ମଧ୍ୟ ଅର୍ଥନୀତି ଉପରେ ପଡୁଛି।

କୃଷି ଉତ୍ପାଦକୁ ଖେତରୁ ବଜାରକୁ ନେବା ପାଇଁ ପରିବହନ, ଗୋଦାମ, ଶୀତଳ



ଭଣ୍ଡାର, ପ୍ୟାକେଜିଂ ଓ ବିତରଣର ଆବଶ୍ୟକତା ରହିଛି। ସମସ୍ୟା ହେଉଛି - ଏହି ମୂଲ୍ୟ ଶୃଙ୍ଖଳାରେ ଉତ୍ତରଭାରତର କେତେକ ବଡ଼ ଚାଷୀଙ୍କୁ ଛାଡ଼ି ଦେଲେ ବାକି ଚାଷୀଙ୍କ ମୂଲଚାଲ୍ କ୍ଷମତା ଅତ୍ୟନ୍ତ ଦୁର୍ବଳ। କ୍ଷୁଦ୍ର ଓ ଭାଗଚାଷୀମାନେ ଯଦି ସମବାୟ, କୃଷକ ଉତ୍ପାଦକ ସଂଗଠନ କିମ୍ବା ସିଧାସଳଖ ବଜାର ବ୍ୟବସ୍ଥା ମାଧ୍ୟମରେ ସାମୂହିକ ଭାବେ ବିକ୍ରି କରିବାର ବ୍ୟବସ୍ଥା ହୁଅନ୍ତା ତେବେ ସମସ୍ୟା କିଛିମାତ୍ରାରେ ହ୍ରାସ ପାଇପାରନ୍ତା। ଆହୁରି ମଧ୍ୟ ଆମ ଦେଶର କୃଷିନୀତିରେ ଦୀର୍ଘବର୍ଷ ଧରି ଉତ୍ପାଦନ ବୃଦ୍ଧିକୁ ଅଧିକ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଅଧିକ ଉତ୍ପାଦନ ହେଲେ ଚାଷୀଙ୍କ ଆୟ ବଢ଼ିବ - ଏହି ଧାରଣା ଭୁଲ୍। ଉତ୍ପାଦନ ପରେ ଯଦି ଠିକ୍ ଦରରେ ବିକ୍ରି କରିବାର ସୁଯୋଗ ନଥାଏ, ତେବେ ତାହା ଚାଷୀଙ୍କ ପାଇଁ କ୍ଷତିର କାରଣ ହୋଇପାରେ ଏବଂ ଅଭାବୀ ବିକ୍ରି ବଢ଼ିପାରେ। ତେଣୁ ଗୋଦାମ ଓ ଶୀତଳ ଭଣ୍ଡାର ଭଳି ଭିତ୍ତିଭୂମିର ବିକାଶ, ଗ୍ରାମୀଣ ସଡ଼କ ଓ ପରିବହନ ସୁବିଧା, ଡିଜିଟାଲ ବଜାର, ସ୍ୱଚ୍ଛ ମୂଲ୍ୟ ସୂଚନା ଏବଂ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ନିତାନ୍ତ ଆବଶ୍ୟକ। ଚାଷୀମାନେ ଯଦି ନିଜ ଉତ୍ପାଦକୁ କିଛିଦିନ ସଂରକ୍ଷିତ ରଖିପାରିବେ, ବଜାର ଦର ବିଷୟରେ ଜାଣିପାରିବେ ଓ ବିକଳ୍ପ ବଜାରରେ ପହଞ୍ଚିପାରିବେ, ତେବେ ସେମାନଙ୍କର ମୂଲଚାଲ୍ କ୍ଷମତା ବଢ଼ିବ।

ସିଧାସଳଖ କୃଷକ ବଜାର, କୃଷକ ସମବାୟ, ଉତ୍ପାଦକ ସଂଗଠନ ଓ ସ୍ଥାନୀୟ ବଜାରକୁ ପ୍ରୋତ୍ସାହନ ଦେଲେ ଚାଷୀ ଓ ଖାଉଟି ଉଭୟ ଲାଭବାନ ହୋଇପାରିବେ। ଏ କ୍ଷେତ୍ରରେ ସରକାରଙ୍କ ଦାୟିତ୍ୱ ଓ ଭୂମିକା ନିର୍ଣ୍ଣାୟକ ଓ ସ୍ପଷ୍ଟ ହେବା ଉଚିତ। କେବଳ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ଘୋଷଣା କରି ସରକାର ତାଙ୍କ କର୍ତ୍ତବ୍ୟ ସାରି ଦେଉଛନ୍ତି। ବାସ୍ତବ ବଜାରର ସ୍ଥିତି ନିୟମିତ ଅନୁଧ୍ୟାନ ନ କଲେ ଏମ୍ଏସ୍‌ପିରୁ ସବୁଚାଷୀଙ୍କୁ ଫାଇଦା ମିଳିବ ନାହିଁ। ନୀତିନିର୍ଦ୍ଧାରକମାନେ ମଧ୍ୟ ଜାଣିବା ଦରକାର ଯେ ଏକ ସୁସ୍ଥ କୃଷି ଅର୍ଥନୀତିର ପରିମାପକ କେବଳ ଖାଦ୍ୟ ଉତ୍ପାଦନର ପରିମାଣ ଓ ରପ୍ତାନୀ ମୂଲ୍ୟ ଉପରେ ନିର୍ଭର କରେ ନାହିଁ। ପ୍ରକୃତ ପରିମାପକ ହେଉଛି ଦେଶରେ ଉତ୍ପାଦିତ ମୋଟ ଖାଦ୍ୟ ଶସ୍ୟର ସାମଗ୍ରିକ ମୂଲ୍ୟରେ ଚାଷୀଙ୍କ ଅଂଶ କେତେ? ଖାଉଟି ଯଦି ଅଧିକ ଦର ଦେଉଛନ୍ତି; କିନ୍ତୁ ଚାଷୀ ଲାଭ ପାଉନାହାନ୍ତି, ତେବେ ବ୍ୟବସ୍ଥାରେ ଚରମ ତ୍ରୁଟି ରହିଛି। ଏହି ତ୍ରୁଟି ସୁଧାରିବା ପାଇଁ 'ଚାଷୀଙ୍କ ଆୟ ଦ୍ୱିଗୁଣିତ' ଭଳି ଲକ୍ଷ୍ୟ ଠାରୁ ଆଗକୁ ବଢ଼ି 'ଚାଷୀଙ୍କ ମୂଲ୍ୟ ଅଂଶ ବୃଦ୍ଧି'କୁ କୃଷିନୀତିର କେନ୍ଦ୍ରରେ ରଖିବା ଆବଶ୍ୟକ। ମନେ ରଖିବାକୁ ହେବ ଯେ ଆମ ଥାଳିରେ ଖାଦ୍ୟ ପହଞ୍ଚିବା ପୂର୍ବରୁ ଯେତେ ହାତ ତାହାକୁ ଛୁଏଁ, ସେଥିରେ ପ୍ରଥମ ହାତଟି ହେଉଛି ଚାଷୀଙ୍କର। ତେଣୁ ଆମେ ଯେତିକି ଖର୍ଚ୍ଚ କରୁଛୁ, ସେଥିରୁ ଚାଷୀଙ୍କ ହାତରେ ଯଦି ନ୍ୟାୟସଙ୍ଗତ ଅଂଶ ନ ପହଞ୍ଚେ, ତେବେ ଖାଦ୍ୟ ବଜାରର ସମୃଦ୍ଧି ଅଧୁରା ରହିଯିବ। ଚାଷୀଙ୍କୁ କେବଳ ଉତ୍ପାଦକ ନୁହେଁ, ମୂଲ୍ୟ ଶୃଙ୍ଖଳାର ଯଥାର୍ଥ ଅଂଶୀଦାର କରିବା ହିଁ ହେଉ ଆଗାମୀ କୃଷିନୀତିର ପ୍ରମୁଖ ଲକ୍ଷ୍ୟ।

# ଜୀବନରକ୍ଷା ପାଇଁ ମାଛ ପୂଜା

**ଓଜସ୍ୱିନୀ**

## ବିଚିତ୍ର ବିଶ୍ୱାସ

ଭାରତର ଆଦିମ ଅଧିବାସୀମାନେ ବର୍ତ୍ତମାନ ସମୟରେ ମଧ୍ୟ ପ୍ରକୃତି ପୂଜକ ଭାବେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ଏହି ଧାରାରେ ଛତିଶଗଡ଼ ବସ୍ତରର ଆଦିବାସୀ ସମୂହ ଇନ୍ଦ୍ରାବତୀ ନଦୀରେ ଥିବା 'ବୋଧ' ନାମକ ମାଛକୁ 'ରାଜା ମାଛ' ଭାବେ ମାନ୍ୟତା ଦେବା ସହ ପୂଜାର୍ଚ୍ଚନା କରୁଛନ୍ତି। ପ୍ରକୃତରେ ଏହି ମାଛ 'କ୍ୟାଟ୍‌ଫିସ୍' ଭାବେ ଜଣାଶୁଣା। କିନ୍ତୁ ଛୋଟମାଛମାନଙ୍କୁ 'ବୋଧ' ବା 'ଗୁଞ୍ଜ୍' କୁହାଯାଉଥିବା ବେଳେ ବଡ଼ ମାଛଗୁଡ଼ିକୁ 'ଭେଁସା ବୋଧ' ବୋଲି କୁହାଯାଏ। ସେଠାରେ ଗୋଟିଏ ଗାଁ, ଜଗଦଲପୁର ସହରର ଗୋଟିଏ କଲୋନୀ ଓ ଗୋଟିଏ ଥାନାର ନାମ ମଧ୍ୟ 'ବୋଧ' ନାମରେ ନାମିତ। ଏହି ମାଛକୁ ଦେବତୁଲ୍ୟ ମାନ୍ୟ କରି ପୂଜାର୍ଚ୍ଚନା କରିବାର ପରମ୍ପରା କାହିଁ କେଉଁକାଳରୁ ଏଠାରେ ଚାଲିଆସିଛି। ଏହା ଏକ ଆକ୍ରାମକ ମାଛ ଭାବେ ଜଣାଶୁଣା। ବିଶେଷକରି ଭୋକ ସମୟରେ ଏହା ଅଧିକ ଆକ୍ରାମକ ହୁଏ ଏବଂ ନଦୀ ଭିତରେ ଥିବା ଯେକୌଣସି ପ୍ରାଣୀକୁ ଆକ୍ରମଣ କରିଥାଏ। ତେଣୁ ଜୀବନରକ୍ଷା ପାଇଁ ଗ୍ରାମବାସୀମାନେ ଏହି ମାଛକୁ ପୂଜା କରନ୍ତି। 'ବୋଧ' ମାଛଙ୍କ ପୂଜାର୍ଚ୍ଚନା ନିମନ୍ତେ ଚିତ୍ରକୁଟ ଜଳପ୍ରପାତ ନିକଟରେ 'ବୋଧ' ନାମକ ଗୋଟିଏ ମନ୍ଦିର ମଧ୍ୟ ରହିଛି, ଯାହାକି ଶତାଧିକ ବର୍ଷ ପୁରୁଣା ବୋଲି ଇତିହାସରୁ ଜଣାପଡ଼େ। ଏଠାରେ 'କୁଡ଼କ' ଜନଜାତିର ଲୋକେ ପ୍ରତିବର୍ଷ ଏକ ଯାତ୍ରାର ଆୟୋଜନ କରି 'ବୋଧ' ମାଛକୁ ପୂଜା କରନ୍ତି। ଭାରତର ଅନେକ ଆଦିବାସୀ ସମ୍ପ୍ରଦାୟଙ୍କ କୁଳଚିହ୍ନ ବା ଗୋତ୍ର ଭାବେ ମାଛକୁ ପୂଜା କରିବାର ପରମ୍ପରା ମଧ୍ୟ ଅଛି।

ଭାରତରେ ଏଭଳି ଆହୁରି ଅନେକ ମନ୍ଦିର ଅଛି, ଯେଉଁଠି ମାଛକୁ ଅତ୍ୟନ୍ତ ପବିତ୍ର ମନେକରି ଦେବଦେବୀଙ୍କୁ ନୈବେଦ୍ୟ ଭାବେ ଅର୍ପଣ କରାଯାଏ। ପଶ୍ଚିମବଙ୍ଗର କାଳୀ ମନ୍ଦିର, ବିଶେଷକରି ଦକ୍ଷିଣେଶ୍ୱର କାଳୀ ମନ୍ଦିର ଏବଂ ଠୁନୋ-ବିଲେ କାଳୀ ମନ୍ଦିରରେ ଦେବୀଙ୍କୁ ଭୋଗ ଭାବରେ ଅନେକ ପ୍ରକାରର ମାଛ ଅର୍ପଣ କରାଯାଏ। ପଶ୍ଚିମବଙ୍ଗର ତାରାପୀଠରେ ମଧ୍ୟ ମାଛ ଭୋଗର ପରମ୍ପରା ରହିଛି, ଯାହାକୁ 'ଜଳପୁଷ୍ପ' କୁହାଯାଏ। ବଙ୍ଗୀୟ ସଂସ୍କୃତି ଓ ଧର୍ମୀୟ ଧାରଣାରେ ରୋହି ମାଛ ଅତ୍ୟନ୍ତ ପବିତ୍ର। ତେଣୁ ମଙ୍ଗଳ ବିଧାନ ଓ ସୁଖମୟ ଜୀବନଯାପନ ପାଇଁ ବିବାହ ସମୟରେ ଗୋଟିଏ ରୋହି ମାଛକୁ ବୋହୂ ବେଶରେ ସଜାଇ ଝିଅ ସହିତ ଶାଶୂଘରକୁ ପଠାଯାଏ। ଦଶହରା ସମୟରେ ମଧ୍ୟ ଘରେଘରେ ମାଛର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ। ବଙ୍ଗୀୟ ରୀତିରେ ବିବାହ ସମୟରେ ଗୋଟିଏ ଜୀବନ୍ତ ମାଛକୁ ବୋହୂମାନେ ଧରିବାର ପରମ୍ପରା ରହିଛି। ମାଛ ଧରିବାର କୌଶଳରୁ ବୋହୂର କାର୍ଯ୍ୟକୁଶଳତା ଏବଂ ବୁଦ୍ଧିମତାର ପରୀକ୍ଷା ହୁଏ। ସେ ଶାଶୂଘର ପରିବାରକୁ କିଭଳି ସେବାଯତ୍ନ କରିବ ଏବଂ ବିଭିନ୍ନ ବିଷମ ପରିସ୍ଥିତିର ମୁକାବଲା କିଭଳି କରିବ, ତାହା ଜଣାପଡ଼ିଥାଏ।

ବିହାରର ମିଥିଳା ଅଞ୍ଚଳରେ ମାଛକୁ ଶୁଭ ଓ ସମୃଦ୍ଧିର ପ୍ରତୀକ ଭାବେ ପୂଜା କରାଯିବାର ପରମ୍ପରା ଅଛି। ବିବାହ, ବ୍ରତ, ଶିଶୁ ଜନ୍ମ ସମ୍ପର୍କିତ କୌଣସି ଅନୁଷ୍ଠାନ କିମ୍ବା କୌଣସି ମାଙ୍ଗଳିକ କାର୍ଯ୍ୟରେ ହେଉଥିବା ବିଧିବିଧାନ ସର୍ବପ୍ରଥମେ ମାଛରୁ ଆରମ୍ଭ ହୋଇଥାଏ। ବୋହୂ ପ୍ରଥମଦିନ ଶାଶୂଘରେ ମାଛବ୍ୟଞ୍ଜନ ପ୍ରସ୍ତୁତ କରିଥାଏ, ଯାହାକି ସୁଖସମୃଦ୍ଧି ଓ ବଂଶବୃଦ୍ଧିର ପ୍ରତୀକ ବୋଲି ବିଶ୍ୱାସ ରହିଛି। ଶକ୍ତି ଉପାସନା ଓ କୁଳଦେବୀଙ୍କ ପୂଜାରେ ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ଭାବେ ମାଛକୁ ନୈବେଦ୍ୟ ଭାବେ ଅର୍ପଣ କରାଯାଏ। ମିଥିଳାରେ ପାଳିତ 'ଜିତିୟା ବ୍ରତ' ମାଛର ବ୍ୟଞ୍ଜନରୁ ଆରମ୍ଭ ହୁଏ ଏବଂ ମାଛବ୍ୟଞ୍ଜନ ଭୋଗ ଭାବରେ ଅର୍ପଣ କରାଯାଏ। ସେଠାରେ ଶ୍ରାଦ୍ଧକର୍ମର ୧୩ ଦିନରେ ମାଛ ଖାଇବା ଓ ଖୁଆଇବା ପରମ୍ପରା ରହିଛି। ମିଥିଳାର ପ୍ରସିଦ୍ଧ 'ମଧୁବନୀ' ଚିତ୍ରକଳାରେ ମାଛକୁ ପ୍ରାଧାନ୍ୟ ଦିଆଯାଇଛି, ଯାହାକି ଐଶ୍ୱର୍ଯ୍ୟ, ଉର୍ବରତା ଓ ସକାରାତ୍ମକ ଶକ୍ତିର ପ୍ରତୀକ।

ଓଡ଼ିଶାର ରାମଚଣ୍ଡୀ ମନ୍ଦିର ଏବଂ ବାଲିହରଚଣ୍ଡୀ ମନ୍ଦିରରେ ମାଛ ଭୋଗର ପରମ୍ପରା ରହିଛି। ଶ୍ରଦ୍ଧାଳୁମାନେ ଏହାକୁ ମା'ଙ୍କର ପ୍ରସାଦ ଭାବେ ଗ୍ରହଣ କରିଥା'ନ୍ତି। ଚିଲିକାରେ ଅବସ୍ଥିତ ମା' କାଳିଜାଈଙ୍କ ମନ୍ଦିର ଏବଂ ରାମଚଣ୍ଡୀ ମନ୍ଦିରରେ ମାଛର ଗୋଟିଏ ବିଶାଳ ହାଡ଼କୁ ପୂଜା କରାଯାଉଛି। ଏହାବ୍ୟତୀତ ଦକ୍ଷିଣ ଓଡ଼ିଶା ଅନ୍ତର୍ଗତ ରାୟଗଡ଼ାରେ ମୀନାଝୋଲା ନାମକ ଗୋଟିଏ ସୁନ୍ଦର ଶୈବପୀଠ ରହିଛି। ଏଠାକାର ବୈଶିଷ୍ଟ ହେଉଛି, ଶ୍ରୀବିଷ୍ଣୁଙ୍କ ପରିବର୍ତ୍ତେ ଦେବ ଦେବ ମହାଦେବ ମୀନ ବା ମାଛ ସ୍ୱରୂପରେ ପୂଜା ପାଉଛନ୍ତି। ଓଡ଼ିଶାର ଲୋକସଂସ୍କୃତି ଅନୁସାରେ ଝିଅ ଶାଶୂଘରେ ପ୍ରବେଶ କରିବା ସମୟରେ ନିଜ ସହିତ ଦହି-ମାଛ ନେଇ ଆସିଥାଏ। ସିନ୍ଧି ସଂସ୍କୃତି ଓ ଧାର୍ମିକ ପରମ୍ପରାରେ ପୂଜିତ ଝୁଲେଲାଲ୍ 'ପଲ୍ଲା' ବା 'ହିଲ୍‌ସା' ମାଛ ଉପରେ ଥିବା ଗୋଟିଏ ପଦ୍ମଫୁଲ ଉପରେ ଉପବିଷ୍ଟ ଥିବାରୁ ସିନ୍ଧିମାନେ ସେହି ମାଛକୁ ପୂଜା କରିଥା'ନ୍ତି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଭଦ୍ରକରେ ବନ୍ଦ ଶାନ୍ତିପୂର୍ଣ୍ଣ; ସାଧାରଣ ଜୀବନଯାତ୍ରା ପ୍ରଭାବିତ

## ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଅଚଳ



ଭଦ୍ରକ,୮।୧୦(ସମିସ): ଭାରତର ମୁଖ୍ୟ ନିର୍ବାଚନ କମିଶ୍ନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏମ୍ଏମ୍ଡିଆର୍ ବିଲ୍ ରଦ୍ଦ, ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଓ ଚଳିତ ବନ୍ୟାରେ ପୀଡ଼ିତଙ୍କୁ ତୁରନ୍ତ ସହାୟତା ଦାବିରେ ଇଣ୍ଡି ମେଣ୍ଟ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡକରାର ଗଭୀର ପ୍ରଭାବ ଭଦ୍ରକରେ ଅନୁଭୂତ ହୋଇଛି । ବନ୍ଦ ପାଇଁ ସହରର ସମସ୍ତ ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ସମସ୍ତ ବ୍ୟାବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା । ସହର ମଧ୍ୟରେ ସମସ୍ତ ପ୍ରକାର ଚାରିଚକିଆ ଯାନ ଚଳାଚଳ ବନ୍ଦ ଥିବାବେଳେ ୧୬ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା ।

ବନ୍ଦ ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ ଭଦ୍ରକ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ କଂଗ୍ରେସର ଶତାଧିକ କର୍ମୀ ବିଭିନ୍ନ ଭାଗରେ ବିଭକ୍ତ ହୋଇ ବନ୍ଦକୁ ସଫଳ କରିଥିଲେ । ସେହିପରି ଇଣ୍ଡି ବ୍ଲକ୍‌ର ସିପିଆଇଏମ୍, ସିପିଆଇ ଏମ୍ଏଲ୍‌ର ବରିଷ୍ଠ ନେତୃତ୍ୱ ଯଥାକ୍ରମେ ଦିବ୍ୟସିଂହ ନାୟକ ଓ ସମର ବଳଙ୍କ ନେତୃତ୍ୱରେ କର୍ମୀମାନେ ମଧ୍ୟ ଭାଗଭାଗ ହୋଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପିକେଟିଂ କରିବା ସହ ବନ୍ଦକୁ



ସଫଳ କରିବାକୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । କଂଗ୍ରେସ ଜିଲ୍ଲା ସଭାପତି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବନ୍ତ ଛକ ବସ୍‌ଷ୍ଟାଣ୍ଡଠାରେ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ୧୬ ନମ୍ବର ଜାତୀୟ ରାଜପଥର ବନ୍ତ ଛକ ଓଭରବ୍ରିଜ୍ ଉପରେ ଇଣ୍ଡି ମେଣ୍ଟର ସମସ୍ତ ସହଯୋଗୀ ଦଳଙ୍କ ନେତୃମଣ୍ଡଳୀ ଧାରଣା ଦେବା ଫଳରେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା । କଂଗ୍ରେସ ନେତା ନିଶିକାନ୍ତ ନାୟକ, ସିପିଆଇଏମ୍ ନେତା ଗିରିଧାରୀ ନାଥଙ୍କ ନେତୃତ୍ୱରେ କୋର୍ଟ ସମ୍ମୁଖରେ ପିକେଟିଂ କରିଥିଲେ । ଫଳରେ କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଇଣ୍ଡି ବ୍ଲକ୍‌ର ନେତାମାନେ ପିକେଟିଂ କରିବା ଫଳରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଚଳ ହୋଇ ପଡ଼ିଥିଲା । ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ବନ୍ତ ଛକ ଦେଇ ଚରମ୍ପା ରେଳ ଷ୍ଟେସନଠାରେ ପହଞ୍ଚିଥିଲା । କର୍ମୀମାନେ ଜିଆର୍‌ପି ଓ ଆର୍‌ପିଏଫ୍ ପକ୍ଷରୁ ନିର୍ମିତ ବ୍ୟାରିକେଡ୍ ଭାଙ୍ଗି ରେଳ ଷ୍ଟେସନ ପରିସରରେ ପ୍ରବେଶ କରିବା ସହ ସେଠାରେ ରେଳରୋକ କରିଥିଲେ । ଫଳରେ କେତେକ ମାଲ୍‌ବାହୀ ଓ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ବିଳମ୍ବିତ ହୋଇଥିଲା । ତେବେ ମଧ୍ୟାହ୍ନରେ ପୁଲିସ ବିଭିନ୍ନ ଦଳର ଶତାଧିକ କର୍ମୀଙ୍କୁ ଧାରଣାସ୍ଥଳରୁ ଉଠାଇ ନେଇଥିବାବେଳେ ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦେଇଥିଲା । ବନ୍ଦକୁ ସଫଳ କରିବା ଦିଗରେ ଇଣ୍ଡି ବ୍ଲକ୍‌ର କଂଗ୍ରେସ ନେତା, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଦେବରୂପ ମହାନ୍ତି, ପିତବାସ ଧଳ, ପ୍ରଦ୍ୟୁମ୍ନ ଦାସ, ରାଜେନ୍ଦ୍ର ଯେନା, ଶୁଭଶ୍ରୀ ବେହେରା, ଦେବବ୍ରତ ମହାନ୍ତି, ବିଜୟ ବାରିକ, ସରୋଜ ରାଉଳ, ରାଜକିଶୋର ପଣ୍ଡା, ରାଜୁ ରାୟ, ଶର୍ମିଷ୍ଠା ପଣ୍ଡା, ସ୍ୱସ୍ତିକା ପଣ୍ଡା, ଜ୍ୟୋସ୍ନାରାଣୀ ପତି, ପ୍ରଭାତ ମହାନ୍ତି, ରଞ୍ଜନ ଯେନା, ଗୋଲମ ମହିରୁଦ୍ଦିନ, ଏନାମୁଲ ହକ, ତନଭୀର ଖାନ, ମହେଶ ମିଶ୍ର, ଇଲ୍ଲିୟାସ ଅଲ୍ଲୀ ଖାନ, ଫୈଜାନ ଅଲୀ, ଟୁନୁ ସାହୁ, ସୋମନାଥ ପତି, ସୂର୍ଯ୍ୟ ମହାନ୍ତି, ମନୋଜ ମଲ୍ଲିକ, ସିପିଆଇଏମ୍‌ର ବିକାଶ ନାଥ, ସିପିଆଇ ଏମ୍ଏଲ୍‌ର ଜୟନ୍ତୀ ବିଶ୍ୱାଳ ପ୍ରମୁଖ ସକ୍ରିୟ ଭୂମିକା ନିଭାଇଥିଲେ ।

### ବାରିକପୁର



କଂଗ୍ରେସ ଇଣ୍ଡି ମେଣ୍ଟ ଗୁରୁବାର ଓଡ଼ିଶା ବନ୍ଦ ଡକରା ଦେଇଥିବାବେଳେ ଭଣ୍ଡାରିପୋଖରୀ ବ୍ଲକରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ବ୍ଲକ୍‌ର ମଞ୍ଜୁରୀରୋଡ୍‌ଠାରେ ରେଳରୋକ ସହିତ ସ୍ଥାନୀୟ ବଜାରକୁ ବନ୍ଦ ରଖିବା ପାଇଁ ଦଳ ପକ୍ଷରୁ କୁହାଯାଇଥିଲା । ସକାଳ ୭ଟାରୁ ଦିନ ୨ଟା ପର୍ଯ୍ୟନ୍ତ ବଜାରର ସମସ୍ତ ବ୍ୟାବସାୟିକ କେନ୍ଦ୍ର ବନ୍ଦ ରହିଥିଲା । ଅପରାହ୍ଣ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବାବେଳେ କଂଗ୍ରେସ କର୍ମୀମାନେ ଶୋଭାଯାତ୍ରା ତଥା ପଥପ୍ରାନ୍ତ ସଭା ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ । ବ୍ଲକ୍ କାର୍ଯ୍ୟାଳୟ ସମେତ ତହସିଲ, କୃଷି, ବିଦ୍ୟୁତ୍ ଓ ବିଭିନ୍ନ ବ୍ୟାଙ୍କରେ କର୍ମଚାରୀ ଶୂନ୍ୟ ଦେଖିବାକୁ ମିଳିଥିଲା । ୪/୫ ଘଣ୍ଟା ଧରି ନାରାୟଣପୁର ଟୋଲ୍ ପ୍ଲାଜାରେ ଯାନବାହନ ଚଳାଚଳ ଠପ୍ ହୋଇଥିଲା । କେତେକ ସ୍କୁଲ, କଲେଜ ମଧ୍ୟ ବନ୍ଦ ରହିଥିଲା । ବ୍ଲକ୍ ଅନ୍ତର୍ଗତ ଆଖୁଆପଦା, ଛତାବର, କୁଲଣା, ସରସଦା, ମାଳଦା, ପଟାପୋଲ, ପରମାନନ୍ଦପୁର ପ୍ରମୁଖ ଗ୍ରାମ୍ୟ ବଜାରର ବ୍ୟାବସାୟିକ ପ୍ରତିଷ୍ଠାନ ମଧ୍ୟ ବନ୍ଦ ରହିଥିଲା । ବ୍ଲକ୍ କଂଗ୍ରେସ ସଭାପତି ଅଜୟ ସାହୁଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ଗୋଲକ ଚନ୍ଦ୍ର ବେହେରା, ପିତାମ୍ବର ନାୟକ, ରଜନୀକାନ୍ତ ଚନ୍ଦ, ଅକ୍ଷୟ ତ୍ରିପାଠୀ, ପ୍ରଶାନ୍ତ ସାହୁ, ବିଜୟ ଶଙ୍କର ମହାନ୍ତି ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।

### ଭଣ୍ଡାରିପୋଖରୀ

ସକାଳୁ ସକାଳୁ ପ୍ରଥମେ ଭଣ୍ଡାରିପୋଖରୀ ୧୬ ନଂ ଜାତୀୟ ରାଜପଥ ସମେତ ଭଣ୍ଡାରିପୋଖରୀ ବଜାର ଓ ମଞ୍ଜୁରୀରୋଡ୍ ବଜାର ସମେତ ରେଳ ଷ୍ଟେସନ୍‌ରେ ରେଳ ଲାଇନ୍ ଉପରେ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହି ଓଡ଼ିଶା ବନ୍ଦ ଡକରାକୁ ସଫଳ କରିଥିଲେ । ଏହିସବୁ ଅଞ୍ଚଳରେ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ, ଗଣତାନ୍ତ୍ରିକ ଓ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବା ନିମନ୍ତେ ଭଣ୍ଡାରିପୋଖରୀ ବ୍ଲକ୍ ସଭାପତି ଅଜୟ ସାହୁଙ୍କ ନେତୃତ୍ୱରେ ଆହ୍ୱାନ ଦିଆଯାଇଥିଲା । ମଞ୍ଜୁରୀରୋଡ୍ ରେଳ ଲାଇନ୍ ଉପରେ କଂଗ୍ରେସ ନେତା ଅଜୟ ସାହୁଙ୍କ ସମେତ ଅନ୍ୟ କଂଗ୍ରେସ କର୍ମୀମାନେ ଯାତାୟାତକୁ ବାଧାପ୍ରାପ୍ତ କରିଥିବାବେଳେ ଭଣ୍ଡାରିପୋଖରୀ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ଧାରଣାସ୍ଥଳରେ ପହଞ୍ଚି ଶ୍ରୀ ସାହୁଙ୍କ ସମେତ ଅନ୍ୟ କଂଗ୍ରେସ କର୍ମୀମାନଙ୍କୁ ବୁଝାସୁଝା କରି ଉଠାଇ ଆଣିଥିବା ଦେଖିବାକୁ ମିଳିଛି । କିନ୍ତୁ ଦୁଃଖର ବିଷୟ ବୁଧବାର ସବୁ ଗଣମାଧ୍ୟମରେ ସୂଚନା ଦିଆଯାଇଥିଲା ପ୍ରତ୍ୟେକ ସ୍କୁଲର ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଉପସ୍ଥିତ ରହି ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ । ସେହି ସୂଚନା ଅନୁଯାୟୀ, ଗୁରୁବାର ସବୁ ବିଦ୍ୟାଳୟରେ ଶିକ୍ଷକ ଏବଂ ପରୀକ୍ଷାର୍ଥୀମାନେ ପହଞ୍ଚିବା ପରେ ଭଣ୍ଡାରିପୋଖରୀ କଂଗ୍ରେସ କର୍ମୀମାନେ



ପହଞ୍ଚି ପରୀକ୍ଷାକୁ ବନ୍ଦ କରିବା ନିମନ୍ତେ ଶିକ୍ଷକଙ୍କୁ କହିଥିଲେ । ଓଡ଼ିଶା ବନ୍ଦ ଡକରାର ନିୟମ ଅନୁସାରେ ଅଷ୍ଟମ ଓ ନବମ ଶ୍ରେଣୀର ପିଲାମାନେ ସ୍କୁଲରେ ପରୀକ୍ଷା ଦେଇପାରିବେ ବୋଲି ଶିକ୍ଷକମାନେ ବୁଝାଇଥିଲେ । କିନ୍ତୁ ଏହା ବିଫଳ ହୋଇଥିଲା । ଯାହାଫଳରେ ପିଲାମାନେ ପରୀକ୍ଷାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି । କଂଗ୍ରେସର ଏହିସବୁ କାର୍ଯ୍ୟକ୍ରମକୁ ଦୃଢ଼ ଭାବରେ ବୁଦ୍ଧିଜୀବୀ ଓ ବରିଷ୍ଠ ଶିକ୍ଷାବିତ୍‌ମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ନିନ୍ଦା କରାଯାଉଥିବା ଜଣାଯାଇଛି ।

### ତିହିଡ଼ି



ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ତିହିଡ଼ି ବ୍ଲକ୍ କଂଗ୍ରେସ ଓ ସିପିଏମ୍ ପକ୍ଷରୁ ୪ ଦାବି ନେଇ ତିହିଡ଼ି ବଜାର ସମେତ ବିଭିନ୍ନ ସ୍ଥାନରେ ଗୁରୁବାର ବନ୍ଦ ପାଳିତ ହୋଇଯାଇଛି । ତିହିଡ଼ି ବଜାରରେ ବ୍ଲକ୍ କଂଗ୍ରେସ ସଭାପତି ସରୋଜ ଦାସ, ନାରାୟଣ ବାରିକ, ବିପିନ ବିହାରୀ ପତି, ପୀତାମ୍ବର ସେଠୀ, ଦିଗମ୍ବର ରାଉଳ, ଗଣେଶ ମଲ୍ଲିକ, ସୌମ୍ୟ ଗୋପାଳ ନାୟକ, ଚନ୍ଦ୍ରକାନ୍ତ ବାରିକ, ସୁରେଶ ମହାପାତ୍ର, ଗଜେନ୍ଦ୍ର ପରିଡ଼ା, ଶିବ ପ୍ରସାଦ ନାୟକ, ମାଧବାନନ୍ଦ ନାୟକ, ଗୋରାବାବୁ ସାହା, ବେଣୁଧର ଦାସ, ରଞ୍ଜିତ୍ ବଳ, କରୁଣାକର ମହାରଣା, ସିପିଏମ୍‌ର ନାରାୟଣ ଚନ୍ଦ୍ର ଦାଶ, ବିଷ୍ଣୁଚରଣ ଦାଶ, ନିର୍ମଳ ଦଳେଇ, କୃଷ୍ଣଚନ୍ଦ୍ର ମଲ୍ଲିକ, ଭାଗବତ ସେନାପତି, ଦୋଳସାହି ବଜାରରେ ସୁଶାନ୍ତ କୁମାର ଜେନା, ଟୁନିଲତା ଜେନା, ସୁନାମଣି ଜେନା, ପୀରହାଟ ବଜାରରେ ସତ୍ୟାନନ୍ଦ ରାଉତ, ସର୍ବେଶ୍ୱର ବଳ, ରବିନ ବାରିକ, ବସନ୍ତ ନାୟକ, ସଂଗ୍ରାମ ବଳ, କମାରିଆ ବଜାରରେ ଦୀପକ ଦାସ, କରୁଣାକର ନାୟକ, ଚନ୍ଦ୍ରମଣି ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ ।

### ବାସୁଦେବପୁର



ଇଣ୍ଡିଆ ବ୍ଲକ୍ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ବନ୍ଦ ଡକରା ଦିଆଯାଇଥିଲା । ଭଦ୍ରକ ଜିଲ୍ଲା ବାସୁଦେବପୁରରେ ଶାନ୍ତିଶୃଙ୍ଖଳାର ସହିତ ବନ୍ଦ ପାଳନ ଶେଷ ହୋଇଛି । କେନ୍ଦ୍ର ସରକାରଙ୍କ ଏମ୍ଏମ୍ଡିଆର୍ ଆଇନ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା, ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ଦାବିରେ କଂଗ୍ରେସ ବିଧାୟକ ଦଳର ଉପନେତା ଅଶୋକ କୁମାର ଦାସଙ୍କ ନେତୃତ୍ୱରେ କଂଗ୍ରେସର କର୍ମୀମାନେ ରାସ୍ତାରେ ଗାଡ଼ିମୋଟର ଚଳାଚଳ ବନ୍ଦ କରିଥିଲେ । ଜରୁରୀକାଳୀନ ସେବା ଯୋଗାଇ ଦେଉଥିବା ଆମ୍ବୁଲାନ୍ସ, ଦୁଗ୍ଧ ଗାଡ଼ି, ରୋଗୀକୁ ଧରି ଯାଉଥିବା ଗାଡ଼ିକୁ ଛାଡ଼ି ଦିଆଯାଉଥିଲା । ସିପିଆଇ ନେତ୍ରୀ ବନଲତା ଜେନାଙ୍କ ନେତୃତ୍ୱରେ କର୍ମୀମାନେ ବାସୁଦେବପୁର ବନ୍ଦ ପାଳନରେ ସାମିଲ୍ ହୋଇ ଏବି ହାଇସ୍କୁଲ ଛକ ଓ କାଳୀମନ୍ଦିର ଛକରେ ବସି ରହିଥିଲେ । ଜାମୁଝାଡ଼ିରୁ ବାସୁଦେବପୁର ଦେଇ ଧାମରାକୁ ଯାଉଥିବା ସମସ୍ତ ଗାଡ଼ିମୋଟର ଚଳାଚଳ ବନ୍ଦ ହୋଇଥିଲା । ଫଳରେ ଦୁଇ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଥିଲା । ସରକାରୀ ବ୍ୟାଙ୍କ, ସରକାରୀ ଅଫିସ୍ ବନ୍ଦ କରିଛନ୍ତି । ବିଦେଇପୁର ଛକରେ ଆଦିତ୍ୟପ୍ରସାଦ ଗିରିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବନ୍ଦ ପାଳନ କରୁଥିବାବେଳେ ଚାନ୍ଦିମାଳ ଛକରେ ଚିରଞ୍ଜୀବ ଭୂୟାଁଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା ।

### ବନ୍ତ/ଆଗରପଡ଼ା



ଇଣ୍ଡିଆ ବ୍ଲକ୍ ଆହ୍ୱାନ କ୍ରମେ ବନ୍ତ ବ୍ଲକ୍‌ରେ ୧୨ ଘଣ୍ଟିଆ ବନ୍ଦ ପାଳିତ ହୋଇଯାଇଛି । ଫଳରେ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ସାଧାରଣ ଜନଜୀବନ ବେଶ୍ ପ୍ରଭାବିତ ହୋଇଥିଲା । ବ୍ଲକ୍‌ର ପ୍ରାୟ ସମସ୍ତ ବ୍ୟାବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ବ୍ଲକ୍ ଓ ତହସିଲ୍ କାର୍ଯ୍ୟାଳୟ ବନ୍ଦ ରହିଥିବାବେଳେ ଗାଡ଼ି ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା । କେବଳ ଜରୁରୀକାଳୀନ ସେବାଗୁଡ଼ିକୁ ବନ୍ଦରୁ ବାଦ୍ ଦିଆଯାଇଥିଲା । ବନ୍ଦକୁ ସଫଳ କରିବା ପାଇଁ ସିପିଆଇର ଗୋପବନ୍ଧୁ ସେଠୀ, ସଂଗ୍ରାମ ଜେନା, ଦୁଲା ଖାଁ, ନିରଞ୍ଜନ ନାୟକ, ଜୟନ୍ତ ଜେନା, କମଳାକାନ୍ତ ଜେନା, ସୁବାସ ଚନ୍ଦ୍ର ବେହେରା, ପର୍ଶୁରାମ ସ୍ୱାଇଁ, ପଞ୍ଚାନନ ସେଠୀଙ୍କ ସମେତ ଅନ୍ୟ କର୍ମୀମାନଙ୍କ ସମେତ କଂଗ୍ରେସର ଜ୍ୟୋତି ନାୟକ, ନିରଞ୍ଜନ ମଲ୍ଲିକ, ମୁସ୍ତାକ୍ ଅଲ୍ଲୀ ଖାଁ, ସନ୍ଦିପ୍ ଜେନା, ସୁଧାଂଶୁ ଶେଖର ନାୟକ, କାହ୍ନା ନାୟକ, ମଞ୍ଜୁ ସ୍ୱାଇଁ, ସୟଦ ମଇଫୁଜ, ସାଦ୍ ସିଦ୍ଦିକ୍, ବସନ୍ତ, ୟୁଶୁଫ୍ ଖାଁ, ସିଲୁ ନାୟକ ପ୍ରମୁଖ ବନ୍ତ ସହରର ବିଭିନ୍ନ ମୁଖ୍ୟ ଛକରେ ପହଞ୍ଚି ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିଥିଲେ । ଆନ୍ଦୋଳନକାରୀମାନେ ରାସ୍ତାରେ ବସି ନାରାବାଜି କରିବା ସହ ବନ୍ଦକୁ ସଫଳ କରିବା ପାଇଁ ସାଧାରଣ ଲୋକ ଓ ବ୍ୟବସାୟୀମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ ।

ବନ୍ତ ଥାନା ଛକରେ ମଧ୍ୟ ଆନ୍ଦୋଳନକାରୀମାନେ ଧାରଣାରେ ବସିଥିଲେ । ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା । ଇଣ୍ଡିଆ ବ୍ଲକ୍ ପକ୍ଷରୁ ଏହି ବନ୍ଦ ଡକରା ପଛରେ ଏକାଧିକ ଦାବି ରହିଥିବା ଆନ୍ଦୋଳନକାରୀମାନେ ପ୍ରକାଶ କରିଥିଲେ । ଏମ୍ଏମ୍ଡିଆର ସଂଶୋଧନ ଆଇନ ରଦ୍ଦ କରିବା, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ବରଖାସ୍ତ, ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା, ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ଜନସାଧାରଣଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଆନ୍ଦୋଳନକାରୀମାନେ ଦାବି ରଖିଥିଲେ । ବନ୍ଦ ପ୍ରଭାବରେ ସକାଳୁ ବନ୍ତ ସହରର ରାସ୍ତାଘାଟ ଜନଶୂନ୍ୟ ଦେଖାଯାଇଥିଲା । ବିଭିନ୍ନ ଦୋକାନବଜାରରେ ତାଲା ଝୁଲିଥିବାବେଳେ କାରବାର ଠପ୍ ହୋଇଯାଇଥିଲା । ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବାରୁ ସାଧାରଣ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଥିଲା । ବସ୍, ଅଟୋ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ ମଧ୍ୟ ବନ୍ଦ ରହିବାରୁ ଯାତ୍ରୀମାନେ ଅସୁବିଧାରେ ପଡ଼ିଥିଲେ । ବନ୍ଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ, ସେଥିପାଇଁ ବନ୍ତ ପୁଲିସ ପକ୍ଷରୁ ମଧ୍ୟ ବିଭିନ୍ନ ସ୍ଥାନରେ ନଜର ରଖାଯାଇଥିଲା ।

ସେହିପରି ଓଡ଼ିଶା ବନ୍ଦ ଡକରାର ପ୍ରଭାବ ଆଗରପଡ଼ାରେ ଦେଖିବାକୁ ମିଳିଥିଲା । ସମସ୍ତ ଯାନବାହନ ଚଳାଚଳ, ଦୋକାନ ବଜାର, ସ୍କୁଲ, କଲେଜ, ବ୍ୟାଙ୍କ ଆଦି ବନ୍ଦ ରହିଥିଲା । ପ୍ରାକ୍ତନ ବିଧାୟକ ତଥା କଂଗ୍ରେସ ନେତା ପଞ୍ଚାନନ ମଣ୍ଡଳ, ଗୋପିନାଥପୁର ସରପଞ୍ଚ ସବିତା ନାୟକ, ପ୍ରାକ୍ତନ ସରପଞ୍ଚ ରବିନାରାୟଣ ମହାନ୍ତି, ସତ୍ୟବାନ ଦାସ, କଳ୍ପତରୁ ସାହୁ, ଯୁବନେତା ତାପସ ରାୟ, କାର୍ତ୍ତିକ ଜେନା, ଛାୟାକାନ୍ତ ନନ୍ଦ,




ପ୍ରଦୀପ୍ତ ନାୟକ, ସୁବ୍ରତ ପଣ୍ଡା, ବାଙ୍କବିହାରୀ ଯେନା, ଦିଲ୍ଲୀପ ପୁହାଣ, ପ୍ରଭାତ ପଣ୍ଡା, ଚିତ୍ତରଞ୍ଜନ ରାମ, ଦେବ ସିଂ, ଭରତ ବେହେରା, ବାବନ ଜେନା, ଭାସ୍କର ମଲ୍ଲିକ, ରାଜୁ ବେହେରା, ମହେଶ୍ୱର ଦାସ, ପ୍ରକାଶ ମହାକୁଡ଼ଙ୍କ ସମେତ କମ୍ୟୁନିଷ୍ଟ ନେତା ପ୍ରଭାସ ମହାପାତ୍ର, ରୋଜାଲିନ୍ ସାମ୍ୟବାଦୀ, ରବୀନ୍ଦ୍ର ନାୟକ ପ୍ରମୁଖ ବନ୍ଦ ଡକରାର ନେତୃତ୍ୱ ନେବା ସହ ପିକେଟିଂ କରିଥିଲେ ।

### ଧାମନଗର

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନମୁଖୀ ଶାସନ, ମହିଳାଙ୍କୁ ନିର୍ଯାତନା, ଭୋଟ୍ ଚୋରି, ପିଲାଙ୍କ ଭବିଷ୍ୟତ ସହିତ ଖେଳିବା, ଦରଦାମ୍ ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗ ଓ ଦାବି ପୂରଣ ନେଇ କଂଗ୍ରେସ ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶ ଏବଂ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ କଂଗ୍ରେସ ଇଣ୍ଡି ମେଣ୍ଟ ପକ୍ଷରୁ ୧୨




ଘଣ୍ଟିଆ ଓଡ଼ିଶା ବନ୍ଦ ଡକରା ଦିଆଯାଇଥିଲା । ଧାମନଗର ଅଞ୍ଚଳରେ ଶାନ୍ତିଶୃଙ୍ଖଳାରେ ସଫଳ ହୋଇଛି । ଏହି ଅବସରରେ ସକାଳୁ ଧାମନଗର ବ୍ଲକ୍ ତହସିଲ, ସ୍କୁଲ, କଲେଜ, ଦୋକାନ ବଜାର, ଯାନବାହନ ଚଳାଚଳ ବନ୍ଦ ସହ ଅଫିସ ଦପ୍ତର କାର୍ଯ୍ୟ ଠପ୍ ହୋଇଥିଲା । କଂଗ୍ରେସ ନଗର ସଭାପତି ପ୍ରମୋଦ ସ୍ୱାଇଁ ଏବଂ ସିପିଏମ୍ ନେତା ଏମ୍ଡି ଜୟନୁଲ ଆବେଦିନଙ୍କ ନେତୃତ୍ୱରେ କଂଗ୍ରେସ ନେତା ସଞ୍ଜୟ ମିଶ୍ର, ରମଣୀ ରଞ୍ଜନ ଦାଶ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, କୃଷ୍ଣ ଚନ୍ଦ୍ର ଦାଶ, ଶିଶିର ଦେବତା, ରବୀନ୍ଦ୍ର ଜେନା, ଚିନ୍ତାମଣି ବାରିକ, ପ୍ରଭାତ ପଣ୍ଡା, ପ୍ରସନ୍ନ ଧଳ, ମାନସ ମହାପାତ୍ର, ରଘୁନାଥ ଦାସ, ରମେଶ ସେଠୀ, ସେକ୍ ତାରିଖ ଅନୱର, ସେକ୍ ଜୋନେଦ, ବିପ୍ଲବ ଜେନା, ସେକ୍ ଆଲାଉଦ୍ଦିନ ଖାଁ, ସେକ୍ ଆଜାଦ ପ୍ରମୁଖ ଦଳୀୟ ପତାକା ଧରି ଶାନ୍ତିଶୃଙ୍ଖଳା ରକ୍ଷା କରି ବନ୍ଦ କରିଥିଲେ । ବିଭିନ୍ନ ଛକ ନିକଟରେ ପୁଲିସ ମୁତୟନ ସହ ପାଟ୍ରୋଲିଂ କରାଯାଇଥିଲା ।

### ଚାନ୍ଦବାଲି

୪ ଦଫା ଦାବିକୁ ନେଇ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ପ୍ରଭାବ ଚାନ୍ଦବାଲି ଅଞ୍ଚଳରେ ପରିଲକ୍ଷିତ ହୋଇଛି । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ ପାଇଁ ଆହ୍ୱାନ ଦିଆଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଦଳୀୟ ନେତା ଓ କର୍ମୀମାନେ ପିକେଟିଂ କରି ଦୋକାନ ବଜାର ଓ ଯାନବାହନ ଚଳାଚଳକୁ ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ । କଂଗ୍ରେସ ନେତା ସତ୍ୟାନନ୍ଦ ରାଉତଙ୍କ ନେତୃତ୍ୱରେ ସକାଳ ପ୍ରାୟ ୬ଟାରେ ଗଦିଠାରେ ରେଳରୋକ କରାଯାଇଥିଲା । ଫଳରେ ରେଳ ଚଳାଚଳ



ପ୍ରଭାବିତ ହୋଇଥିଲା । ଏହାପରେ ଗଦି ବଜାର ଅଞ୍ଚଳରେ ମଧ୍ୟ ରାସ୍ତାରୋକ କରାଯାଇ ବନ୍ଦକୁ ସମର୍ଥନ କରିବା ପାଇଁ ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ଆହ୍ୱାନ ଦିଆଯାଇଥିଲା । ଅନ୍ୟପକ୍ଷରେ ପୀରହାଟ ଅଞ୍ଚଳରେ ସତ୍ୟାନନ୍ଦ ରାଉତଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରା ବାହାରି ଚାନ୍ଦବାଲି ଅଭିମୁଖେ ଯାଇଥିଲା । ଶତାଧିକ ବାଇକ୍‌ରେ କର୍ମୀ ଓ ସମର୍ଥକମାନେ ଏହି ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ । ଚାନ୍ଦବାଲିରେ ପହଞ୍ଚିବା ପରେ ବିଭିନ୍ନ ସ୍ଥାନରେ ବନ୍ଦ ସମର୍ଥନରେ ପିକେଟିଂ କରାଯାଇଥିଲା । ଚାନ୍ଦବାଲି-ଭଦ୍ରକ ମୁଖ୍ୟ ରାସ୍ତାରେ ବନ୍ଦର ପ୍ରଭାବ ଯୋଗୁଁ ଯାନବାହନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିବା ଦେଖାଯାଇଥିଲା ।

### ଧୂଷୁରୀ/ଅସୁରାଳି/ସହିଦନଗର/ବେତାଳିଗାଁ

ବିଭିନ୍ନ ଦାବି ନେଇ କଂଗ୍ରେସ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ ହୋଇଥିବାବେଳେ ଅସୁରାଳି, କୋଠାର, ଧୂଷୁରୀ, ବେତାଳିଗାଁ, ସହିଦନଗର ସମେତ ଧାମନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଥିଲା । କଂଗ୍ରେସ ନେତା ଅଭିଷେକ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ବନ୍ଦରେ ଦଳ ପକ୍ଷରୁ ମୁଖ୍ୟତଃ ୪ଟି ଦାବି ଉପସ୍ଥାପନ କରାଯାଇଥିଲା । ପ୍ରଥମେ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରାଯାଇଥିଲା । ଦ୍ୱିତୀୟରେ ଏମ୍ଏମ୍ଡିଆର ଆଇନ ସମ୍ପର୍କିତ ଦାବି ଉଠାଇ ଓଡ଼ିଶା ଭଳି ଛୋଟ ରାଜ୍ୟରେ ଖଣିଜ ସମ୍ପଦ ଯୋଗୁଁ ହେଉଥିବା କ୍ଷତି ବନ୍ଦ କରିବାକୁ ଦଳ ଦାବି କରିଥିଲା । ସେହିପରି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ମଧ୍ୟ ଦାବି କରାଯାଇଥିଲା । ବିଦ୍ୟାଳୟ ପାଠ୍ୟପୁସ୍ତକରେ ବାରମ୍ବାର ତ୍ରୁଟି ରହୁଥିବା ନେଇ ଦଳ ଅଭିଯୋଗ କରିଥିଲା । ଚତୁର୍ଥ ଦାବି ଭାବେ ଧାମନଗର ସମେତ ଓଡ଼ିଶାରେ ବାରମ୍ବାର



ବନ୍ୟା ହେଉଥିଲେ ମଧ୍ୟ ରିଲିଫ୍ ବଣ୍ଟନରେ ଅନିୟମିତତା ଓ ରିଲିଫ୍ ଲୋକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚୁ ନ ଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା । ବନ୍ଦ ପାଳନ ସମୟରେ ବିଭିନ୍ନ ସ୍ଥାନରେ ଦୋକାନ ବଜାର ବନ୍ଦ ରହିଥିବା ସହ ଦଳୀୟ କର୍ମୀମାନେ ବିଭିନ୍ନ ଦାବି ନେଇ ନାରାବାଜି କରିଥିଲେ । ଏହି ଅବସରରେ ଅରବିନ୍ଦ ନାୟକ, ଆଲୋକ ସ୍ୱାଇଁ, ସୁଦୀର ଖଟୁଆ, ନିମାଇଁ ଜେନା, ତ୍ରିଲୋଚନ ରାଉତ, ମାନଗୋବିନ୍ଦ ସାହୁ, ସୁଭାଶିଷ ବେହେରା, ପ୍ରଦୀପ ଦାସ, ପରମାନନ୍ଦ ସାଆନ୍ତ, ସଂଗ୍ରାମ ନାୟକ, ରବୀନ୍ଦ୍ର ନାୟକ, ଜଗନ୍ନାଥ ନାୟକ, ସନ୍ତୋଷ ହୋତା, ବିଶ୍ୱଜିତ୍ ସ୍ୱାଇଁ, ମାନସ ତରାଇ, ମୁରଲୀ ବଳ, ତ୍ରିଲୋଚନ ଦାଶ, ସଞ୍ଜୀବ ଖଟୁଆ, ବିଜୟ ସୂତାର, କୁଳମଣି ମଲ୍ଲିକ, ସୁରେଶ ମହାନ୍ତି, ଶ୍ରୀକାନ୍ତ ପଣ୍ଡା, ଭାସ୍କର ଜେନା, କଲ୍ୟାଣୀ ଜେନା, ନାରଣ ପୁଣ୍ଟିଆ, ପଞ୍ଚାନନ ସାହୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ବନ୍ଦ ଯୋଗୁଁ ଧାମନଗରର ବିଭିନ୍ନ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଥିବା ଦେଖାଯାଇଥିଲା ।



ଗୁରୁବାର ଷୋଡ଼ଶ ଉପଚାରର ଷଷ୍ଠ ଦିବସରେ ବାବା ଆଖଣ୍ଡଳମଣିଙ୍କ ପୀଠରେ ଦେବୀ ମା’ ଜୟଦୁର୍ଗାଙ୍କ ଗାୟତ୍ରୀ ବେଶ

ନିଶା ମୁକ୍ତ ଭାରତ ଅଭିଯାନ

# ଭଦ୍ରକ ଅଞ୍ଚଳର ଔଷଧ ଦୋକାନରେ ବ୍ୟାପକ ଚଢ଼ଉ



ଭଦ୍ରକ,୮।୧୦(ସମିସ)

ନିଶା ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ଭଦ୍ରକ-୨ ରେଞ୍ଜର ଭେଷଜ ନିରୀକ୍ଷକ (ଡ୍ରଗ୍ସ ଇନ୍ସପେକ୍ଟର) ଦୀପ୍ତିରଞ୍ଜନ ମହାପାତ୍ରଙ୍କ ସହ ସ୍ଥାନୀୟ ପୁଲିସଙ୍କ ସହଯୋଗରେ ଏକ ବ୍ୟାପକ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ ହୋଇଛି। ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅଧୀନ ସୁଦର୍ଶନପୁର, ଇରମ, ବାସୁଦେବପୁର ବଜାର ସମେତ ତିହିଡ଼ି ଥାନା, ଆଗରପଡ଼ା ଥାନା ଓ ପୁରୁଣାବଜାର ଥାନା ଅଞ୍ଚଳ ସହିତ ଅନ୍ୟାନ୍ୟ ସମ୍ବେଦନଶୀଳ ଅଞ୍ଚଳରେ ଥିବା ବିଭିନ୍ନ ଔଷଧ ଦୋକାନଗୁଡ଼ିକରେ ଏହି ଚଢ଼ଉ କାର୍ଯ୍ୟ ଜାରି ରହିଛି। ନାର୍କୋଟିକ୍ସ ଓ ନିଶାଜାତୀୟ ଔଷଧର ବେଆଇନ ବିକ୍ରି ଏବଂ ଅପବ୍ୟବହାର ରୋକିବା ଏହି ଚଢ଼ଉର ମୁଖ୍ୟ ଉଦ୍ଦେଶ୍ୟ। ପୁଲିସ ସହଯୋଗରେ ହେଉଥିବା ଏହି ମିଳିତ ଅଭିଯାନ ଗତ ୧ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏବଂ ପରବର୍ତ୍ତୀ ସମୟରେ ଆସନ୍ତା ବର୍ଷ ଜୁନ୍ ମାସରେ ପୁଣିଥରେ ବିଭିନ୍ନ ପର୍ଯ୍ୟାୟରେ ଜାରି ରହିବ ବୋଲି ସୂଚନା ମିଳିଛି। ଆଗାମୀ ଦିନରେ ସମଗ୍ର ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଚଢ଼ଉ ଅଭିଯାନକୁ ଆହୁରି ଜୋର୍‌ଦାର୍ କରାଯିବ। ଏହି ଯାଞ୍ଚ ସମୟରେ ସମସ୍ତ ଔଷଧ ଦୋକାନର ବିଲ୍ ରେଜିଷ୍ଟର କଡ଼ାକଡ଼ି ଭାବେ ଯାଞ୍ଚ କରାଯିବା ସହ ଗୁଣାତ୍ମକ ମାନ ଓ ନିୟମାବଳୀର ପରୀକ୍ଷା ପାଇଁ କେତେକ ଔଷଧର ସାମ୍ପୁଲ୍ ବା ନମୁନା ସଂଗ୍ରହ କରାଯାଇଛି। ଏହା ସହିତ ପ୍ରତ୍ୟେକ ମେଡିସିନ୍ ଷ୍ଟୋରରେ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ ରଖିବା ବାଧ୍ୟତାମୂଳକ କରାଯାଇଛି ଏବଂ ସମସ୍ତ ଦୋକାନରେ ଆବଶ୍ୟକୀୟ ସୂଚନାଫଳକ(ଇନ୍‌ଫର୍‌ମେସନ ବୋର୍ଡ) ଲଗାଯାଇଛି। ବିନା ପ୍ରେସ୍‌କ୍ରିପ୍‌ସନରେ ନିଶାଜାତୀୟ ଔଷଧ ବିକ୍ରି ନ କରିବା, ଗ୍ରାହକଙ୍କୁ ବିକ୍ରି ବିଲ୍ ପ୍ରଦାନ କରିବା ଏବଂ ସଠିକ୍ ଷ୍ଟକ୍ ରେକର୍ଡ ନିୟମିତ ରଖିବା ପାଇଁ ସମସ୍ତ ଔଷଧ ଦୋକାନୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

## ଧାମନଗର



ନିଶାମୁକ୍ତ ଅଭିମାନ ପରିପ୍ରେକ୍ଷୀରେ ଭଦ୍ରକ ଡ୍ରଗ୍ସ ଇନ୍ସପେକ୍ଟର ଦୀପକ ଜେନାଙ୍କ ନେତୃତ୍ୱରେ ସହଯୋଗୀ ବୀରେନ୍ଦ୍ର ରାଉତ ସ୍ଥାନୀୟ ପୁଲିସ ସହଯୋଗରେ ଧାମନଗର ଅଞ୍ଚଳର ବିଭିନ୍ନ ଔଷଧ ଦୋକାନ ଉପରେ ଚଢ଼ଉ କରିଛନ୍ତି। ଗୁରୁବାର ଧାମନଗର ମେଡିକାଲ ବଜାର, ବଡ଼ବଜାର ଓ ସାନବଜାରରେ ଥିବା ବିଭିନ୍ନ ଔଷଧ ଦୋକାନଗୁଡ଼ିକ ଉପରେ ଚଢ଼ଉ କରି ଅନିୟମିତତା ସମ୍ପର୍କରେ ଛାନ୍‌ଭିନ୍ କରିବା ସହ ନକଲି ଓ ନିଶାଦ୍ରବ୍ୟ ଔଷଧ ଜବତ କରିଛନ୍ତି। ସୂଚନାନୁଯାୟୀ, ଧାମନଗର ବଜାରରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମେଡିସିନ ଦୋକାନ ରହିଥିବାବେଳେ ଚଢ଼ଉ ସମୟରେ ମାତ୍ର ୫ଟି ଦୋକାନ ଖୋଲାଥିବା ଦେଖାଯାଇଥିଲା। ଏହି ୫ଟି ଦୋକାନରେ ଯାଞ୍ଚ କରାଯିବା ସହ ବିଭିନ୍ନ ଔଷଧର ସାମ୍ପୁଲ ସଂଗ୍ରହ କରାଯାଇଛି। ସାମ୍ପୁଲଗୁଡ଼ିକର ପରୀକ୍ଷା ରିପୋର୍ଟ ଆସିବା ପରେ ଔଷଧର ମାନ ଓ ଗୁଣବତ୍ତା ସମ୍ପର୍କରେ ସ୍ପଷ୍ଟ ଚିତ୍ର ଜଣାପଡ଼ିବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ଡ୍ରଗ୍ସ ଇନ୍ସପେକ୍ଟର ଶ୍ରୀ ଜେନାଙ୍କ ସୂଚନା ଅନୁଯାୟୀ, ନିଷିଦ୍ଧ କିମ୍ବା ବିକ୍ରି ଉପରେ ପ୍ରତିବନ୍ଧକ ଥିବା ଔଷଧ, ନିମ୍ନମାନର, ନକଲି ନିଶାଦ୍ରବ୍ୟ ଔଷଧ କିମ୍ବା ମିଆଦ ଶେଷ ହୋଇଥିବା ଔଷଧ ରଖିବା ନେଇ ଚଢ଼ଉ ହୋଇଥିଲା। ଧରାପଡ଼ିବା ଭୟରେ ବହୁ ଦୋକାନ ବନ୍ଦ ରହିଥିବା ନେଇ ସେମାନଙ୍କ ଉପରେ ସନ୍ଦେହ ଉପୁଜିଛି।

# ଦବୁଛି ଛତାବର-ବଳିଘାଇ ପୂର୍ତ୍ତ ରାସ୍ତା



ବାରିକପୁର,୮।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ୧୬ନଂ ଜାତୀୟ ରାଜପଥ ଛତାବରଠାରୁ ବଳିଘାଇ ବୈତରଣୀ ସେତୁକୁ ସଂଯୋଗ କରୁଥିବା ପୂର୍ତ୍ତ ରାସ୍ତାର ନବୀକରଣ କାର୍ଯ୍ୟ ୪ ବର୍ଷ ହେବ ଶେଷ ହେଉନାହିଁ। ଏପଟେ ପ୍ରାରମ୍ଭିକ ନିର୍ମାଣ କାର୍ଯ୍ୟ ଏବେ ଦୁର୍ବଳ ହେବାକୁ ବସିଲାଣି। ପଡ଼ୋଶୀ ଯାଜପୁର ଜିଲ୍ଲାକୁ ଯାତାୟାତ ସହଜ ହେବା ପାଇଁ ୨୦୨୨ ମସିହାରେ ଏହି ୮ କିମି ରାସ୍ତାର ନବୀକରଣ କାମ ଆରମ୍ଭ ହୋଇଥିଲା। ୪ ଲାଇନ୍ ବିଶିଷ୍ଟ ରାସ୍ତା ପାଇଁ ୪୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ପଶ୍ଚିମବଙ୍ଗର ଏକ ଠିକାସଂସ୍ଥା ୪ ବର୍ଷରୁ ଅଧିକ ସମୟ ହେବ କଚ୍ଛପ ଗତିରେ କାର୍ଯ୍ୟଟିକୁ କରୁଥିବା ଜଣାପଡ଼ିଛି। ଏବେ ସୁଦ୍ଧା ଆହୁରି ୩୦ ଭାଗରୁ ଅଧିକ କାମ ବାକି ରହିଛି। କାମ ଆରମ୍ଭରୁ ହୋଇଥିବା କଂକ୍ରିଟ ଓ ପିଚୁ କାମ ଦୁର୍ବଳ ହେଉଥିବା ଜଣାଯାଇଛି। କେତେକ ସ୍ଥାନରେ କଂକ୍ରିଟ୍ ଫାଟି ଯାଇଥିବାବେଳେ ଭୁତିଆ ସମେତ ଅନ୍ୟାନ୍ୟ ସ୍ଥାନରେ ହୋଇଥିବା ପିଚୁ କାର୍ଯ୍ୟଗୁଡ଼ିକ ଦବିବା ଆରମ୍ଭ ହେଲାଣି। ବର୍ଷା ହେଲେ ପିଚୁ ରାସ୍ତାରେ ଏବେ ପାଣି ଜମୁଛି। ରାସ୍ତା ଦବିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ତେଣୁ ଏହା ଉପରେ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଜାତୀୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାକୁ ବି. ଲକ୍ଷ୍ମୀରେଡ୍ଡୀ ମନୋନୀତ



ଭଦ୍ରକ,୮।୧୦(ସମିସ): ରାଜସ୍ଥାନର ଜୟପୁର ସହରରେ ଅନୁଷ୍ଠିତ ହେବାକୁ ଯାଉଥିବା ଜାତୀୟସ୍ତରୀୟ ୧୭ ବର୍ଷରୁ କମ୍ ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭଦ୍ରକ ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ ସ୍କୁଲ ଭଦ୍ରକର ଛାତ୍ରୀ ବି. ଲକ୍ଷ୍ମୀ ରେଡ୍ଡୀ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୧୦ ତାରିଖରେ ସମାପ୍ତ ହେବ। ତାଙ୍କର ଏହି ସଫଳତା ପଛରେ ବାପା ପିତାମ୍ବର ରେଡ୍ଡୀ, ମାଆ ଜଗଦେଶ୍ୱରୀ ରେଡ୍ଡୀ ଓ କୋଚ୍‌ଙ୍କ ମୁଖ୍ୟ ଭୂମିକା ରହିଛି ବୋଲି ଲକ୍ଷ୍ମୀ ପ୍ରକାଶ କରିଛନ୍ତି। ସେ ପୂର୍ବରୁ ମଧ୍ୟ ୧୩ ବର୍ଷରୁ କମ୍, ୧୫ ବର୍ଷରୁ କମ୍ ଓଡ଼ିଶା ଦଳରେ ସୁଯୋଗ ପାଇଁ ର୍‌ୟାଙ୍କିଙ୍ଗ୍ ଖେଳି ସାରିଛନ୍ତି, ସେ ଏବେ ଏସ୍‌ବିଡି ଇଣ୍ଟରନ୍ୟାସ୍‌ନାଲ ସ୍କୁଲରେ ୯ମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ସ୍କୁଲ ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା, ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ, ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତ, ଏମ୍‌ଡି ବିଦ୍ୟାଧର ଅଗସ୍ତି, ମ୍ୟାଡମ୍ ଏମ୍‌ଡି ବନ୍ଦିତା ଦୀକ୍ଷିତ, ମାର୍ଗଦର୍ଶକ ଶୈଳେନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ଶତପଥୀ, ମ୍ୟାଡମ୍ ଚେୟାରମ୍ୟାନ ଆଶାବରୀ କର, ଶିକ୍ଷାବିତ ବିପିନ୍ ବିହାରୀ କର, ସମସ୍ତ ଶିକ୍ଷକ ଓ କର୍ମଚାରୀଗଣ ଶୁଭେଚ୍ଛା ଜଣାଇଛନ୍ତି।

### ଲକ୍ଷାଧିକ ଟଙ୍କାର ଚୋରି ସୁନା ବିକ୍ରି ଅଭିଯୋଗ

# ଗହଣା ଦୋକାନୀଙ୍କ ସମେତ ୫ ଅଟକ

ବେତାଳିଗାଁ,୮।୧୦(ସମିସ): ଧୂଷୁରୀ ଥାନା ଅନ୍ତର୍ଗତ ସାଁଳପୁର ଗାଁର ନୀଳାଦ୍ରି ନାୟକଙ୍କ ପତ୍ନୀ ପୂଜା ନାୟକଙ୍କ ଘରୁ ପାଖାପାଖି ୩ ଭରି ଓଜନର ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଗତ ଶୁକ୍ରବାର ଧୂଷୁରୀ ଥାନାରେ ଏକ ମାମଲା (କେସ୍ ନଂ-୪୪୭/୨୬) ରୁଜୁ ହୋଇଛି। ଅଭିଯୋଗ ପରେ ଧୂଷୁରୀ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରି ସନ୍ଦେହରେ ଶୁଭଲକ୍ଷ୍ମୀ ପଲେଇଙ୍କୁ ପଚରାଉଚରା କରିଥିଲା। ପଚରାଉଚରା ସମୟରେ ଚୋରି ସୁନା ସମ୍ପର୍କରେ ପୁଲିସକୁ ତଥ୍ୟ ମିଳିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଶୁଭଲକ୍ଷ୍ମୀ ପଲେଇଙ୍କୁ ପୂଜା ନାୟକ ନିଜ ଝିଅ ଭଳି ଭାବି ଘରେ ପ୍ରଶ୍ରୟ ଦେଇଆସୁଥିଲେ। ତେବେ ଏହି ବିଶ୍ୱାସର ସୁଯୋଗ ନେଇ ଘରୁ ପାଖାପାଖି ୩ ଭରି ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁଭଲକ୍ଷ୍ମୀଙ୍କୁ ପଚରାଉଚରା ସମୟରେ ଚୋରି ସୁନାର କିଛି ଅଂଶ ବେତାଳିଗାଁ ବଜାରସ୍ଥିତ ଶ୍ରୀ ଶିବ ପ୍ରସାଦ ଜୁଏଲାରୀରେ ଏବଂ ଏକ ସୁନାଚେନ୍ ଭଦ୍ରକର ଅନ୍ୟ ଏକ ସୁନା ଦୋକାନରେ ବିକ୍ରି କରିଥିବା ସେ କହିଥିବା ଜଣାପଡ଼ିଛି। ଏହି ଘଟଣାରେ ଧୂଷୁରୀ ପୁଲିସ ଶୁଭଲକ୍ଷ୍ମୀଙ୍କ ସମେତ ତାଙ୍କ ସାନଭାଇ, ୨ଜଣ ସହଯୋଗୀ ଏବଂ ଶ୍ରୀ ଶିବପ୍ରସାଦ ଜୁଏଲାରୀ ମାଲିକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଟକ ଥିବା ଜୁଏଲାରୀ ମାଲିକ ମଧ୍ୟ ଚୋରି ସୁନା କିଣିଥିବା ପୁଲିସ ନିକଟରେ ସ୍ୱୀକାର କରିଥିବା ସୂଚନା ମିଳିଛି। ତେବେ ଚୋରି ହୋଇଥିବା ସମସ୍ତ ସୁନା ଅଳଙ୍କାର ଉଦ୍ଧାର ହୋଇଛି କି ନାହିଁ, ଏନେଇ ପୁଲିସ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିନାହିଁ। ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ଚୋରି ସୁନା କେତେ ପରିମାଣରେ ଉଦ୍ଧାର ହୋଇଛି ଏବଂ ଏହାର ଅନ୍ୟ କୌଣସି ଲିଙ୍କ୍ ରହିଛି କି ନାହିଁ, ସେନେଇ ଧୂଷୁରୀ ପୁଲିସ ତଦନ୍ତ ଜାରି ରଖିଛି।

# ଆଜି ପୂର୍ବତନ ବିଧାୟକ ମାନସ ମଲ୍ଲିକଙ୍କ ଶ୍ରାଦ୍ଧବାର୍ଷିକୀ



ଅସୁରାଳି,୮।୧୦(ସମିସ): ଧାମନଗର ନିର୍ବାଚନମଣ୍ଡଳୀର ଅତ୍ୟନ୍ତ ପ୍ରିୟ, ସ୍ୱାଭିମାନୀ ଓ ଜନମାନସର ନେତା, ପୂର୍ବତନ ବିଧାୟକ ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକଙ୍କ ଶୁକ୍ରବାର ୧୪ତମ ଶ୍ରାଦ୍ଧ ଦିବସ। ଧାମନଗର ମାଟିର ବିକାଶ ଓ ଜନସାଧାରଣଙ୍କ ସେବାରେ ନିଜକୁ ସମର୍ପଣ କରିଥିବା ଏହି ମହାନ୍ ନେତାଙ୍କୁ ଆଜି ସମଗ୍ର ନିର୍ବାଚନମଣ୍ଡଳୀବାସୀ ଶ୍ରଦ୍ଧାର ସହ ସ୍ମରଣ କରୁଛନ୍ତି।

ମାନସ ରଞ୍ଜନ ମଲ୍ଲିକ ଧାମନଗରରୁ ଦୁଇ ଦୁଇ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ଜନସେବା କରିଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ଜନତା ଦଳ ଟିକଟ୍‌ରେ ନିର୍ବାଚିତ ହୋଇଥିବାବେଳେ, ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ସ୍ୱାଧୀନ ପ୍ରାର୍ଥୀ ଭାବେ ବିପୁଳ ଭୋଟ୍‌ରେ ବିଜୟୀ ହୋଇ ନିଜର ଲୋକପ୍ରିୟତା ପ୍ରମାଣିତ କରିଥିଲେ। ଦଳ, ମତ, ବର୍ଣ୍ଣ ନିର୍ବିଶେଷରେ ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ତାଙ୍କର ଅମାୟିକ ବ୍ୟବହାର, ସରଳ ଜୀବନଶୈଳୀ ଓ ସାଧାରଣ ଲୋକଙ୍କ ସୁଖ-ଦୁଃଖରେ ଛିଡ଼ା ହେବାର ଅତୁଳନୀୟ ଗୁଣ ପାଇଁ ସମସ୍ତେ ତାଙ୍କୁ ଗଭୀର ଭଲପାଇବା ଓ ଶ୍ରଦ୍ଧା ଦେଉଥିଲେ। ଆପଣା ଅଞ୍ଚଳର ବିକାଶ ପାଇଁ ସେ ସଦାସର୍ବଦା ତତ୍ପର ଥିଲେ। ନିଜ କାର୍ଯ୍ୟକାଳ ମଧ୍ୟରେ ଧାମନଗର ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ସେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ଗ୍ରାମାଞ୍ଚଳକୁ ରାସ୍ତାଘାଟ ସଂଯୋଗୀକରଣ, କୃଷି ଓ କୃଷକଙ୍କ ସମସ୍ୟାର ସମାଧାନ, ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ ଏବଂ ଗରିବ ଓ ବିପନ୍ନଙ୍କୁ ସରକାରୀ ଯୋଜନାର ଲାଭ ପହଞ୍ଚାଇବାରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା। ଧାମନଗରକୁ ଏକ ଆଦର୍ଶ ନିର୍ବାଚନମଣ୍ଡଳୀ ଭାବେ ଗଢ଼ିତୋଳିବା ପାଇଁ ତାଙ୍କର ନିଷ୍ଠାପର ଉଦ୍ୟମ ଆଜି ବି ଅଞ୍ଚଳବାସୀଙ୍କ ମନରେ ଜୀବନ୍ତ ହୋଇ ରହିଛି। ଶୁକ୍ରବାର ତାଙ୍କର ୧୪ତମ ଶ୍ରାଦ୍ଧ ଦିବସ ପରିପ୍ରେକ୍ଷୀରେ ଧାମନଗରର ବିଭିନ୍ନ ସ୍ଥାନରେ ସ୍ମୃତିସଭା, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଦୀପଦାନ ଓ ଗରିବ ଲୋକଙ୍କୁ ସେବା ଯୋଗାଇଦେବା ଭଳି ବିବିଧ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଦଳମତ ନିର୍ବିଶେଷରେ ବିଭିନ୍ନ ବର୍ଗର ନେତୃବୃନ୍ଦ, ସମାଜସେବୀ ଓ ସ୍ଥାନୀୟ ଜନସାଧାରଣ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ଆଦର୍ଶ, ଉନ୍ନତିମୂଳକ ଚିନ୍ତାଧାରା ଓ ସେବା ମନୋଭାବକୁ ମନେ ପକାଉଛନ୍ତି।

# ରିଲିଫ୍ ବଣ୍ଟନକୁ ନେଇ ଗ୍ରାମବାସୀଙ୍କ ପାଲଟା ଅଭିଯୋଗ



ଅସୁରାଳି,୮।୧୦(ସମିସ): ଧାମନଗର ବ୍ଲକ୍ କାଶୀମପୁର ପଞ୍ଚାୟତରେ ବନ୍ୟାବିପନ୍ନଙ୍କୁ ରିଲିଫ୍ ଚାଉଳ ବଣ୍ଟନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ଜଟିଳ ରୂପ ନେଇଛି। ନୋଡାଲ ଅଫିସର (ଏଡିଓ) ପୂର୍ଣ୍ଣେନ୍ଦୁ କୁମାର ପାତ୍ର ଗ୍ରାମବାସୀଙ୍କ ବିରୁଦ୍ଧରେ ସରକାରୀ କାର୍ଯ୍ୟରେ ବାଧା, ଅସଦାଚରଣ ଓ ଫୋନ୍ ଛଡ଼ାଇନେବା ନେଇ ଧୂଷୁରୀ ଥାନାରେ ଏଫ୍‌ଆଇଆର୍ ଦେବା ପରେ, ଏବେ ଗ୍ରାମବାସୀମାନେ ଅଫିସରଙ୍କ ବିରୁଦ୍ଧରେ ପାଲଟା ଅଭିଯୋଗ ଆଣିଛନ୍ତି। ରିଲିଫ୍ ଚାଉଳ ବଣ୍ଟନରେ ବ୍ୟାପକ ଅନିୟମିତତା ଓ ଅସଲି ବନ୍ୟାବିପନ୍ନଙ୍କୁ ବଞ୍ଚିତ କରାଯାଉଥିବା ନେଇ ଗ୍ରାମବାସୀମାନେ ଗୁରୁତ୍ୱାରୋପ ଲଗାଇଛନ୍ତି। ଉଭୟ ପକ୍ଷରୁ ଅଭିଯୋଗ ଓ ପାଲଟା ଅଭିଯୋଗ ପରେ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିବାବେଳେ ପୁଲିସ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦାବି କରିଛନ୍ତି ଗ୍ରାମର ସାହସ୍ରାଧିକ ମହିଳା।

# ନବଜୀବନ ଫାଉଣ୍ଡେସନ ଓ ଜିଲ୍ଲା ରକ୍ତ ସଂଗଠନ ପକ୍ଷରୁ ଚାରା ରୋପଣ

ଆରଡ଼ି,୮।୧୦(ସମିସ): ଅଗ୍ରଣୀ ସେବା ସଂସ୍ଥା ନବଜୀବନ ଫାଉଣ୍ଡେସନ ଓ ଭଦ୍ରକ ଜିଲ୍ଲା ରକ୍ତ ସଂଗଠନ ପକ୍ଷରୁ ବୁଧବାର ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ନାନ୍ଦପୁର ଗ୍ରାମ ପଞ୍ଚାୟତର ନୃସିଂହନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ନାନ୍ଦପୁର ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ବନ୍ୟା ସମୟରେ ଏହି ସେବା ସଂସ୍ଥାଗୁଡ଼ିକ ଆରଡ଼ି ଅଞ୍ଚଳରେ ଭିନ୍ନ ଭିନ୍ନ ଗ୍ରାମରେ ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ମଧ୍ୟ ପ୍ରଦାନ କରିଥିଲେ। ବନ୍ୟାରେ ଉକ୍ତ ବିଦ୍ୟାଳୟରେ ଲାଗିଥିବା ଗଛଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବାରୁ ଉଭୟ ସଂସ୍ଥା ପକ୍ଷରୁ ଏହି ବିଦ୍ୟାଳୟକୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଧର ବାରିକ, ମଙ୍ଗୁଳି ଚରଣ ସେଠୀ, ଶିକ୍ଷକ ହୃଦାନନ୍ଦ ପତ୍ରି, ସମାଜସେବୀ ସ୍ୱଦେଶ ପଣ୍ଡା, ପୂର୍ବତନ ସରପଞ୍ଚ ପ୍ରସନ୍ନ ଯେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଦାଧର ନାୟକ, ଶିକ୍ଷା କମିଟି ସଭାପତି ପ୍ରଫୁଲ୍ଲ ପଣ୍ଡା, ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ସ୍ୱାଇଁ, ହିମାଂଶୁ ସାହୁ, ଚିତ୍ତରଞ୍ଜନ ମହାନ୍ତି, ଦୋଳଗୋବିନ୍ଦ ମଲ୍ଲିକଙ୍କ ସମେତ ସଙ୍ଘ ମୁଖ୍ୟ ମାନସ ରଞ୍ଜନ ସାହୁ ଓ ମିଥୁନ ଯେନା ଯୋଗଦେଇଥିବା ବେଳେ ଆଇନଜୀବୀ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଲୋକନାଥ ସୁତାର, ବଟକୃଷ୍ଣ ଯେନା, ଲକ୍ଷ୍ମୀପ୍ରିୟା ଦାସ, ରଶ୍ମିତା ଯେନା, ସୌମ୍ୟରଞ୍ଜନ ସାହୁ ଓ ସଙ୍ଘର ଉପଦେଷ୍ଟା ଦୀପ୍ତିରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ।

# ୪୫୦ ଲିଟର ମହୁଲି ମଦ ସହ କାର୍ ଜବତ, ଜଣେ ଗିରଫ

ଅସୁରାଳି,୮।୧୦(ସମିସ): ଭଦ୍ରକ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୪୫୦ ଲିଟର ପ୍ୟାକ୍ ମହୁଲି ମଦ ଓ ଏକ ଚାରିଚକିଆ ଯାନ ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକ ଜଣକ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବେଳଦା ଗ୍ରାମର ସିପୁ ଜେନା (୩୦)। ସୂଚନାନୁସାରେ, ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶ ଓ ଉପ ଅଧୀକ୍ଷକ ସୁଚରିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଭ୍ରାମ୍ୟମାଣ ଟିମ୍‌ର ଇନ୍ସପେକ୍ଟର ରାଜକିଶୋର ଜେନା, ସବ୍‌ଇନ୍ସପେକ୍ଟର ନଟବର ମଲ୍ଲିକ, କର୍ମଚାରୀ ମିଥୁନ ଜେନା, ଅଜୟ ଦାସ, ବିଭୂପ୍ରସାଦ ମଲ୍ଲିକ ଓ ଶୁଭ୍ରା ମିନି ଦାସ ପ୍ରମୁଖ ସଦଳବଳେ ଅର୍ଣ୍ଣପାଳ ଛକ-ବେଳଦା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ବୁଧବାର ଅପରାହ୍ଣରେ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ଏକ ସନ୍ଦିଗ୍ଧ କାର୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ କାର୍ ଭିତରୁ ୪୫୦ ଲିଟର ପ୍ୟାକ୍ ମହୁଲି ମଦ ଜବତ ହୋଇଥିଲା। ଏହି ଘଟଣାରେ ମଦ ସହ ଗାଡ଼ି ଚଳାଉଥିବା ସିପୁ ଜେନାଙ୍କୁ ଗିରଫ କରାଯିବା ସହ ବ୍ୟବହୃତ କାର୍‌ଟିକୁ ଜବତ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବେଆଇନ ଭାବେ ଟ୍ରିପ୍ ଟ୍ରିପ୍ ବାଲି ଗଚ୍ଛିତ

ବାରିକପୁର,୮।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବୈତରଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନ ସହିତ ପରିବହନ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ସ୍ଥାନୀୟ ଥାନା ଓ ଖଣି ବିଭାଗ ଯଦି କେତେବେଳେ ଅତ୍ୟଧିକ ଧରପଗଡ଼ କରୁଛନ୍ତି, ସେତେବେଳେ ମାଫିଆମାନେ କିଛିଦିନ ପାଇଁ ବାଲି ଚାଲାଣରୁ ନିବୃତ ରହୁଛନ୍ତି। ବିଭିନ୍ନ ସ୍ଥାନକୁ ଚାଲାଣ ବନ୍ଦ ରଖି ନଦୀରୁ ବାଲି ଆଣି ଗୁପ୍ତ ସ୍ଥାନରେ ଏହାକୁ ଗଚ୍ଛିତ ରଖୁଛନ୍ତି। ସୁବିଧାସୁଯୋଗ ଦେଖି ଗଚ୍ଛିତ ବାଲିକୁ ଚାଲାଣ କରୁଥିବା ଜଣାପଡ଼ିଛି। ଏଭଳି ଚିତ୍ର ନଦୀ କୂଳବର୍ତ୍ତୀ ଝୁଟଣା, ବନ୍ଦାଳ, ମଡ଼ିଆଳୀ, ବନସ୍ତା, ନେରଡା, ବାଲିପୋଖରୀ, ଜଗନ୍ନାଥ ପ୍ରସାଦ, ଆଖୁଆପଦା, ଦାଦେଶ୍ୱର, ରଘୁନାଥପୁରଠାରେ ଦେଖାଯାଇଛି। ଗାଁର ପାର୍ଶ୍ୱବର୍ତ୍ତୀ ବଣବୁଦା, କେନାଲ ରାସ୍ତା, ପୋଖରୀ ହୁଡ଼ା, ଗାଁ ସଂଲଗ୍ନ ତୋଟା ପାର୍ଶ୍ୱରେ ଏହି ବାଲି ଗଚ୍ଛିତ ରହୁଥିବା ଅଭିଯୋଗ ହୋଇଛି। ଦିନ ଦିନ ଧରି ବେଆଇନ ଭାବେ ଟ୍ରିପ୍ ଟ୍ରିପ୍ ବାଲି ଠୁଳ ହୋଇଥିବାବେଳେ ପ୍ରଶାସନ ଏ ବିଷୟରେ ସାମାନ୍ୟ ଟେର୍ ମଧ୍ୟ ପାଉନାହିଁ। ଏପଟେ ବାସଗୃହ ଓ ସରକାରୀ ରାସ୍ତା ନିର୍ମାଣ ପାଇଁ ଯଦି କେହି ବାଲି ପରିବହନ କରୁଛି ଏହା ଉପରେ ଚଢ଼ଉ ହେଉଛି। ସେ ଯାହା ବି ହେଉ ବର୍ଷ ବର୍ଷ ହେବ ସୈରାତ ନିଲାମ ନ ହେବା କାରଣରୁ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ବଢୁଥିବା କୁହାଯାଇଛି।

# ନାହିଁ ସୁରକ୍ଷା ବ୍ୟବସ୍ଥା: ଖୋଲାମେଲାରେ ବିଦ୍ୟୁତ୍ ଯୋଗାଣ



ବାରିକପୁର,୮।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ଅନେକ ସ୍ଥାନରେ ଅତି ବିପଦସଂକୁଳ ଭାବେ ବିଦ୍ୟୁତ୍ ଯୋଗାଣ ହେଉଥିବା ଜଣାଯାଇଛି। ଟାଟା କମ୍ପାନୀ ସହଭାଗିତାରେ ସଠିକ୍ ଭାବେ ଭିତ୍ତିଭୂମି ନିର୍ମାଣ ସହିତ ବିପଦମୁକ୍ତ ବିଦ୍ୟୁତ୍ ଯୋଗାଣ ବିଭାଗ ପାଇଁ ଏବେ ସମ୍ଭବ ହେଉନାହିଁ। ଅନେକ ଜାଗାରେ ବିପଦସଂକୁଳ ଭାବେ ଟ୍ରାନ୍ସଫର୍ମର ବସିଥିବାବେଳେ ଏହା ଚାରିପଟେ ଦୀର୍ଘଦିନ ହେବ ସୁରକ୍ଷା ପ୍ରାଚୀର ନିର୍ମାଣ ହେଉନାହିଁ। ଯାହାର ନିଚ୍ଛକ ଉଦାହରଣ ଦେଖିବାକୁ ମିଳିଛି ରହଣିଆ କଚେରୀ ସାହିଠାରେ। ଏଠାରେ ଗୁଳ୍ମଲତା ପରିବେଷ୍ଟିତ ଗ୍ରାମ୍ୟ ରାସ୍ତାକୁ ଲାଗି ୧୦୦ କେଭି ଟ୍ରାନ୍ସଫର୍ମର ସ୍ଥାପନ ହୋଇଛି। ଟ୍ରାନ୍ସଫର୍ମର ସଂଲଗ୍ନ କଟ୍‌ଆଉଟ୍ ବୋର୍ଡ ସମ୍ପୂର୍ଣ୍ଣ ଖୋଲାମେଲାରେ ରହିଛି। ଏହାଛଡ଼ା ଏଠି ସୁରକ୍ଷା ପ୍ରାଚୀର ମଧ୍ୟ ନିର୍ମାଣ ହୋଇନାହିଁ। ଖୋଲାମେଲା ହୋଇ ରହିଥିବା ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଭିତ୍ତିଭୂମି ନିକଟରେ ଗାଁର ଗୋରୁଗାଈମାନେ ଅନାୟଶରେ ଚାରଣ ଓ ଚଳପ୍ରଚଳ କରୁଛନ୍ତି। ବର୍ଷା ପାଣି କଟ୍‌ଆଉଟ୍ ଭିତରେ ଅନବରତ ପଡୁଥିବା ବେଳେ ସଂଯୋଗ ହୋଇଥିବା ତାରଗୁଡ଼ିକ ପାଣିରେ ଆଚ୍ଛାଦିତ ହୋଇଯାଉଛି। କେତେବେଳେ ଯେ କ’ଣ ଦୁର୍ଘଟଣା ଘଟିବ କିଛି କହିହେଉନାହିଁ। ୫୦ରୁ ଅଧିକ ପରିବାରକୁ ଏଥିରୁ ବିଦ୍ୟୁତ୍ ଯୋଗାଣ ହେଉଥିବା ବେଳେ ଭିତ୍ତିଭୂମିର ସୁରକ୍ଷା ନେଇ ବିଭାଗ ତତ୍ପରତା ପ୍ରକାଶ ନ କରିବା ପରିତାପର ବିଷୟ ପାଲଟିଛି। ଅନୁରୂପ ଭାବେ ପୁରସ୍ତମ୍ପୁର ଛକ ନିକଟ ପୂର୍ତ୍ତ ରାସ୍ତା ପାର୍ଶ୍ୱରେ ବିପଦପୂର୍ଣ୍ଣ ଭାବେ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ଯୋଗାଣ ହେଉଥିବା ଜଣାପଡ଼ିଛି। ତେଣୁ ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

### ଭଦ୍ରକରେ ହାଇବ୍ରିଡ୍ ମୋଡ୍‌ରେ ଜୋଶ୍ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

# ଟିବି ମୁକ୍ତ ପଞ୍ଚାୟତ ହାସଲ କରିଥିବା ୨୬ ସରପଞ୍ଚ ପୁରସ୍କୃତ

ଭଦ୍ରକ,୮।୧୦(ସମିସ)




ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଅଧୀନରେ ଜୋଶ୍ (ଜଏଣ୍ଟ ସ୍କ୍ୱାଡ୍ ଫର୍ ହେଲ୍‌ଥ ଜୋଶ୍) କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଗୁରୁବାର ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ହୋଇଛି। କେନ୍ଦ୍ରସ୍ତରରେ ଆୟୋଜିତ ଜାତୀୟ ଉଦ୍‌ଘାଟନ କାର୍ଯ୍ୟକ୍ରମ ସହ ଏହାକୁ ସଂଯୋଜିତ କରାଯାଇଥିଲା। ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନାଡ୍ଡା ନେତୃତ୍ୱ ନେଇଥିବାବେଳେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ତଥା ଯୁବ ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭିୟା ଉପସ୍ଥିତ ଥିଲେ। ଭଦ୍ରକରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ, ସରପଞ୍ଚ, ଏନ୍‌ସିସି କମାଣ୍ଡର, ମେରା ଯୁବ ଭାରତର ଯୁବ ସମନ୍ୱୟଙ୍କ ସମେତ ସିଡିଏମ୍‌ଓ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଏଡିପିଏଚ୍‌ଓ (ଡିସି), ଏଡିପିଏଚ୍‌ଓ (ଟିବି), ଏଡିପିଏଚ୍‌ଓ (ଲେପ୍ରୋସି) ଏବଂ ଏଡିପିଏଚ୍‌ଓ (ପରିବାର କଲ୍ୟାଣ) ଯୋଗଦେଇଥିଲେ। ଯକ୍ଷ୍ମା ନିରାକରଣ ଅଭିଯାନରେ ଯୁବଶକ୍ତିକୁ ସାମିଲ୍ କରି ସମୁଦାୟସ୍ତରରେ ସଚେତନତା ବୃଦ୍ଧି, ଯକ୍ଷ୍ମାର ଲକ୍ଷଣ ଚିହ୍ନଟ, ତ୍ୱରିତ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ସମାପ୍ତିକୁ ପ୍ରୋତ୍ସାହିତ କରିବା ଜୋଶ୍ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏହି ଅଭିଯାନରେ ଶ୍ରେଣୀ-୧ ଅଧିକାରୀ, ମେରା ଯୁବ ଭାରତ ସ୍ୱେଚ୍ଛାସେବୀ ଓ ଏନ୍‌ସିସି କ୍ୟାଡେଟ୍‌ମାନେ ମିଳିତ ଭାବେ କାର୍ଯ୍ୟ କରିବେ। ଏହି ଅବସରରେ ଜିଲ୍ଲାରେ ଟିବି ମୁକ୍ତ ପଞ୍ଚାୟତ ହାସଲ କରିଥିବା ୨୬ ଜଣ ସରପଞ୍ଚଙ୍କୁ ପୁରସ୍କୃତ କରାଯାଇଥିଲା। ଯକ୍ଷ୍ମା ମୁକ୍ତ ଭଦ୍ରକ ଗଠନ ପାଇଁ ସରକାରୀ ବ୍ୟବସ୍ଥା ସହ ସାଧାରଣ ଲୋକଙ୍କ ସକ୍ରିୟ ସହଯୋଗ ଓ ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ।

## ବିବାଦୀୟ ଜମିରେ ମୁଖ୍ୟମନ୍ତ୍ରୀ କୃଷି ଯୋଜନା

# ସରକାରୀ ସବ୍‌ସିଡି ହାତେଇବା ପାଇଁ କସରତ

ଆନନ୍ଦପୁର, ୮।୧୦ (ସମିସ)

ଆନନ୍ଦପୁର ବ୍ଲକ ଅନ୍ତର୍ଗତ କନ୍ତୋ ମୌଜାର ଏକ ବିବାଦୀୟ ଜମିରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆରମ୍ଭ କରି ସରକାରୀ ସବସିଡିକୁ ହାତେଇବା ପାଇଁ ହେଉଥିବା କସରତ ଏବେ ପଦାରେ ପଡିଯାଇଛି। ଜମିର ମାଲିକଙ୍କ ବଂଶଧାରାର ଅନ୍ୟ ଏକ ଅଂଶୀଦାରଙ୍କ ଅଗୋଚରରେ ଗତ ୨୦୨୨ରେ ଏହି ଜମି ବିକ୍ରି ହୋଇଥିଲା। ଏନେଇ ୨୦୨୩ରେ ଆନନ୍ଦପୁର ବିଚାର ବିଭାଗୀୟ କୋର୍ଟରେ ମୋକଦମା ଚାଲିଥିବା ବେଳେ ଏହି ଜମିକୁ ଦର୍ଶାଇ ସରକାରୀ ଅର୍ଥ ଲୁଟିନେବା ଯୋଜନା ଏବେ ଉଦ୍ୟାନ ବିଭାଗରେ ଖୋଳତାଡ଼ ଆରମ୍ଭ






ହୋଇଛି। ଜମି ମାଲିକଙ୍କ ଅଗୋଚରରେ ଜମିବିକ୍ରି ହୋଇଥିବାରୁ ଅଂଶୀଦାରଙ୍କ ସମେତ ୮ ଜଣଙ୍କୁ ଓକିଲ ନୋଟିସ ହେବା ଘଟଣାରେ ଉପନିବନ୍ଧକ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତାକୁ ପଦାରେ ପକାଇ ଦେଇଛି। ଆନନ୍ଦପୁର ତହସିଲ କନ୍ତୋ ମୌଜାର ଖାତା ନଂ ୧୬୨ରେ ୬ଟି ପ୍ଲଟରେ ୯ ଏକର ୪ ଡିସିମିଲ ଜମି ତାଙ୍କ ଅଗୋଚରରେ ସବ୍‌ରେଜିଷ୍ଟର କାର୍ଯ୍ୟାଳୟରେ ବିକ୍ରି କରିଦିଆଯାଇଛି। ଏନେଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର, କଟକ ରେଜିଷ୍ଟ୍ରାର, କେନ୍ଦୁଝର ଏଡିଏମ୍, ଆନନ୍ଦପୁର ଉପଜିଲ୍ଲାପାଳ, ତହସିଲଦାରଙ୍କୁ ଅବଗତ କରାଯାଇ ୧୫ ଦିନ ମଧ୍ୟରେ ବେଆଇନ ରେଜିଷ୍ଟ୍ରେସନକୁ ରଦ୍ଦ କରାଯିବାକୁ ଅଂଶୀଦାର ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି। ଆନନ୍ଦପୁର ଉଦ୍ୟାନ ଅଧିକାରୀ ମାସୁମ ମହାନ୍ତି ଏ ସମ୍ପର୍କରେ କହିଛନ୍ତି, ଏହି ଅଭିଯୋଗ ପାଇବା ପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସମସ୍ତ କାଗଜପତ୍ର ଯାଞ୍ଚ ପରେ ନିଷ୍ପତ୍ତି ନିଆଯିବ।

## ଡେରା ପକାଇଛନ୍ତି ୨୬ ହାତୀ

ତୁରୁମୁଙ୍ଗା, ୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ କଣ୍ଟିଆପଡା ନିକଟରେ ୨୬ ଟିକିଆ ହାତୀପଲ ଥିବାରୁ ସ୍ଥାନୀୟ ଲୋକେ ଭୟ ଓ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହି ହାତୀପଲ ଚମ୍ପୁଆ ରେଞ୍ଜରୁ ଆସି ପାଟଣା ରେଞ୍ଜକୁ ପ୍ରବେଶ କରିଥିଲେ। ହାତୀପଲ ରାତିସାରା ଅଞ୍ଚଳରେ ଏକର ଏକର ଧାନ ଫସଲ ନଷ୍ଟ କରି ଦିନବେଳା ସଦର ରେଞ୍ଜ ଅଞ୍ଚଳକୁ ଚାଲିଯାଉଥିଲେ। ଗୁରୁବାର ସନ୍ଧ୍ୟାରେ ଏହି ହାତୀପଲ କଣ୍ଟିଆପଡା ଗାଁ ନିକଟରେ ଡେରା ପକାଇଛନ୍ତି। ହାତୀପଲଙ୍କ ଉପଦ୍ରବ ଜାରି ରହୁଥିବା ବେଳେ ବନ ବିଭାଗ ନଜର ରଖିଛି।



## ଛତୁ ଗୋଟାଇବାକୁ ଯାଇ ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ବିଶୋଇ, ୮।୧୦(ସମିସ): ଛତୁ ଗୋଟାଇବା ପାଇଁ ଭୋରରୁ ଜଙ୍ଗଲକୁ ଯାଇ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ବିଶୋଇ ବ୍ଲକ ଖଡ଼ମବେଡା ପଞ୍ଚାୟତ ଅନ୍ତର୍ଗତ ଅର୍ଗଲବିନ୍ଧା ଗ୍ରାମର ରଲେ ସିଂଙ୍କ ପୁଅ ରବୀନ୍ଦ୍ର ସିଂ। ଗୁରୁବାର ଭୋର ସମୟରେ ରବୀନ୍ଦ୍ର ଗ୍ରାମ ନିକଟସ୍ଥ ବିଙ୍ଗବୁରୁ (ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲ)କୁ ଛତୁ ଗୋଟାଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ତାଙ୍କ ଦୁଇ ହାତରେ ଗଭୀର କ୍ଷତ ହୋଇଛଇ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପ୍ରଥମେ ବିଶୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳର ଭାରପ୍ରାପ୍ତ ଅଧିକାରୀ ଯଶୋବନ୍ତ ମହାକୁଡ଼ ଓ ବନପାଳ ପ୍ରଭାତ ମହାନ୍ତ ପ୍ରମୁଖ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ବାର୍‌ହା ମାଂସ ଜବତ

ତୁରୁମୁଙ୍ଗା, ୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତୋଣ୍ଡ ବିଟ୍ ଅନ୍ତର୍ଗତ ବଣମହୁଲଡିହା ଗ୍ରାମରେ ବୁଧବାର ସନ୍ଧ୍ୟାରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ରନ୍ଧା ବାରହା ମାଂସ ସହ କଞ୍ଚା ମାଂସ ଏବଂ ୯ଟି ବୋମା ଉଦ୍ଧାର କରିଛି। ଦୁଇ ସନ୍ଦିଗ୍ଧ ଶିକାରୀ ଫେରାର ହୋଇଯାଇଥିବା ବେଳେ ବଣମହୁଲଡିହା ଗ୍ରାମର ମଙ୍ଗଳ ମୁଣ୍ଡା ଓ ସାଧୁ ମୁଣ୍ଡାଙ୍କ ଘରେ ଏହି ଚଢ଼ଉ କରାଯାଇଥିଲା। ଫେରାର ଦୁଇ ଶିକାରୀଙ୍କୁ ଧରିବା ସହ ଆଉ କିଏ ସମ୍ପୃକ୍ତ ଅଛନ୍ତି ସେନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଥିବା ପାଟଣା ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧା କହିଛନ୍ତି। ପାଟଣା ବନପାଳ ନିରଞ୍ଜନ ସେଠୀ, ବନପାଳ ନିରଞ୍ଜନ ସେଠୀ ତୋଣ୍ଡ ବନରକ୍ଷୀ ରଞ୍ଜିତା ମହାନ୍ତଙ୍କ ସମେତ ବନ ବିଭାଗର ପାରା ଷ୍ଟାଫ୍ ଅଟଳ ସେଠୀ, କାର୍ତ୍ତିକ ମହାନ୍ତ, ରମା ମହାନ୍ତ, କୈଳାସ ମହାନ୍ତ ସାମିଲ ଥିଲେ।

## ଚେକ୍ ବାଉନ୍ସ ମାମଲା
## ଶିକ୍ଷକଙ୍କୁ ୬ ମାସ ଜେଲ୍, ୧୫ ଲକ୍ଷ ଜରିମାନା

ବାରିପଦା, ୮।୧୦(ସମିସ): ୧୪ ଲକ୍ଷ ଟଙ୍କାର ଚେକ୍ ବାଉନ୍ସ ମାମଲାରେ ବାରିପଦା ଏସ୍‌ଡିଜେଏମ୍ ଅଦାଲତ ଶୁଳିଆପଦା ହାଇସ୍କୁଲର ସହକାରୀ ଶିକ୍ଷକ ଚନ୍ଦନ କୁମାର ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ୬ ମାସ ଜେଲ୍ ଦଣ୍ଡ ସହ ୧୫ ଲକ୍ଷ ୨୬ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଅତିରିକ୍ତ ୨ ମାସ ଜେଲ୍ ଭୋଗିବାକୁ ପଡ଼ିବ। ଜଣେ ଅବସରପ୍ରାପ୍ତ କର୍ମଚାରୀ ଚନ୍ଦ୍ରଶେଖର ମହାପାତ୍ରଙ୍କଠାରୁ ଜମି କିଣିବା ଆଳରେ ଶ୍ରୀ ଜେନା ତାଙ୍କ ପେନସନ୍ ଅର୍ଥ ଧାର ନେଇଥିଲେ। ଟଙ୍କା ଫେରସ୍ତ ପାଇଁ ଦେଇଥିବା ୧୪ ଲକ୍ଷ ଟଙ୍କାର ଚେକ୍ ବ୍ୟାଙ୍କରେ ବାଉନ୍ସ ହେବା ଓ ବାରମ୍ବାର ନୋଟିସ୍ ସତ୍ତ୍ୱେ ଅର୍ଥ ପରିଶୋଧ ନ କରିବାରୁ ଏହି ମାମଲା ରୁଜୁ ହୋଇଥିଲା। ଏସ୍‌ଡିଜେଏମ୍ ଜୁଏଲ ପଟ୍ଟନାୟକ ପ୍ରମାଣ ଆଧାରରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

## ବେଆଇନ ମହୁଲପୋଚ ଓ ମଦ ନଷ୍ଟ

ତୁରୁମୁଙ୍ଗା, ୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଅବକାରୀ ବିଭାଗ ପକ୍ଷରୁ ବାଇଦବଜା ଅଞ୍ଚଳର ନାଳକୂଳରେ ମହୁଲି ମଦ ପ୍ରସ୍ତୁତ ସମୟରେ ଚଢ଼ଉ କରାଯାଇ ଲକ୍ଷାଧିକ ଟଙ୍କାର ମହୁଲ ପୋଚ ସହ ମହୁଲି ମଦକୁ ନଷ୍ଟ କରାଯାଇଛି। ମାଫିଆମାନେ ନଦୀକୂଳରେ ଗାତ ଖୋଳି ମହୁଲ ପୋଚକୁ ଲୁଚାଇ ରଖିଥିଲେ। ଅବକାରୀ ବିଭାଗ ପକ୍ଷରୁ ୩ ହଜାର କେଜି ପୋଚ ସହ ମହୁଲିମଦକୁ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ଦେଢ଼ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପାଟଣା ଅବକାରୀ ଅଧିକାରୀ ପଦ୍ମାବତୀ ମୁର୍ମୁ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ମାଫିଆ ଫେରାର ହୋଇଯାଇଥିବା ବେଳେ ରାସ୍ତାରେ କଣ୍ଟା ବିଛାଇଥିବାରୁ ଅବକାରୀ ବିଭାଗର ଗାଡିର ଚକ କଣା ହୋଇଯାଇଥିଲା। ପାଟଣା ଅବକାରୀ ଥାନାଧିକାରୀ ପଦ୍ମାବତୀ ମୁର୍ମୁ, ସୁନାରାମ ଟୁଡୁ, ସୁମନ୍ତ ବେହେରା ସାମିଲ ଥିଲେ।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ତେଲକୋଇ, ୮।୧୦(ସମିସ): ତେଲକୋଇ ବ୍ଲକର ଜଣେ ଆଦର୍ଶ ତଥା ଦକ୍ଷ ଗଣିତ ଶିକ୍ଷକ ଭଗବାନ୍ ପଟ୍ଟନାୟକଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତରାତିରେ ପରଲୋକ



ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ ଧାର୍ମିଳା ଦାସ ଓ ୩ଜଣ ଝିଅ ଏବଂ ଜ୍ୱାଇଁ ଉପସ୍ଥିତ ଥିଲେ। ମୃତ ଶରୀରକୁ ଏକ ଅମ୍ବୁଲାନ୍ସ ଯୋଗେ ତେଲକୋଇ ବାଳିକା ଉଚ୍ଚବିଦ୍ୟାଳୟକୁ ଅଣାଯାଇଥିଲା। ପ୍ରଧାନଶିକ୍ଷକ ଦିଲ୍ଲୀପ ପଇଦା, ଶିକ୍ଷକ ମନୋଜ ସାହୁ, ତନ୍ମୟ ରଞ୍ଜନ ସେଠୀ, ପ୍ରତାପଚନ୍ଦ୍ର ମହାନ୍ତ, ଶିକ୍ଷୟିତ୍ରୀ ବନ୍ଦନା ମୟୀ ସାହୁ, କୌଶଲ୍ୟା ଜେନା, ପ୍ରଭାତୀ ମହାନ୍ତ, ତେଲକୋଇ ବ୍ଲକ୍ ଓଷ୍ଟା ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ, ଉପସଭାପତି ଅକ୍ଷୟ ବାରିକ, ସୁଜାତା ନାୟକ, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ଅନିରୁଦ୍ଧ ବିଶ୍ୱାଳ, ଚନ୍ଦ୍ରଶେଖର ମହାନ୍ତ, ଅରବିନ୍ଦ ବିଶ୍ୱାଳ ଉପସ୍ଥିତ ଥିଲେ। ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସଭାପତି ବାବୁଲାଲ ପ୍ରଧାନ, ବିଶିଷ୍ଟ ଶିକ୍ଷାବିତ୍ ବାସୁଦେବ ମହାନ୍ତ, ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରଧାନ, ତେଲକୋଇ ବାଳିକା ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠାତା ସମାଜସେବୀ କୈଳାସଚନ୍ଦ୍ର ପ୍ରଧାନ, ବରିଷ୍ଠ ସାମ୍ବାଦିକ ବିରଞ୍ଚି ବେହେରା ଓ ଅନୁକୂଳ ବିଶ୍ୱାଳ ଶେଷ ଦର୍ଶନ କରିଥିଲେ।

## ମାମୁଘରକୁ ବୁଲିବାକୁ ଆସି ନାବାଳକ ମୃତ

ତୁରୁମୁଙ୍ଗା, ୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣାସ୍ଥିତ ମାମୁଘରକୁ ବୁଲିବାକୁ ଆସିଥିବା ନାବାଳକ(୧୪)ର ଗୁରୁବାର ମୃତ୍ୟୁ ଘଟିଛି। ବଡ଼ବିଲ ଥାନା ଅନ୍ତର୍ଗତ ବଡ଼ବିଲ ଗ୍ରାମର ରଞ୍ଜନ ମୁଖିଙ୍କ ୧୪ ବର୍ଷୀୟ ପୁଅ ଗଣେଶ ମୁଖି ପାଟଣା ମୁଖ୍ୟାଳୟ ନିକଟସ୍ଥ କାମେଶ୍ୱରପୁର ଗ୍ରାମରେ ଥିବା ତାଙ୍କ ଅଜା ଅଶୋକ କାରୁଆଙ୍କ ଘରକୁ ଆସିଥିଲେ। ଗତ କିଛି ଦିନ ହେବ ସେ ପ୍ରବଳ ଜ୍ୱରରେ ପୀଡ଼ିତ ଥିଲେ। ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ବିଳମ୍ବିତ ରାତିରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସାମ୍ବାଦିକଙ୍କ ମାତୃ ବିୟୋଗ

ଆନନ୍ଦପୁର, ୮।୧୦ (ସମିସ): ଆନନ୍ଦପୁର ପୌରାଞ୍ଚଳର ୪ ନଂ ୱାର୍ଡନିବାସୀ ସାମ୍ବାଦିକ ନିର୍ମଳଚନ୍ଦ୍ର ରାଉଳଙ୍କ ମା' ମନୋରମା ରାଉଳ (୭୬)ଙ୍କ



ଦେହାନ୍ତ ହୋଇଛି। ସ୍ୱର୍ଗତ ରାମଚନ୍ଦ୍ର ରାଉଳଙ୍କ ପତ୍ନୀ ମନୋରମା ନିଜ ବାସଭବନରେ ଚିକିତ୍ସାଧୀନ ଥିବା ବେଳେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କର ମୃତ୍ୟୁ ପରେ ପରିବାରର ସମେତ ସମସ୍ତ ବନ୍ଧୁ ଓ ପରିବାର ବର୍ଗ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ଚାରି ପୁଅ, ବୋହୂ, ଝିଅ ଓ ଜ୍ୱାଇଁଙ୍କ ସମେତ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ବୈତରଣୀ କୂଳ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ମଝିଆ ପୁଅ ବ୍ରହ୍ମାନନ୍ଦ ରାଉଳ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଆନନ୍ଦପୁର ଅଞ୍ଚଳ ସମେତ ଦଳେଇସାହିର ସମସ୍ତ ବାସିନ୍ଦା ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଶିବ ମନ୍ଦିରରୁ ଚୋରି

ରାଇରଙ୍ଗପୁର,୮।୧୦(ସମିସ): ବହଳଦା ଥାନା ଅନ୍ତର୍ଗତ ଶଶ ପଞ୍ଚାୟତର ଖେଜୁରୀଡାଣ୍ଡିସ୍ଥ ଶିବ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରରୁ ବିଭିନ୍ନ ପୂଜା ଉପକରଣ ସମେତ ପ୍ରାୟ ୨୦ ହଜାର ଟଙ୍କାର ସାମଗ୍ରୀ ଲୁଟି ନେଇଛନ୍ତି। ଗୁରୁବାର ସକାଳେ ଗ୍ରାମବାସୀ ମନ୍ଦିର ଦ୍ୱାର ଖୋଲିବା ବେଳକୁ ଚୋରି ହୋଇଥିବା ଜଣାପଡ଼ିଥିଲା। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବହଳଦା ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରାଯାଇଛି। ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## କପ୍ତିପଦା ଡିଗ୍ରୀ କଲେଜରେ ନବାଗତଙ୍କୁ ସ୍ୱାଗତ

କପ୍ତିପଦା,୮।୧୦(ସମିସ): ନୂଆସାହିସ୍ଥ କପ୍ତିପଦା ଡିଗ୍ରୀ ମହାବିଦ୍ୟାଳୟରେ +୩ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଆୟୋଜନ କରାଯାଇଥିଲା। ଅଧକ୍ଷା ଡ. ଲିପିକା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କଳା, ବାଣିଜ୍ୟ ଓ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇଥିବା ନବଗତଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରଛାତ୍ରୀ ସ୍ୱାଗତ ଜଣାଇଥିଲେ। ଉତ୍ସବରେ ସମସ୍ତ ବିଭାଗର ଅଧ୍ୟାପକ/ଅଧ୍ୟାପିକା ଉପସ୍ଥିତ ରହି ମହାବିଦ୍ୟାଳୟର ଅତୀତର ଖ୍ୟାତି ଓ ବିଭିନ୍ନ କ୍ଷେତ୍ରରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଯେଉଁ ଯଶ ଆଣିଛନ୍ତି ସେ ବିଷୟରେ ଆଲୋକପାତ କରିଥିଲେ। ନୂତନ ଭାବେ ଖୋଲିଥିବା ଏଇଡିପି ପାଠ୍ୟକ୍ରମର ଆକର୍ଷଣୀୟ ଦିଗ ସମ୍ପର୍କରେ ଅବଗତ କରାଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ମହୁଲଡିହା ଥାନାରେ ରକ୍ତଦାନ ଶିବିର

ମହୁଲଡିହା/ଠାକୁରମୁଣ୍ଡା, ୮।୧୦(ସମିସ): ରାଇରଙ୍ଗପୁର ପୁଲିସ ଜିଲ୍ଲା ଅଧୀନ ମହୁଲଡିହା ଥାନା ପକ୍ଷରୁ ଥାନା ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ସୁରେଶ ପାତ୍ର ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ।

ଶିବିରରେ ପ୍ରଥମ ରକ୍ତଦାତା ଭାବେ ମହୁଲଡିହା ଥାନା ଆଇଆଇସି ବିରେନ୍ଦ୍ର ରାଉତ ରକ୍ତଦାନ କରିଥିଲେ। ପରେ ଥାନାର ଅନ୍ୟ କର୍ମଚାରୀ, ବନ ବିଭାଗ କର୍ମଚାରୀ, ସ୍ଥାନୀୟ ସେବା ମନୋଭାବ ରଖୁଥିବା ବିଭିନ୍ନ ସଂସ୍ଥାନରେ କାର୍ଯ୍ୟରତ ଯୁବକ/ଯୁବତୀ ଓ ମହିଳାମାନେ ରକ୍ତଦାନ କରିଥିଲେ। ଶିବିରରେ ୪୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପୁଲିସ କର୍ମଚାରୀଙ୍କ ସହ ମହୁଲଡିହା ସରପଞ୍ଚ ଚମ୍ପାବତୀ ଟୁଡୁ, ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିର ଶେଷରେ ଥାନା ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମମତା ସାହୁ ଶିବିରକୁ ସଫଳ କରିଥିବାରୁ ଥାନା ଅଧିକାରୀ ଶ୍ରୀ ରାଉତ ଓ ସମସ୍ତ ରକ୍ତଦାତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୩ରେ ଉପଖଣ୍ଡସ୍ତରୀୟ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା

ରାଇରଙ୍ଗପୁର, ୮।୧୦(ସମିସ): ସେବା ସଂକଳ୍ପ ଅଭିଯାନ ଅବସରରେ ରାଇରଙ୍ଗପୁର ଅତିରିକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତାକୁ ନେଇ ଏକ ଉପଖଣ୍ଡସ୍ତରୀୟ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ୧୩ ତାରିଖ ପୂର୍ବାହ୍ନ ୧୧ଟାରେ ମହୁଲଡିହାସ୍ଥ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବାମନଘାଟୀ ଉପଖଣ୍ଡ ଅନ୍ତର୍ଗତ ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରତ୍ୟେକ ବିଦ୍ୟାଳୟରୁ ପ୍ରତି ପ୍ରତିଯୋଗିତା ନିମନ୍ତେ ଜଣେ ଲେଖାଏଁ (ସର୍ବାଧିକ ଦୁଇଜଣ) ଭାଗ ନେଇପାରିବେ। ବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ଫର୍ମ ପୂରଣ କରି ତାହାକୁ ସ୍ୱାକ୍ଷର ଓ ମୋହର ସହ ଏଡିଡିଏଲଆରଟିଓ ରାଇରଙ୍ଗପୁର ଆଟଡି ଯାହୋ ଡଟ୍ ଇନ୍ ଏୟୁସିଏଫ୍ ଜରିଆରେ ୧୨ ତାରିଖ ସୁଦ୍ଧା ପଠାଇବାକୁ କୁହାଯାଇଛି। ମନୋନୀତ ପ୍ରତିଯୋଗୀ ୧୩ ତାରିଖ ସକାଳ ୧୦ଟା ସୁଦ୍ଧା ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଏସ୍‌ୟୁସିଆଇର ପ୍ରତିବାଦ ସଭା

ଖୁଣ୍ଟିଂ/ଯଶିପୁର, ୮।୧୦(ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତି ବିରୋଧରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ଯଶିପୁରରେ ପ୍ରତିବାଦ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏସ୍‌ଆଇଆର୍ ପ୍ରକ୍ରିୟା ରଦ୍ଦ, ଭୋଟର ତାଲିକାରୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ପଡ଼ିଥିବା ୧୪ କୋଟି ଭୋଟରଙ୍କ ନାମ ପୁନଃସଂଯୋଗ, ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନ ବାତିଲ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରୁଟିପୂର୍ଣ୍ଣ ଓ ଅବୈଜ୍ଞାନିକ ପାଠ୍ୟପୁସ୍ତକ ପ୍ରତ୍ୟାହାର, ସରକାରୀ ବିଦ୍ୟାଳୟ ବନ୍ଦ ଓ ମିଶ୍ରଣ ପ୍ରକ୍ରିୟା ବାତିଲ ଆଦି ଦାବି କରାଯାଇଥିଲା। ଦଳୀୟ କର୍ମୀ ଓ ସମର୍ଥକ ବିଭିନ୍ନ ଦାବି ସମ୍ବଳିତ ସ୍ଲୋଗାନ ଦେଇ ଯଶିପୁର ବଜାର ପରିକ୍ରମା କରିଥିଲେ। ପରେ ପ୍ରତିବାଦ ସଭାରେ ଜିଲ୍ଲା କମିଟି ସଦସ୍ୟ ମନୋଜ ମହାନ୍ତ ସଭାପତିତ୍ୱ କରିଥିଲେ। ଅନ୍ୟତମ ଜିଲ୍ଲା କମିଟି ସଦସ୍ୟ ଲଳିତ ମହାନ୍ତ, ପ୍ରକାଶ ମଢ଼େଇ, ଦ୍ରୌପଦୀ ମହାନ୍ତ, ପ୍ରମୋଦ ମହାନ୍ତ ଓ ନୀଳାମ୍ବର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ସଂଗଠକ ସୁଶାନ୍ତ ମୁର୍ମୁ, କଲ୍ୟାଣ ନାଏକ ଓ ସଞ୍ଜୟ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


यूनियन बैंक ऑफ़ इंडिया | Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank.in, ମୋ.: ୯୬୬୮୩୭୬୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ **ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ** ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ **୨୮.୧୦.୨୦୨୬ରିଖ** ରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ** ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ଡୁବୁରୀ-୨ ଶାଖା, ସା: ଡୁବୁରୀ ଜଙ୍କସନ୍, ଜିଲ୍ଲା: ଯାଜପୁର, ମୋ.: ୮୭୨୦୯୮୮୪୧୦, ଇମେଲ: ubin0814113@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ମେସର୍ସ ଏସ୍.ଏମ୍. ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ୰ ଶଙ୍କର କୁମାର ଦାସ,** ପିତା: ଶ୍ରୀ ଗୋଲକ ବିହାରୀ ଦାସ / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀମତୀ ପ୍ରଭାତୀ ଦାସ,** ସ୍ୱାମୀ: ୰ ଶଙ୍କର କୁମାର ଦାସ, ଉଭୟଙ୍କ ଠିକଣା- ସା/ପୋ: ସୁକିନ୍ଦା, ଥାନା: ସୁକିନ୍ଦା, ଜଗନ୍ନାଥ ମନ୍ଦିର ନିକଟ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୮ | ଟ.୧୫,୮୩,୮୨୦.୪୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୧: ୰ ଶଙ୍କର କୁମାର ଦାସ,** ପିତା: ଶ୍ରୀ ଗୋଲକ ବିହାରୀ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୫୬୪/୧୧୪, ପ୍ଲଟ୍ ନଂ.: ୨୧୨୮/୩୧୩୧, କ୍ଷେତ୍ର: ଏକର୦.୧୨୦ଡିସିମିଲି, କିସମ: ଘରବାରି, ମୌଜା: ମାଧପୁର, ଥାନା: ସୁକିନ୍ଦା (ଥାନା ନଂ.-୧୦୩), ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ସତ୍ୟନାରାୟଣ ମହାପାତ୍ର, ପଶ୍ଚିମ: ନିଜସ୍ୱ ପ୍ଲଟ୍, ଉତ୍ତର: ରାସ୍ତା, ଦକ୍ଷିଣ: ବିକ୍ରେତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୩୦,୬୦,୦୦୦.୦୦ / ଅମାନତ ଜମା ରାଶି: ଟ.୩,୦୬,୦୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୩୦,୬୦୦.୦୦**

**ବରୁଆଁ ଶାଖା, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୯୪୪୯୦୦୮୨୫୨, ଇମେଲ: ubin0806633@unionbankofindia.bank**

| ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ମେସର୍ସ ମା ପ୍ୟାଢ଼ି ରାଇସ୍ ପ୍ରୋସେସିଙ୍ଗ ୟୁନିଟ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସରୋଜିନୀ ରାୟ,** ସ୍ୱାମୀ: ୰ ବ୍ରଜ କିଶୋର ରାୟ / **କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତାମାନେ: ୰ ବ୍ରଜ କିଶୋର ରାୟଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ କମଳା ରାୟ,** ୰ ବ୍ରଜକିଶୋର ରାୟଙ୍କ ମାତା, **୨) ଶ୍ରୀମତୀ ସରୋଜିନୀ ରାୟ,** ସ୍ୱାମୀ: ୰ ବ୍ରଜ କିଶୋର ରାୟ, **୩) ଶ୍ରୀ ସତ୍ୟବ୍ରତ ରାୟ,** ପିତା: ୰ ବ୍ରଜ କିଶୋର ରାୟ, **୪) ଶ୍ରୀ ସୁବ୍ରତ ରାୟ,** ପିତା: ୰ ବ୍ରଜ କିଶୋର ରାୟ, ସମସ୍ତଙ୍କ ଠିକଣା- ସା/ପୋ: ରୁଦ୍ରପୁର, ଭାୟା: ବ୍ରହ୍ମବରଦା, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୫ | ୧୨.୦୧.୨୦୨୬ ସୁଦ୍ଧା ଟ.୪,୧୨,୪୩୮.୭୮ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୨: ୰ ବ୍ରଜ କିଶୋର ରାୟଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଆଦି ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୨୨୦, ପ୍ଲଟ୍ ନଂ.: ୨୩୭୭, କ୍ଷେତ୍ର: ଏକର୦.୦୩ ଡିସିମିଲି (କ୍ଷେତ୍ର ଏକର୦.୦୫ଡିସିମିଲିରୁ), ପ୍ଲଟ୍ ନଂ.: ୩୬୪୨, କ୍ଷେତ୍ର: ଏକର୧.୦୭ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୧.୧୦ ଡିସିମିଲି,** ମୌଜା: ରୁଦ୍ରପୁର, ଏସ୍‌ଆରଓ: ବରୀ, ପୋ: ରୁଦ୍ରପୁର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଖାଲି ଜମି, ପୂର୍ବ: ଖାଲି ଜମି, ପଶ୍ଚିମ: ଶ୍ରୀ ବାରିକଙ୍କ ଗୃହ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୦,୬୨,୬୯୯.୭୫ / ଅମାନତ ଜମା: ଟ.୧,୦୬,୨୬୯.୯୭ / ବିଡ୍ ବୃଦ୍ଧି ରାଶି: ଟ.୧୦,୬୨୭.୦୦**

**ବାମିନିପାଳ ଶାଖା, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୭୯୭୯୦୬୪୯୧୦, ଇମେଲ: ubin0807541@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ସେଠୀ,** ପିତା: ଶ୍ରୀ କୁଳମଣି ସେଠୀ, ସା: ଆମ୍ପୋର, ପୋ: ଜଳସୁଆପାଟଣା, ଜିଲ୍ଲା: ଯାଜପୁର, ପିନ୍-୭୫୮୦୮୨ / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରତ୍ନାକର ମହାରଣା,** ସା.: ଟୋଲକାନୀ, ପୋ.: ଚିଟୀରି, ଜିଲ୍ଲା: ଯାଜପୁର, ପିନ୍-୭୫୮୦୮୨ | ଟ.୧୫,୩୯,୭୦୧.୮୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତିର ବିବରଣୀ-୩: ଶ୍ରୀ ଶ୍ରୀକାନ୍ତ ସେଠୀ,** ପିତା: ଶ୍ରୀ କୁଳମଣି ସେଠୀଙ୍କ ନାମରେ ଥିବା ଜମି ଯାହାର ଖାତା ନଂ.: ୪୮, ପ୍ଲଟ୍ ନଂ.: ୬୭୦, କ୍ଷେତ୍ର: ଏକର୦.୦୫୦ଡିସିମିଲି, କିସମ: ଘରବାରି, ମୌଜା: ଆମ୍ପୋର, ପୋ: ଜଳସୁଆପାଟଣା, ଥାନା: ଟମକା, ଥାନା ନଂ. ୬୭, ତହସିଲ: ଦାନଗଦି, ଜିଲ୍ଲା: କେନ୍ଦୁଝର, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: କୀର୍ତ୍ତନ ମହାପାତ୍ର, ପଶ୍ଚିମ: ପାଣ୍ଡୁ ସେଠୀ ଏବଂ ରାସ୍ତା, ଉତ୍ତର: କୀର୍ତ୍ତନ ମହାପାତ୍ର, ଦକ୍ଷିଣ: ପାଣ୍ଡୁ ସେଠୀ ଏବଂ ରାସ୍ତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୯,୪୧,୧୭୯.୫୦ / ଅମାନତ ଜମା ରାଶି: ଟ.୯୪,୧୧୮.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀମତୀ କଳ୍ପନା ସାହୁ,** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତ, ସା: ମଝିପାଳ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରାଜେନ୍ଦ୍ର କୁମାର ପଲେଇ,** ପିତା: ଜଟେଶ୍ୱର ପଲେଇ, ସା/ଗ୍ରାମ: କଳବଗପାଟିଆ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୯ | ୧୩.୧୧.୨୦୨୫ ସୁଦ୍ଧା ଟ.୭,୪୮,୮୮୪.୧୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୪: ଶ୍ରୀମତୀ କଳ୍ପନା ସାହୁ,** ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୧/୪, ପ୍ଲଟ୍ ନଂ.:୨୬୪, କ୍ଷେତ୍ର: ଏକର୦.୩୯ଡିସିମିଲି, କିସମ: ଘରବାରି, ମୌଜା: ମଝିପାଳ, ତହସିଲ: ଦାନଗଦି, ଥାନା: ଟମକା, ଜିଲ୍ଲା: ଯାଜପୁର, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: କୁଳମଣି ରାଉତ, ପଶ୍ଚିମ: ନଦୀ ବନ୍ଧ, ଉତ୍ତର: ରଙ୍ଗନାଥ ସାହୁ, ଦକ୍ଷିଣ: ଅନାବାଦୀ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୮,୭୮,୦୫୦.୦୦ / ଅମାନତ ଜମା ରାଶି: ଟ.୮୭,୮୦୫.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦**

**ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୯୯୧୦୧୧୦୬୯୬, ଇମେଲ: ubin0933562@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ମେସର୍ସ ମା ବୁଢ଼ୀ ଜାଗୁଲାଇ ଭେରାଇଟି ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସସ୍ମିତା ମିଶ୍ର / ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ମଧୁସୂଦନ ମହାରଣା,** ଉଭୟଙ୍କ ଠିକଣା- ସା: ନୂଆ, ପୋ: ଅନ୍ତରା, ଭାୟା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୧୩୪ | ଟ.୨୨,୨୬,୪୯୮.୭୮ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୫: ଶ୍ରୀ ମଧୁସୂଦନ ମହାରଣାଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୩୨୦, ପ୍ଲଟ୍ ନଂ.:୧୬୩୪, କ୍ଷେତ୍ର: ଏକର୦.୦୮୦ଡିସିମିଲି, ପ୍ଲଟ୍ ନଂ.: ୧୬୩୬, କ୍ଷେତ୍ର: ଏକର୦.୦୨୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୬୩୭, କ୍ଷେତ୍ର: ଏକର୦.୦୮୦ ଡିସିମିଲି, ମୌଜା: ନୂଆ, ଥାନା: ସିମୁଳିଆ, ତହସିଲ: ଖଇରା ନଂ. ୩୪୯, ଜିଲ୍ଲା: ବାଲେଶ୍ୱର, ସମୁଦାୟ କ୍ଷେତ୍ର: ଏକର୦.୧୮୦ ଡିସିମିଲି, **ପ୍ଲଟ୍ ନଂ. ୧୬୩୪**ର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୬୩୩, ଦକ୍ଷିଣ: ପ୍ଲଟ୍ ନଂ. ୧୮୪୪, ପୂର୍ବ: ପ୍ଲଟ୍ ନଂ. ୧୬୫୦, ପଶ୍ଚିମ: ରାସ୍ତା, **ପ୍ଲଟ୍ ନଂ. ୧୬୩୬ ଏବଂ ୧୬୩୭**ର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୬୩୧ ଏବଂ ପ୍ଲଟ୍ ନଂ. ୧୬୩୮, ଦକ୍ଷିଣ: ପ୍ଲଟ୍ ନଂ. ୧୬୩୩ ଏବଂ ପ୍ଲଟ୍ ନଂ. ୧୬୩୫, ପୂର୍ବ: ପ୍ଲଟ୍ ନଂ. ୧୬୪୦, ପଶ୍ଚିମ: ପ୍ଲଟ୍ ନଂ. ୧୬୩୧ ଏବଂ ପ୍ଲଟ୍ ନଂ. ୧୬୩୨
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୦,୯୩,୯୫୦.୦୦ / ଅମାନତ ଜମା: ଟ.୧,୦୯,୩୯୫.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୯୪୦.୦୦**

**ଯାଜପୁର ଟାଉନ୍-୨ ଶାଖା, ୟୁନିଟ୍-୮, ଜଗେଶ୍ୱରପୁର, ଜିଲ୍ଲା: ଯାଜପୁର, ପିନ୍-୭୫୫୦୦୧, ମୋ.: ୯୯୧୮୫୦୧୧୯୯, ଇମେଲ: ubin0828271@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀ ଭାବଗ୍ରାହୀ ପଣ୍ଡା,** ପିତା: କେଦାରନାଥ ପଣ୍ଡା / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ କେଦାରନାଥ ପଣ୍ଡା,** ପିତା: ଅନାମ ଚରଣ ପଣ୍ଡା, ଉଭୟଙ୍କ ଠିକଣା- ସା: କମାରସାହି, କଟିକଟା, ରାମବାଗ, ମାଂସଡାବିନ୍ଧା, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୪ | ୦୨.୦୨.୨୦୨୬ ସୁଦ୍ଧା ଟ.୪,୦୫,୬୫୮.୨୫ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୬: ଶ୍ରୀ କେଦାରନାଥ ପଣ୍ଡାଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୯, ପ୍ଲଟ୍ ନଂ.: ୨୦, କ୍ଷେତ୍ର: ଏକର୦.୦୬ ଡିସିମିଲି, ମୌଜା: ମାଂସଡାବିନ୍ଧା, ତହସିଲ: ଦଶରଥପୁର ଏବଂ ତହସିଲ ନଂ. ୨୩୧, ଥାନା: ଯାଜପୁର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଆଦିତ୍ୟ ପାଣିଗ୍ରାହୀ, ଦକ୍ଷିଣ: ବୈଷ୍ଣବ ପରିଡା ଏବଂ ରାସ୍ତା, ପଶ୍ଚିମ: ବିଷ୍ଣୁ ଚରଣ ପରିଡା ଏବଂ ଅନ୍ୟମାନେ, ପୂର୍ବ: ଆଦିତ୍ୟ ପାଣିଗ୍ରାହୀ
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୪,୨୬,୩୦୦.୦୦ / ଅମାନତ ଜମା ରାଶି: ଟ.୧,୪୨,୬୩୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୪,୨୬୩.୦୦**

**ଭଦ୍ରକ ମୁଖ୍ୟ ଶାଖା, ଜିଲ୍ଲା: ଭଦ୍ରକ, ଫୋନ୍ ନଂ.: ୭୬୮୪୯୧୪୪୫୩, ଇମେଲ: ubin0538591@unionbankofindia.bank**

| ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ମେସର୍ସ ଲିପିଲେଖା ଇଣ୍ଡଷ୍ଟ୍ରିଜ, ସ୍ୱତ୍ତ୍ୱାଧିକାରୀ: ଜୀମୂତ କୁମାର ମିତ୍ର,** ସାପୋ: କେନ୍ଦ୍ରାପଡା, ଜିଲ୍ଲା: କେନ୍ଦ୍ରପଡା, ଓଡ଼ିଶା, ପିନ୍-୭୫୪୨୧୧, **ଆଇନଗତ ଉତ୍ତରାଧିକାରୀମାନେ: ୧) ଜ୍ୟୋତ୍ସ୍ନାରାଣୀ ମିତ୍ର, ୨) ପ୍ରଦୀପ କୁମାର ମିତ୍ର, ୩) ସନ୍ଦୀପ କୁମାର ମିତ୍ର, ୪) ହେମଦୀପ କୁମାର ମିତ୍ର, ୫) କୁଲଦୀପ କୁମାର ମିତ୍ର, ୬) ଚିନ୍ମୟୀ ସେନ୍, ୭) ପୂର୍ଣ୍ଣଶ୍ରୀ ଦାସ, ୮) ଇତିଶ୍ରୀ ଦେ,** ସମସ୍ତଙ୍କ ବାସସ୍ଥାନ ଠିକଣା- ପୁରୁଷୋତ୍ତମ ବିହାର, ପିଏଚ୍‌ଡି କଲୋନୀ, ଗ୍ରାମ: ସାମରାଏପୁର, ପୋ/ଥାନା/ଜିଲ୍ଲା: ଭଦ୍ରକ | ୦୯.୦୬.୨୦୨୬ ସୁଦ୍ଧା ଟ.୯,୭୮,୩୯୫.୬୬ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୭: ମେସର୍ସ ଲିପିଲେଖା ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ଜୀମୂତ କୁମାର ମିତ୍ରଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୨୧/୭୯୨, ପ୍ଲଟ୍ ନଂ.: ୪୭୨/୩୩୮, ସମୁଦାୟ କ୍ଷେତ୍ର: ଏକର୦.୧୪୦ଡିସିମିଲି, ମୌଜା: ସାମରାଏପୁର, ଥାନା: ଭଦ୍ରକ (ନଂ.-୮୬), ତହସିଲ: ଭଦ୍ରକ (ନଂ.-୨୫୯), ଜିଲ୍ଲା: ଭଦ୍ରକ, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୨୪୫୯, ପଶ୍ଚିମ: ରାସ୍ତା, ଉତ୍ତର: ବନମାଳୀ ଦାସ, ଦକ୍ଷିଣ: କାଳନ୍ଦୀ ବେହେରା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୪୩,୨୫,୮୪୫.୫୦ / ଅମାନତ ଜମା ରାଶି: ଟ.୪,୩୨,୫୮୪.୫୫ / ବିଡ୍ ବୃଦ୍ଧି ରାଶି: ଟ.୪୩,୨୫୮.୦୦**

**ମଙ୍ଗଳପୁର ଶାଖା, ଖୁଲଣା ଭବନ ରୋଡ୍, କନିକାପଡ଼ା, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୧ ଫୋନ୍ ନଂ.: ୮୬୫୮୪୦୯୬୩୦, ଇମେଲ: ubin0573001@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| **ଋଣଗ୍ରହୀତା: ଶ୍ରୀମତୀ କବିତା ରାଣୀ ପଣ୍ଡା,** ସ୍ୱାମୀ: ରମେଶ ପ୍ରସାଦ ପଣ୍ଡା / **ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀ ରଘୁନାଥ ପଣ୍ଡା,** ପିତା: ବୀରଭଦ୍ର ପଣ୍ଡା, ଉଭୟଙ୍କ ଠିକଣା- ସା/ପୋ: ଦଶରଥପୁର, ଥାନା: ମଙ୍ଗଳପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୬ | ଟ.୧୦,୦୪,୫୦୦.୭୯ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

**ସମ୍ପତ୍ତି ନଂ.-୮: ଶ୍ରୀ ରଘୁନାଥ ପଣ୍ଡାଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୭୭୮, ଖାତା ନଂ.: ୧୦୬୭, ଅନୁରୂପ ସାବିକ ପ୍ଲଟ୍ ନଂ.: ୧୭୪୨, ଖାତା ନଂ.: ୩୧୪, କ୍ଷେତ୍ର: ଏକର୦.୨୫ ଡିସିମିଲି, ମୌଜା: ଦଶରଥପୁର, ଏସ୍‌ଆରଓ: ମଙ୍ଗଳପୁର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଶଙ୍କର୍ଷଣ ନାୟକ, ଦକ୍ଷିଣ: ରୁକ୍ମଣୀ ପାଣିଗ୍ରାହୀ, ପୂର୍ବ: ଅର୍ଜ୍ଜୁନି ପଣ୍ଡା, ପଶ୍ଚିମ: ଗ୍ରାମ୍ୟ ରାସ୍ତା
**ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୨,୦୩,୬୦୦.୦୦ / ଅମାନତ ଜମା: ଟ.୧,୨୦,୩୬୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୨,୦୩୬.୦୦**

**ଇ-ନିଲାମ ତାରିଖ ଏବଂ ସମୟ: ୨୮.୧୦.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com**

**ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ**

**ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.bank.in ଦେଖନ୍ତୁ।**

**ସ୍ଥାନ: ବାଲେଶ୍ୱର**
**ତାରିଖ: ୦୮.୧୦.୨୦୨୬**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# ନାନାଙ୍କୁ ନମନ



# ନାନା ପାଟେକର

## ୧୯୫୧-୨୦୨୬

ଭାରତୀୟ ସିନେମା ଜଗତର ସବୁଠାରୁ ପ୍ରଭାବଶାଳୀ ସ୍ୱର ଚିରକାଳ ପାଇଁ ନୀରବି ଯାଇଛି । ନିଜର ବିପ୍ଳବାତ୍ମକ ଅଭିନୟ, ସ୍ୱତନ୍ତ୍ର ସଂଳାପ ଶୈଳୀ ଏବଂ ସରଳ ମାନବିକତା ବଳରେ କୋଟି କୋଟି ଦର୍ଶକଙ୍କ ହୃଦୟରେ ରାଜ୍ କରିଥିବା ପ୍ରଖ୍ୟାତ ଅଭିନେତା ତଥା ମହାନ ସମାଜସେବୀ ନାନା ପାଟେକରଙ୍କର ଆଜି ୭୫ ବର୍ଷ ବୟସରେ ଗୋଆଠାରେ ପରଲୋକ ଘଟିଛି । 'ପରିନ୍ଦା'ର ଆନ୍ନା ହେଉ କି 'କ୍ରାନ୍ତିବୀର'ର ପ୍ରତାପ ତିଳକ କିମ୍ବା 'ୱେଲକମ୍'ର ଉଦୟ ଶେଟ୍ଟି ଭଳି ଭୂମିକା ମାଧ୍ୟମରେ ସେ ନିଜର ଅପ୍ରତିଦ୍ୱନ୍ଦ୍ୱୀ ସ୍ଥାନ ସୃଷ୍ଟି କରିଥିଲେ । କଳାଜଗତ ପ୍ରତି ତାଙ୍କର ଏହି ଅନନ୍ୟ ଅବଦାନ ପାଇଁ ତାଙ୍କୁ ତିନୋଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ସିନେମାର ଷ୍ଟାରଡମ୍ ମଧ୍ୟରେ ସୀମିତ ନ ରହି ସେ ବାସ୍ତବ ଜୀବନରେ ମଧ୍ୟ ହିରୋ ସାଜିଥିଲେ । ନିଜେ ଅତ୍ୟନ୍ତ ସରଳ ଜୀବନ ଜୀଇଁବା ସହ ମହାରାଷ୍ଟ୍ରର ମରୁଡ଼ି ପ୍ରଭାବିତ ଗରିବ ଚାଷୀମାନଙ୍କ କଲ୍ୟାଣ ପାଇଁ ସେ 'ନାମ ଫାଉଣ୍ଡେସନ' ମାଧ୍ୟମରେ ନିଜ ଜୀବନର ସର୍ବସ୍ୱ ଉତ୍ସର୍ଗ କରିଦେଇଥିଲେ । ତାଙ୍କର ଏହି ଆକସ୍ମିକ ବିୟୋଗ ବଲିଉଡ୍ ଏବଂ ମରାଠୀ ସିନେମା ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି । ନାନାଙ୍କ ବିୟୋଗରେ ସାରା ଦେଶ ତଥା ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି । ସିନେମା ଜଗତର ଏହି ଅନନ୍ୟ 'କ୍ରାନ୍ତିବୀର'ଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି 'ସକାଳ' ପରିବାର ପକ୍ଷରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।

## ବିଶ୍ୱନାଥ ପାଟେକରରୁ ନାନା ପାଟେକର

ବିଶ୍ୱନାଥ ପାଟେକର (ନାନା ପାଟେକର) ଏକ ସାଧାରଣ ପରିବାରରୁ ଆସି ନିଜର ପରିଶ୍ରମ ବଳରେ ଭାରତୀୟ ସିନେମା ଜଗତର ଜଣେ ମହାନ କଳାକାର ହୋଇପାରିଥିଲେ । ନାନା ଚକ୍‌ଲେଟ୍ ହିରୋ କିମ୍ବା ଷ୍ଟାଇଲିଶ୍ ଲୁକ୍‌ର ଚେହେରା ପାଇ ନ ଥିଲେ ସତ କିନ୍ତୁ ନିଜର ଅସାଧାରଣ ଅଭିନୟ ଶୈଳୀ, ଦମ୍‌ଦାର ସଂଳାପ ଏବଂ ଜୀବନ୍ତ ଅଭିନୟ ବଳରେ ସେ ଅଭିନୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ସେ ପ୍ରମାଣ କରିଦେଇଛନ୍ତି ଯେ, ସିନେମାରେ ସଫଳ ହେବା ପାଇଁ କେବଳ ସୁନ୍ଦର ଚେହେରା ନୁହେଁ, ବରଂ ପ୍ରତିଭାର ଆବଶ୍ୟକତା ସବୁଠାରୁ ଅଧିକ । ବଲିଉଡ୍ ଠାରୁ ମରାଠୀ ସିନେମା ପର୍ଯ୍ୟନ୍ତ ସବୁଥିରେ ସେ ତାଙ୍କ ଅଭିନୟର ଛାପ ଛାଡ଼ିଥିଲେ । ନାନାଙ୍କ ଜନ୍ମ ଜାନୁଆରୀ ୧, ୧୯୫୧ ରେ ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାର ମୁରୁଦ-ଜଞ୍ଜିରାରେ ହୋଇଥିଲା । ୧୯୭୮ ମସିହାରେ 'ଗମନ'ଚଳଚ୍ଚିତ୍ର ମାଧ୍ୟମରେ ସେ ହିନ୍ଦୀ ସିନେମାରେ ପାଦ ଥାପିଥିଲେ । ପ୍ରାରମ୍ଭରେ, ସେ ମରାଠୀ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ କାମ କରିଥିଲେ । ୧୯୮୯ ମସିହାରେ 'ପରିନ୍ଦା' ଚଳଚ୍ଚିତ୍ର ତାଙ୍କ କ୍ୟାରିୟରରେ ଏକ ପ୍ରମୁଖ ମୋଡ଼ ଦେଇଥିଲା । 'ପରିନ୍ଦା'ରେ ଜଣେ ମାନସିକ ବିକୃତ ଅଣ୍ଡରୱାର୍ଲଡ୍ ଡନ୍ 'ଆନ୍ନା' ଭୂମିକାରେ ତାଙ୍କର ଅଭିନୟ ତାଙ୍କୁ ବଡ଼ ସଫଳତା ଦେଇଥିଲା । ଏହାପରେ 'କ୍ରାନ୍ତିବୀର' ରେ ତାଙ୍କର ଦେଶପ୍ରେମୀ ଅଭିନୟ ତଥା ଦମ୍‌ଦାର୍ ଡାଇଲଗ୍ ତାଙ୍କୁ ବଲିଉଡ୍‌ର ସୁପରଷ୍ଟାର ପରିଚୟ ଦେଇଥିଲା । ତାଙ୍କର ସର୍ବୋତ୍ତମ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ 'ଅଙ୍କୁଶ', 'ପ୍ରତିଘାତ', 'ପ୍ରହାର', 'ତିରଙ୍ଗା', 'କ୍ରାନ୍ତିବୀର', 'ଖାମୋଶୀ: ଦି ମ୍ୟୁଜିକାଲ୍', 'ଅବ ତକ୍ ଛପ୍ପନ', 'ଅପରନ୍', 'ରାଜନୀତି', 'ୱେଲକମ୍' ଏବଂ 'ୱେଲକମ୍ ବ୍ୟାକ୍' ଆଦି ରହିଛି । ସିନେମା ଜଗତକୁ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ୨୦୧୩ରେ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ସେ ନିଜର ଦମଦାର୍ ଅଭିନୟ ପାଇଁ ୩ଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୫ଟି ଫିଲ୍ମଫେୟାର ପୁରସ୍କାର ଜିତିଥିଲେ ।

## ସଂଳାପର ସମ୍ରାଟ୍



ନାନା ପାଟେକର ଯେତେବେଳେ ପରଦାକୁ ଆସୁଥିଲେ, ତାଙ୍କ କହିବାର ସ୍ୱତନ୍ତ୍ର ଅନ୍ଦାଜ, ସ୍ୱରର ଗାମ୍ଭୀର୍ଯ୍ୟ ଏବଂ ଚେହେରାର ଆକ୍ରୋଶ ସିନେମା ହଲ୍‌ରେ କରତାଳିର ଝଡ଼ ସୃଷ୍ଟି କରୁଥିଲା । ତାଙ୍କର କିଛି ଏମିତି ଦମ୍‌ଦାର୍ ଡାଏଲଗ୍, ଯାହା ଆଜି ବି ପ୍ରତିଟି ସିନେପ୍ରେମୀଙ୍କ ମନରେ ସତେଜ ରହିଛି...

- "ଆ ଗୟେ ମେରୀ ମୌତ୍ କା ତମାସା ଦେଖ୍‌ନେ"(କ୍ରାନ୍ତିବୀର)
- "ୟେ ମୁସଲମାନ କା ଖୁନ୍, ୟେ ହିନ୍ଦୁ କା ଖୁନ୍..." ( କ୍ରାନ୍ତିବୀର)
- "ଏକ୍ ମଚ୍ଛର୍ ଆଦ୍‌ମୀ କୋ..."(ୟଶୱନ୍ତ)
- "ମରାଠା ମରତା ହୈ ୟା ମାରତା ହୈ "(ତିରଙ୍ଗା)
- "କଣ୍ଟ୍ରୋଲ୍ ଉଦୟ କଣ୍ଟ୍ରୋଲ୍..."(ୱେଲକମ୍)

## ନିରାଡ଼ମ୍ବର ଜୀବନ

ସିନେମା ଜଗତରେ ବଡ଼ ବଡ଼ ସୁପର୍‌ଷ୍ଟାର୍‌ମାନେ ଆଲିସାନ ବଙ୍ଗଳା ଓ ବ୍ରାଣ୍ଡେଡ୍ ଗାଡ଼ିର ଚମକରେ ରହୁଥିବାବେଳେ, ନାନା ଏକ ବ୍ୟତିକ୍ରମ ଥିଲେ । କୋଟି କୋଟି ଟଙ୍କାର ସମ୍ପତ୍ତି ଥାଇ ମଧ୍ୟ ମୁମ୍ବାଇରେ ସେ ଏକ ସାଧାରଣ ୱାନ୍ ବିଏଚ୍‌କେ ଫ୍ଲାଟ୍‌ରେ ନିଜ ମା'ଙ୍କ ସହ ରହୁଥିଲେ । ସେ ସବୁବେଳେ କହୁଥିଲେ ଯେ, "ମଣିଷକୁ ଶୋଇବା ପାଇଁ କେବଳ ଗୋଟିଏ ବିଛଣା ଦରକାର, ବଡ଼ ପ୍ରାସାଦ ନୁହେଁ ।"



## ଚାଷୀର ଚଳଣି ଓ ରୋଷେଇ ସଉକ

ଫିଲ୍ମ ଦୁନିଆର ଚାକଚକ୍ୟ ଓ ମହଙ୍ଗା ବ୍ରାଣ୍ଡେଡ୍ ପୋଷାକଠାରୁ ନାନା ସମ୍ପୂର୍ଣ୍ଣ ଦୂରେଇ ରହୁଥିଲେ । ସେ ସର୍ବଦା ଧଳା କୁର୍ତ୍ତା-ପାଇଜାମା କିମ୍ବା ଖଦି ସାର୍ଟ ଓ ଜିନ୍ସ ପିନ୍ଧିବାକୁ ପସନ୍ଦ କରୁଥିଲେ । ନାନା ପାଟେକର ରୋଷେଇ କରିବାକୁ ବହୁତ ଭଲ ପାଉଥିଲେ । ସେ ଏକ ସାକ୍ଷାତକାରରେ ମଜାରେ କହିଥିଲେ, "ମୁଁ ଜଣେ ଅଭିନେତା ଅପେକ୍ଷା ଜଣେ ଭଲ ରୋଷେୟା" । ଚଳଚ୍ଚିତ୍ର ସୁଟିଂ ସମୟରେ ସେ ପ୍ରାୟତଃ ନିଜେ ରୋଷେଇ କରି ସେଟ୍‌ର ସମସ୍ତ ସଦସ୍ୟଙ୍କୁ ଖୁଆଉଥିଲେ ।



## ଅଧୁରା ପ୍ରେମ

ନାନା ପାଟେକର ଯେତିକି ତାଙ୍କର ଦମ୍‌ଦାର୍ ଅଭିନୟ ଏବଂ ସମାଜସେବା ପାଇଁ ଜଣାଶୁଣା, ସେତିକି ତାଙ୍କର ବ୍ୟକ୍ତିଗତ ଜୀବନ ଓ ପ୍ରେମ ସମ୍ପର୍କକୁ ନେଇ ମଧ୍ୟ ଗଣମାଧ୍ୟମରେ ଚର୍ଚ୍ଚାରେ ରହିଛନ୍ତି । ପତ୍ନୀ ନୀଳକାନ୍ତି ପାଟେକରଙ୍କଠାରୁ ଅଲଗା ରହିବା ପରେ ବଲିଉଡ୍‌ର କିଛି ଅଭିନେତ୍ରୀଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ଚର୍ଚ୍ଚା ହୁଏ । ୧୯୯୬ ମସିହାରେ 'ଅଗ୍ନି ସାକ୍ଷୀ' ଏବଂ 'ଖାମୋଶୀ: ଦ ମ୍ୟୁଜିକାଲ୍' ଚଳଚ୍ଚିତ୍ରର ସୁଟିଂ ସମୟରେ ନାନା ଓ ଅଭିନେତ୍ରୀ ମନୀଷା କୋଇରାଲାଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା । ମନୀଷାଙ୍କ ପୋଷାକ ତଥା ଅନ୍ୟ ଅଭିନେତାଙ୍କ ସହ ଅନ୍ତରଙ୍ଗ ଦୃଶ୍ୟକୁ ନେଇ ନାନା ଆପତ୍ତି କରୁଥିଲେ । ଅନ୍ୟପକ୍ଷରେ ମନୀଷା ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ, ମାତ୍ର ନାନା ପୂର୍ବରୁ ବିବାହିତ ଥିବାରୁ ଏବଂ ନିଜ ପତ୍ନୀଙ୍କୁ ଆଇନଗତ ଛାଡ଼ପତ୍ର ଦେବାକୁ ମନା କରିବାରୁ ଦୁହିଁଙ୍କ ମଧ୍ୟରେ ଦୂରତା ବଢ଼ିଥିଲା । ନାନା ଏବଂ ମନୀଷାଙ୍କ ସମ୍ପର୍କ ଭାଙ୍ଗିବା ପଛରେ ସେ ସମୟର ଲୋକପ୍ରିୟ ଅଭିନେତ୍ରୀ ଆଏଶା ଜୁଲ୍‌କାଙ୍କ ନାମ ସାମ୍ନାକୁ ଆସିଥିଲା । କିଛି ରିପୋର୍ଟ ଅନୁଯାୟୀ, ୨୦୦୩ ମସିହାରେ 'ଆଞ୍ଚ' ଚଳଚ୍ଚିତ୍ର ସୁଟିଂ ସମୟରେ ନାନା ଓ ଆଏଶାଙ୍କ ମଧ୍ୟରେ ସମ୍ପର୍କ ଗଢ଼ିଉଠିଥିଲା । ଥରେ ମନୀଷା ଉଭୟଙ୍କୁ ଏକାଠି ଦେଖିବା ପରେ ଖୁବ୍ ରାଗିଯାଇଥିଲେ ଏବଂ ଏହି ଘଟଣା ପରେ ନାନାଙ୍କ ସହ ତାଙ୍କର ବ୍ରେକଅପ୍ ହୋଇଥିଲା । ନାନାଙ୍କ ପ୍ରେମ ଜୀବନ ଅନେକ ଉତ୍ଥାନ-ପତନ ଏବଂ ବିବାଦ ମଧ୍ୟ ଦେଇ ଗତି କରିଥିଲେ ସୁଦ୍ଧା ଏହି ସମ୍ପର୍କଗୁଡ଼ିକ କେବେ ବିବାହର ରୂପ ନେଇପାରି ନ ଥିଲା ।



## କାର୍ଗିଲ ଯୁଦ୍ଧରେ ଯୋଗଦାନ

କାର୍ଗିଲ ଯୁଦ୍ଧ ସମୟରେ ନାନା ଅଭିନୟ ଛାଡ଼ି ଦେଶ ପାଇଁ ଲଢ଼ିବାକୁ ତତ୍‌କାଳୀନ ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜ୍‌ଙ୍କଠାରୁ ବିଶେଷ ଅନୁମତି ଆଣିଥିଲେ । ସେ ଯୁଦ୍ଧ ସମୟରେ ପ୍ରାୟ ୬୦ ଦିନ ସୀମାରେ ସୈନିକମାନଙ୍କ ସହ କାଟିଥିଲେ । ସେ କୁପୱାଡା, ବାରାମୂଲା, ଦ୍ରାସ ଓ ସୋପୋର ଭଳି ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳରେ 'କ୍ୱିକ୍ ରିଆକ୍ସନ ଟିମ୍'ର ସଦସ୍ୟ ଭାବେ କାର୍ଯ୍ୟ କରିବା ସହ ସେନା ହସ୍ପିଟାଲରେ ମଧ୍ୟ ସାହାଯ୍ୟ କରିଥିଲେ ।

## ଆର୍ମିରେ ସେବା

ଅଭିନେତା ନାନା ପାଟେକର କେବଳ ଚଳଚ୍ଚିତ୍ର ପରଦାରେ ନୁହେଁ, ବରଂ ବାସ୍ତବ ଜୀବନରେ ମଧ୍ୟ ଭାରତୀୟ ସେନା ସହିତ ଗଭୀର ଭାବେ ଜଡ଼ିତ ଥିଲେ । ୧୯୯୧ ମସିହାରେ ମୁକ୍ତିଲାଭ କରିଥିବା ତାଙ୍କର ସୁପରହିଟ୍ ଫିଲ୍ମ 'ପ୍ରହାର: ଦ ଫାଇନାଲ ଆଟାକ' ରେ ଜଣେ ସେନା ଅଫିସର ଭୂମିକାରେ ଅଭିନୟ କରିବା ପାଇଁ ସେ 'ମରାଠା ଲାଇଟ୍ ଇନଫାଣ୍ଟ୍ରି' ସହିତ ପ୍ରାୟ ୩ ବର୍ଷ ଧରି କଠିନ ମିଲିଟାରୀ ଓ କମାଣ୍ଡୋ ଟ୍ରେନିଂ ନେଇଥିଲେ । ସେନା ପ୍ରତି ତାଙ୍କର ନିଷ୍ଠା ଦେଖି ୧୯୯୦ ମସିହାରେ ତାଙ୍କୁ ଭାରତୀୟ ସେନା ପକ୍ଷରୁ ସମ୍ମାନଜନକ କ୍ୟାପଟେନ୍ ପଦବୀ ଦିଆଯାଇଥିଲା ।





## ସଂଘର୍ଷପୂର୍ଣ୍ଣ ଜୀବନ

ନାନା ପାଟେକରଙ୍କ ଜନ୍ମ ମହାରାଷ୍ଟ୍ରର ଏକ ମଧ୍ୟବିତ୍ତ ପରିବାରରେ ହୋଇଥିଲା । ତାଙ୍କ ପିତା ଦିନକର ପାଟେକର ଜଣେ କପଡ଼ା ବ୍ୟବସାୟୀ ଥିଲେ ଏବଂ ମାତା ସଞ୍ଜନାବାଈ ପାଟେକର ଗୃହିଣୀ ଥିଲେ । ନାନାଙ୍କର ଅଶୋକ ପାଟେକର ଏବଂ ଦିଲୀପ ପାଟେକର ନାମକ ଦୁଇଜଣ ଭାଇ ଅଛନ୍ତି । ନାନାଙ୍କୁ ମାତ୍ର ୧୩ ବର୍ଷ ବୟସ ହୋଇଥିବା ସମୟରେ ତାଙ୍କ ପିତାଙ୍କ ବ୍ୟବସାୟରେ ବଡ଼ କ୍ଷତି ହୋଇଥିଲା । ଏହି କଠିନ ପରିସ୍ଥିତିରେ ପରିବାରକୁ ଆର୍ଥିକ ସାହାଯ୍ୟ କରିବା ଏବଂ ଦୁଇ ଓଳି ଖାଇବା ପାଇଁ ସେ ମାତ୍ର ୧୩ ବର୍ଷ ବୟସରୁ କାମ କରିବା ଆରମ୍ଭ କରିଦେଇଥିଲେ । ନାନା ୧୯୭୮ ମସିହାରେ ନୀଳକାନ୍ତି ପାଟେକରଙ୍କୁ ବିବାହ କରିଥିଲେ । ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ମନୋମାଳିନ୍ୟ ଯୋଗୁଁ ଦୁହେଁ ପରସ୍ପରଠାରୁ ଅଲଗା ରହିବାକୁ ନିଷ୍ପତ୍ତି ନେଇଥିଲେ । ନୀଳକାନ୍ତି ଓ ନାନା ଅଲଗା ରହୁଥିଲେ ମଧ୍ୟ ସେମାନେ ଆଇନଗତ ଭାବେ ଛାଡ଼ପତ୍ର ନେଇନଥିଲେ । ନାନା ଓ ନୀଳକାନ୍ତିଙ୍କର ଦୁଇଟି ପୁଅ- ଦୁର୍ବାସା ଓ ମଲ୍ହାର । ପ୍ରଥମ ପୁଅ ଦୁର୍ବାସା ମାତ୍ର ଦୁଇ ବର୍ଷର ହୋଇଥିବାବେଳେ ଆଖି ବୁଜିଦେଇଥିଲେ । ମଲ୍ହାର ପ୍ରଯୋଜନାକୁ କ୍ୟାରିୟର କରିଛନ୍ତି ।

## ନିଶବ୍ଦରେ ସମାଜସେବା

ନାନା ପାଟେକର କେବଳ ଜଣେ ମହାନ ଅଭିନେତା ନ ଥିଲେ, ବରଂ ଜଣେ ଅସାଧାରଣ ସମାଜସେବୀ ଥିଲେ । ସେ ତାଙ୍କ ରୋଜଗାରର ପ୍ରାୟ ୯୦% ଭାଗ ଗରିବ ଏବଂ ଚାଷୀମାନଙ୍କ କଲ୍ୟାଣ ପାଇଁ ଦାନ କରିଦେଉଥିଲେ । ମହାରାଷ୍ଟ୍ରର ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଚାଷୀମାନଙ୍କ ଆତ୍ମହତ୍ୟା ତାଙ୍କୁ ଗଭୀର ଆଘାତ ଦେଇଥିଲା । ସେଥିପାଇଁ ସେ ନିଜେ 'ନାମ ଫାଉଣ୍ଡେସନ' ଗଠନ କରିଥିଲେ । ଏହା ମାଧ୍ୟମରେ ସେ ନିଜେ ଗାଁ ଗାଁ ବୁଲି ଆତ୍ମହତ୍ୟା କରିଥିବା ଚାଷୀଙ୍କ ପରିବାରକୁ ଆର୍ଥିକ ସହାୟତା ପହଞ୍ଚାଉଥିଲେ । ତାଙ୍କ ଫାଉଣ୍ଡେସନ ମାଧ୍ୟମରେ ମରୁଡ଼ି ପ୍ରପୀଡ଼ିତ ଗାଁଗୁଡ଼ିକରେ ନଦୀର ପୁନରୁଦ୍ଧାର, କୂଅ ଖୋଳାଯିବା ଏବଂ ଚାଷୀଙ୍କ ପାଇଁ ଜଳସେଚନର ବ୍ୟବସ୍ଥା କରାଯାଇଥିଲା । କୌଣସି ପ୍ରଚାର ବା ପବ୍ଲିସିଟି ବିନା ସେ ଏହି ସବୁ କାମ କରୁଥିଲେ ।

"ନାନାଜୀଙ୍କ ସ୍ୱର, ଅଭିନୟର ତୀବ୍ରତା ଓ ପ୍ରତ୍ୟେକ ପ୍ରଦର୍ଶନରେ ଥିବା ସଚ୍ଚୋଟତା ତାଙ୍କୁ ସମସ୍ତଙ୍କଠାରୁ ସ୍ୱତନ୍ତ୍ର କରିଥିଲା । 'ୱେଲକମ୍' ଓ 'ହାଉସ୍‌ଫୁଲ୍ ୫' ରେ ତାଙ୍କ ସହ କାମ କରିଥିବା ସ୍ମୃତି ସବୁବେଳେ ମୋ ସହ ରହିବ । ନାନାଜୀ ସତରେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ।

**ଅକ୍ଷୟ କୁମାର**

ନାନା ଜଣେ ସରଳ ଓ ମାଟି ସହ ଯୋଡ଼ି ରହିଥିବା ମଣିଷ ଥିଲେ । ମରାଠୀ ହେଉ କି ହିନ୍ଦୀ-ସେ ଯେଉଁ ଚରିତ୍ରରେ ଅଭିନୟ କରୁଥିଲେ, ସେଥିରେ ଏକ ବାସ୍ତବତା ଆଣିଦେଉଥିଲେ । ତାଙ୍କ ଅଭିନୟରେ ଥିବା ସଚ୍ଚୋଟତା ସବୁବେଳେ ମନେ ରହିବ ।

**ସଚିନ ତେନ୍ଦୁଲକର**

ମୋ ପ୍ରିୟ ବନ୍ଧୁ ନାନାଜୀ ଆଉ ଆମ ମଧ୍ୟରେ ନାହାନ୍ତି । ଏହା ବିଶ୍ୱାସ କରିବା ମୋ ପାଇଁ କଷ୍ଟକର ।

**ରଜନୀକାନ୍ତ**

ମିସ୍ ୟୁ, ମୋ ପ୍ରିୟ ନାନାଜୀ । ଆମେ ଏକାଠି କାଟିଥିବା ସମୟ, କଥାବାର୍ତ୍ତା, ଯୁକ୍ତିତର୍କ, ଆପଣ ରାନ୍ଧିଥିବା ଖାଦ୍ୟ ଓ ଆପଣ ଦେଇଥିବା ଜ୍ଞାନକୁ ସବୁବେଳେ ସାଇତି ରଖିବି ।"

**ପ୍ରକାଶ ରାଜ**

# ବିନୁ ମଙ୍କଡ଼ ଟ୍ରଫିରୁ ଅରୁଣାଞ୍ଚଳ ଯୁବ ଖେଳାଳି ବଞ୍ଚିତ

ଇଟାନଗର, ୮।୧୦ (ଏଜେନ୍ସି): ବିସିସିଆଇ ପକ୍ଷରୁ ଆରମ୍ଭ ହୋଇଥିବା ଘରୋଇ କ୍ରିକେଟ ସିଜନରେ ଅରୁଣାଞ୍ଚଳର ଯୁବ ଖେଳାଳିମାନେ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ କ୍ରିକେଟ ବିନୁ ମଙ୍କଡ଼ ଟ୍ରଫିରେ ସିକିମ ସହ ଅରୁଣାଞ୍ଚଳର ମୁକାବିଲା ଭୁବନେଶ୍ୱର କିଟ୍ ଷ୍ଟାଡିୟମ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଏହି ମ୍ୟାଚ୍ ଲାଗି ଅରୁଣାଞ୍ଚଳ କୌଣସି ଟିମ୍ ପଠାଇ ନ ଥିଲା। ଯାହା ଫଳରେ ଯୁବ ଖେଳାଳିମାନେ ଏହି ମୁକାବିଲାରୁ ବଞ୍ଚିତ ହୋଇଛନ୍ତି। ନିକଟରେ ଅରୁଣାଞ୍ଚଳ ପ୍ରଦେଶ କ୍ରିକେଟ ସଂଘରେ ହୋଇଥିବା ଅନିୟମିତତା ନେଇ ଏକ ମକଦ୍ଦମା ଗୌହାଟୀ ହାଇକୋର୍ଟର ଇଟାନଗର ଶାଖାରେ ଚାଲିଛି। ଯାହା ଫଳରେ ବର୍ତ୍ତମାନ ସଂଘ କୌଣସି ଟିମ୍ ଚୟନ କରିପାରିବ ନାହିଁ ବୋଲି ହାଇକୋର୍ଟ ପକ୍ଷରୁ ବାରଣ କରାଯାଇଛି। ଯେଉଁଥି ପାଇଁ ଏଭଳି ସ୍ଥିତି ଉପୁଜିଛି। ଏ ସମ୍ପର୍କରେ ଆମେ ଅବଗତ ଅଛୁ ଓ ଖୁବ୍ ଶୀଘ୍ର ଏହାର ସମାଧାନ କରିବାକୁ ଚେଷ୍ଟା କରିବୁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି।

# ହୋପ୍ସ ଓ ହାଡିନ୍ ପଞ୍ଜାବ କୋଚ୍ ଦାୟିତ୍ୱ ଛାଡ଼ିଲେ

ମୋହାଲି, ୮।୧୦ (ଏଜେନ୍ସି): ଆଇପିଏଲ୍ ଟିମ୍ ପଞ୍ଜାବ କିଙ୍ଗ୍‌ର ବୋଲିଂ କୋଚ୍ ଜେମ୍ସ ହୋପ୍ସ ଓ ଫିଲ୍ଡିଂ କୋଚ୍ ବ୍ରାଡ ହାଡିନ୍ ସେମାନଙ୍କ ଦାୟିତ୍ୱରୁ ଓହରିଯାଇଛନ୍ତି। ଉଭୟ ଖେଳାଳି ଅଷ୍ଟ୍ରେଲିଆର ଓ ସେମାନେ ଘରୋଇ କ୍ରିକେଟରେ କୋଚିଂ ଦେବାର ସୁଯୋଗ ପାଇବା ପରେ ଆଇପିଏଲ୍ ଦାୟିତ୍ୱ ଛାଡିଦେଇଛନ୍ତି।



ଅଷ୍ଟ୍ରେଲିଆର ଘରୋଇ କ୍ରିକେଟ ଟିମ୍ କ୍ୱିନ୍ସଲାଣ୍ଡ ଓ ବିବିଏଲ୍ ଟିମ୍ ବ୍ରିସ୍‌ବେନ୍ ହିଟ୍ସର ହେଡ୍ କୋଚ୍ ଭାବେ ହୋପ୍ସ ନିଯୁକ୍ତ ହୋଇଛନ୍ତି। ସେହିପରି ହାଡିନଙ୍କୁ ନ୍ୟୁ ସାଉଥୱେଲ୍ସ ହେଡ କୋଚ ଦାୟିତ୍ୱ ମିଳିଛି। ଯାହା ଫଳରେ ସେମାନେ ନିଜ ଦେଶରେ କୋଚିଂ ଦେବା ଲାଗି ବିଦେଶର କୋଚିଂ ଦାୟିତ୍ୱ ଛାଡିଦେଇଛନ୍ତି। ସାଇରାଜ ବାହୁତୁଲେ ଭାରତର ସ୍ପିନ୍ ବୋଲିଂ କୋଚ୍ ଭାବେ ନିଯୁକ୍ତ ହେବା ପରେ ଏବେ ପଞ୍ଜାବ କିଙ୍ଗ୍‌ସର ୩ଜଣ କୋଚ୍ ପଦବୀ ଖାଲି ପଡ଼ିଛି।

# କୁଶାଲ ମେଣ୍ଡିସ୍‌ଙ୍କୁ ନେତୃତ୍ୱ

କଲମ୍ବୋ, ୮।୧୦ (ଏଜେନ୍ସି): କୁଶାଲ ମେଣ୍ଡିସ୍ ଶ୍ରୀଲଙ୍କାର ନୂଆ ଟେଷ୍ଟ ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି। ଟେଷ୍ଟ ଅଧିନାୟକ ଦାୟିତ୍ୱରୁ



ଧନଞ୍ଜୟ ଡି ସିଲଭା ଓହରିଯିବାରୁ ତାଙ୍କ ସ୍ଥାନରେ କୁଶାଲଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ନଭେମ୍ବର ମାସରେ ପାକିସ୍ତାନ ସହ ଶ୍ରୀଲଙ୍କା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ। ଏହି ସିରିଜ୍‌ରେ କୁଶାଲ ପ୍ରଥମଥର ଟେଷ୍ଟ ଦଳର ନେତୃତ୍ୱ ନେବେ। ଫେବୃଆରୀ ୨୦୨୪ରୁ ଅଗଷ୍ଟ ୨୦୨୬ ମଧ୍ୟରେ ଧନଞ୍ଜୟ ୧୮ଟି ଟେଷ୍ଟରେ ଶ୍ରୀଲଙ୍କାର ନେତୃତ୍ୱ ନେଇଥିଲେ। ଦଳ ବାରମ୍ବାର ବିଫଳ ହେବା ପରେ ତାଙ୍କୁ ନେତୃତ୍ୱରୁ ହଟିବାକୁ ପଡ଼ିଥିଲା। ଦିନିକିଆ ଦଳର ନେତୃତ୍ୱ ନେଉଥିବା କୁଶାଲ ମେଣ୍ଡିସ୍ ଏବେ ଦଳର ସର୍ବାଧିକ ଅଭିଜ୍ଞ ଖେଳାଳି ଭାବେ ଟେଷ୍ଟ ନେତୃତ୍ୱ ନେବାକୁ ମନୋନୀତ ହୋଇଛନ୍ତି। ଅଧିନାୟକ ପଦ ଛାଡିଥିଲେ ମଧ୍ୟ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଧନଞ୍ଜୟ ଉପଲବ୍ଧ ହେବେ ବୋଲି କୁହାଯାଉଛି।

■ ଫିଫା ର‌୍ୟାଙ୍କିଙ୍ଗ୍

# ପଞ୍ଚମକୁ ଉଠିଲା ପର୍ତ୍ତୁଗାଲ

ଜୁରିକ୍,୮।୧୦(ଏଜେନ୍ସି): ଫିଫା ପୁରୁଷ ବିଶ୍ୱ ର‌୍ୟାଙ୍କିଙ୍ଗ୍‌ରେ ପର୍ତ୍ତୁଗାଲର ଉନ୍ନତି ହୋଇଛି। ପର୍ତ୍ତୁଗାଲ ଦୁଇଟି ପାହାଚ ଉପରକୁ ଉଠି ପଞ୍ଚମ ସ୍ଥାନରେ ପହଞ୍ଚିଛି। ଫଳରେ ବ୍ରାଜିଲ ଷଷ୍ଠ ଓ ମୋରୋକ୍କୋ ସପ୍ତମ ସ୍ଥାନକୁ ଖସିଛନ୍ତି। ବିଶ୍ୱ ଚାମ୍ପିଅନ୍ ସ୍ପେନ୍ ଶୀର୍ଷସ୍ଥାନକୁ ଆହୁରି ମଜବୁତ କରିଛି। ୨୦୨୬ ବିଶ୍ୱକପ୍‌ର ରନର୍ସଅପ୍ ଆର୍ଜେଣ୍ଟିନା ଦ୍ୱିତୀୟ ଓ ଫ୍ରାନ୍ସ ତୃତୀୟ ସ୍ଥାନରେ ରହିଛି। ସ୍ପେନ୍ ଓ ଆର୍ଜେଣ୍ଟିନା ମଧ୍ୟରେ ପ୍ରାୟ ୪୦ ପଏଣ୍ଟର ତଫାତ ରହିଛି। ଟପ୍-୨୦ରେ ସ୍ୱିଜରଲ୍ୟାଣ୍ଡ ଦୁଇଟି ସ୍ଥାନ ଉନ୍ନତି କରି ୧୨ତମ ସ୍ଥାନକୁ ଉଠିଛି। ଜର୍ମାନୀ ୧୩ତମ ଓ କ୍ରୋଏସିଆ ୧୪ତମ ସ୍ଥାନରେ ରହିଛନ୍ତି। ଉଭୟ ପର୍ତ୍ତୁଗାଲ ଓ ସ୍ୱିଜରଲ୍ୟାଣ୍ଡ ନେସନ୍ସ ଲିଗ୍‌ରେ ଚାରିଟି ଲେଖାଏଁ ବିଜୟ ହାସଲ କରିଛନ୍ତି। ଟପ୍-୫୦ରେ ଗ୍ରୀସ୍ ୪୧ତମ, ମାଲି ୪୭ତମ ଓ ଦକ୍ଷିଣ ଆଫ୍ରିକା ୪୮ତମ ସ୍ଥାନରେ ରହିଛନ୍ତି। ମାଲି ଓ ଦକ୍ଷିଣ ଆଫ୍ରିକା ଛଅଟି ସ୍ଥାନ ଉପରକୁ ଉଠିଛନ୍ତି। ଆଫ୍ରିକା କପ୍ ଯୋଗ୍ୟତା ପର୍ଯ୍ୟାୟର ପରିଣାମ ସ୍ୱରୂପ ର‌୍ୟାଙ୍କିଙ୍ଗ୍‌ରେ ଏହି ପରିବର୍ତ୍ତନ ଆସିଛି। ଅପରପକ୍ଷରେ ଭାରତୀୟ ଦଳ ପୂର୍ବଭଳି ୧୩୮ତମ ସ୍ଥାନରେ ରହିଛି।

# ରାଞ୍ଚିରେ ଦ୍ୱିତୀୟ ଟି-୨୦ ଆଜି

# ସିରିଜ୍ ଅଗ୍ରଣୀ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ରାଞ୍ଚି, ୮।୧୦ (ଏଜେନ୍ସି)

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ସ୍ଥାନୀୟ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ମ୍ୟାଚ୍ ପୂର୍ବରୁ ଲକ୍ଷ୍ନୌରେ ଖେଳାଯାଇଥିବା ପ୍ରଥମ ଟି-୨୦କୁ ଭାରତ ୮ୱିକେଟରେ ଜିତି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ଏଠାରେ ମଧ୍ୟ ବିଜୟଧାରା ଜାରି ରଖି ଟିମ୍ ଇଣ୍ଡିଆ ସିରିଜ୍ ୨-୦ରେ ଅଗ୍ରଣୀ ନେବା ଲକ୍ଷ୍ୟରେ ରହିଛି। ବ୍ୟାଟିଂ ହେଉ କିମ୍ବା ବୋଲିଂ ଭାରତ ପ୍ରଥମ ଟି-୨୦ରେ ବେଶ ପ୍ରଭାବୀ ଖେଳ ପ୍ରଦର୍ଶନ କରିଛି। ଏହି ଦଳକୁ ଅଟକାଇବାକୁ ହେଲେ ୱେଷ୍ଟଇଣ୍ଡିଜ୍‌କୁ ତାହାର ଖେଳରେ ଯଥେଷ୍ଟ ଉନ୍ନତି ଆଣିବାକୁ ହେବ। ନଚେତ ଆୟର୍ଲାଣ୍ଡ ଓ ଇଂଲଣ୍ଡଠାରୁ ସିରିଜ୍ ହାରିବା ପରେ ଭାରତର କ୍ରମାଗତ ବିଜୟ ସଂଖ୍ୟା ୧୧ରେ ପହଞ୍ଚିବ।

ଜାପାନରେ ଅନୁଷ୍ଠିତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଶ୍ରେୟସ ଆୟରଙ୍କ ଟିମ୍ ଭାରତରେ ପହଞ୍ଚି ମାତ୍ର ୩ ଦିନରେ ଦମ୍‌ଦାର ଖେଳିଥିଲା। ନିଜେ ଆୟର ଅପରାଜିତ ଶତକ ହାସଲ କରିବା ସହ ୩୨ଟି ବଲ ଓ ୮ୱିକେଟ ବାକିଥାଇ ଭାରତକୁ ଜିତାଇଥିଲେ। ସମସ୍ତ ଫର୍ମାଟରେ ଶତକ ହାସଲ କରିବାରେ ମାତ୍ର ତୃତୀୟ ଖେଳାଳି ଭାବେ ଆୟର ଏବେ ଭଲ ଫର୍ମରେ ଅଛନ୍ତି। ସେ ରାଞ୍ଚିରେ ଏହାକୁ ପୁଣିଥରେ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଦଳର ୩ ଜଣ ପ୍ରମୁଖ ଟି-୨୦ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତ ଉନ୍ନତ ପ୍ରଦର୍ଶନ କରିଛି। ଯଶପ୍ରୀତ୍ ବୁମରା, ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀଙ୍କ ଅନୁପସ୍ଥିତି ଦଳର ପ୍ରଦର୍ଶନରେ କିଛି ପ୍ରଭାବ ପକାଇନାହିଁ। ଅକ୍ଷର ପଟେଲଙ୍କ ନେତୃତ୍ୱରେ ସ୍ପିନ୍ ବାହିନୀ ବେଶ ସୁନ୍ଦର ବୋଲିଂ କରୁଛି। ୱେଷ୍ଟଇଣ୍ଡିଜ୍ ଏହି ବୋଲିଂର ମୁକାବିଲା କରିବାକୁ ନିଶ୍ଚିତ କିଛି ଯୋଜନା କରିବାକୁ ପଡ଼ିବ। ପ୍ରଥମ ମ୍ୟାଚରେ ପେସ୍ ବୋଲର ମୟଙ୍କ ଯାଦବ ପ୍ରଭାବ ବିସ୍ତାର କରିପାରି ନାହାନ୍ତି। ତାଙ୍କ ସ୍ଥାନରେ ଫିଟ୍ ହୋଇଥିବା ପ୍ରିନ୍ସ ଯାଦବଙ୍କୁ ଦ୍ୱିତୀୟ ମ୍ୟାଚ୍‌ରେ ଖେଳିବା ସୁଯୋଗ ମିଳିପାରେ। ଏହା ବ୍ୟତୀତ ଦଳରେ ଅନ୍ୟ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା କମ୍। ଏହାର ଅର୍ଥ ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ସିରିଜ୍‌ରେ ଏତେ ଶୀଘ୍ର ସୁଯୋଗ ମିଳିବ ନାହିଁ।

ଅନ୍ୟ ପକ୍ଷରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ପ୍ରଥମ ମ୍ୟାଚ୍‌ରେ କେବଳ ଦୁଇଜଣ ବ୍ୟାଟର ଭଲ କରିଥିଲେ। ଅଧିନାୟକ ସାଇ ହୋପ୍ ଓ ଶେରଫାନ ରଦରଫୋର୍ଡ ଅର୍ଦ୍ଧଶତକ ହାସଲ କରିଥିଲେ। ଦଳର ବ୍ୟାଟିଂକୁ ମଜଭୁତ କରିବା ଲାଗି ଦିନିକିଆ ସିରିଜ୍‌ରେ ସଫଳତା ପାଇଥିବା ଅମିର ଜାଙ୍ଗୁଙ୍କୁ ଖେଳିବାର ସୁଯୋଗ ଦେଇପାରେ। ଦଳରେ କେବଳ ପଦାର୍ପଣକାରୀ କାମିଲ ପୂରନଙ୍କୁ ବାଦ୍ ଦେଲେ ଅନ୍ୟ କେହି ଦଳରେ ବଦଳିବାର ସମ୍ଭାବନା ନାହିଁ। ରାଞ୍ଚିର ଫ୍ଲଡ୍ ଲାଇଟ୍‌ରେ ନିୟମିତ ମ୍ୟାଚ୍ ଆୟୋଜିତ ହେଉନାହିଁ। ୨୦୨୩ରେ ଶେଷଥର ଏଠାରେ ମ୍ୟାଚ୍ ଖେଳାଯାଇଥିଲା। ସେହିପରି ଏଠାରେ ଖେଳାଯାଇଥିବା ଟି-୨୦ ମ୍ୟାଚ୍‌ରେ ଥରେମାତ୍ର ୨୦୦ ରନ୍ ସ୍କୋର ହୋଇଥିଲା।





ରାଞ୍ଚିରେ ପହଞ୍ଚିବା ପରେ ଇଶାନ କିଶାନ ଓ ସଞ୍ଜୁ ସାମ୍‌ସନ୍

**ସମ୍ଭାବ୍ୟ ଦଳ**

**ଭାରତ** - ଅଭିଷେକ ଶର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ଇଶାନ କିଶାନ, ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା, ଶିବମ ଦୁବେ, ନମନ ଧୀର, ଅକ୍ଷର ପଟେଲ, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ମୟଙ୍କ ଯାଦବ/ ପ୍ରିନ୍ସ ଯାଦବ।

**ୱେଷ୍ଟଇଣ୍ଡିଜ୍** - ସାଇ ହୋପ୍ (ଅଧିନାୟକ), କାମିଲ ପୂରନ/ ଆମିର ଜାଙ୍ଗୁ, ସିମରନ ହେଟମାୟର, ରୋଭମାନ ପାୱେଲ, ଶେରଫାନ ରଦରଫୋର୍ଡ, ରୋଷ୍ଟୋନ ଚେଜ୍, ରୋମାରିଓ ସେଫର୍ଡ, ମାଥ୍ୟୁ ଫୋର୍ଡ, ସାମର ସ୍ପ୍ରିଙ୍ଗର, ଆକିଲ ହୋସେନ, ସାମରା ଯୋଶେଫ।

**ଖେଳ ସମୟ- ରାତି ୭ଟା**
**ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ- ଜିଓ ହଟ୍‌ଷ୍ଟାର।**

# ମୁଖ୍ୟମନ୍ତ୍ରୀ ସାଇନିଙ୍କ ହେଲିକପ୍ଟର ଯୋଗୁଁ ଖେଳାଳିଙ୍କ ଅଭ୍ୟାସ ବାଧାପ୍ରାପ୍ତ



ଗୁରୁଗ୍ରାମ,୮।୧୦(ଏଜେନ୍ସି): ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କ ସରକାରୀ ହେଲିକପ୍ଟର ଗତ ୪ ଦିନ ଧରି ଗୁରୁଗ୍ରାମର ତାଉ ଦେବୀଲାଲ ଷ୍ଟାଡିୟମରେ ରହିଛି। ରବିବାରଠାରୁ ବୁଧବାର ପର୍ଯ୍ୟନ୍ତ ହେଲିକପ୍ଟରଟି ଷ୍ଟାଡିୟମରେ ରହିଥିଲା। ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ଆଥଲେଟିକ୍ସ ଟ୍ରାକ୍ ଓ ଭିତର ସିନ୍ଥେଟିକ୍ ଗ୍ରାଉଣ୍ଡକୁ ବନ୍ଦ ରଖାଯାଇଥିଲା। ଫଳରେ ପ୍ରତିଦିନ ଅଭ୍ୟାସ କରୁଥିବା ଶତାଧିକ ଖେଳାଳି ଅଭ୍ୟାସରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଭାବକ ଓ ପ୍ରଶିକ୍ଷକମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ହେଲିକପ୍ଟର ପାଇଁ ପୃଥକ ସ୍ଥାନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଷ୍ଟାଡିୟମକୁ ହେଲିକପ୍ଟର ଅବତରଣ ଓ ପାର୍କିଂ ପାଇଁ ବ୍ୟବହାର କରାଯିବା ନୂଆ ଘଟଣା ନୁହେଁ।

୨୦୨୦ରେ ମଧ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ହେଲିକପ୍ଟର ପାଇଁ ଷ୍ଟାଡିୟମରେ କ୍ରିକେଟ୍ ଅଭ୍ୟାସ ବନ୍ଦ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ମିଡିଆ ପରାମର୍ଶଦାତା ରାଜୀବ ଜୈଟଲୀ କହିଛନ୍ତି, ଯାନ୍ତ୍ରିକ ତ୍ରୁଟି ଯୋଗୁଁ ହେଲିକପ୍ଟରଟି ୪ ଦିନ ଧରି ସେଠାରେ ରହିଥିଲା। ସାଧାରଣତଃ ଏହା ଷ୍ଟାଡିୟମରେ ଅଧିକ ସମୟ ରହେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ସେମିରେ ମାନୁସ-ମାନବ

ବେଜିଂ, ୮।୧୦ (ଏଜେନ୍ସି): ଭାରତର ମାନୁସ ଶାହ ଓ ମାନବ ଠାକ୍କରଙ୍କ ଯୋଡି ଏଠାରେ ଚାଲିଥିବା ଡବ୍ଲ୍ୟୁଟିଟି ଚାଇନା ସ୍ମାଶ୍ ଟିଟି ଚାମ୍ପିଅନସିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାର ମାନୁସ-ମାନବଙ୍କ ଯୋଡି ୩-୦ ସେଟ୍‌ରେ ଚୀନ୍‌ର ଲିଆଙ୍ଗ ଜିଙ୍ଗକୁନ ଓ ଜିଆଙ୍ଗ ପେଙ୍ଗ୍‌ଙ୍କ ଯୋଡିକୁ ହରାଇ ସେମିକୁ ଉନ୍ନୀତ ହୋଇଥିଲେ। ସେମିଫାଇନାଲରେ ଏହି ଯୋଡିଙ୍କର ମୁକାବିଲା ଅନ୍ୟ ଏକ କ୍ୱାର୍ଟରଫାଇନାଲ ବିଜେତାଙ୍କ ସହ ହେବ। ଏହି କ୍ୱାର୍ଟରଫାଇନାଲଟି ସ୍ୱିଡେନର ଆଣ୍ଟନ କଲବର୍ଗ ଓ କ୍ରିଷ୍ଟିଆନ କାର୍ଲସନ ବନାମ ଦକ୍ଷିଣ କୋରିଆର ଲିମ୍ ଜଙ୍ଗହୁନ ଓ ଓ ଜୁନସୁଙ୍ଗଙ୍କ ଯୋଡି ମଧ୍ୟରେ ହେବ। ଏଠାରେ ଦ୍ୱିତୀୟ ସିଡ ମାନ୍ୟତା ପାଇଥିବା ଭାରତୀୟ ଯୋଡିଙ୍କୁ କ୍ୱାର୍ଟର ଫାଇନାଲ ମୁକାବିଲା ଜିତିବାକୁ ମାତ୍ର ୧୯ ମିନିଟ୍ ସମୟ ଲାଗିଥିଲା। ଅନ୍ୟ ପକ୍ଷରେ ମାନୁସ ଓ ଦିୟା ଚିତାଲେଙ୍କ ଯୋଡି ମିକ୍ସଡ ଡବଲ୍ସ ସେମିଫାଇନାଲରେ ଚାଇନିଜ ତାଇପେଙ୍କ ଯୋଡିଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

# ସିନ୍ଧୁ କ୍ୱାର୍ଟରରେ; ତନଭୀଙ୍କ ଅଭିଯାନ ଶେଷ

ହେଲସିଙ୍କି, ୮।୧୦ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଫିନଲାଣ୍ଡରେ ଚାଲିଥିବା ଆର୍କଟିକ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ସିନ୍ଧୁ ୨୧-୧୫, ୨୧-୧୫ ସିଧାସଳଖ ଗେମରେ ଜାପାନର ରିକୋ ଗୁଞ୍ଜିଙ୍କୁ ପରାସ୍ତ କରିଥିଲେ। ଷଷ୍ଠ ସିଡ୍ ମାନ୍ୟତା ସିନ୍ଧୁଙ୍କୁ ଏହି ମ୍ୟାଚ୍ ଜିତିବା ଲାଗି ମାତ୍ର ୪୯ ମିନିଟ୍ ସମୟ ଲାଗିଥିଲା। କ୍ୱାର୍ଟର ଫାଇନାଲରେ ସିନ୍ଧୁଙ୍କ ମୁକାବିଲା ଥାଇଲାଣ୍ଡର ରାଚାନୋକ ଇଣ୍ଟାନନଙ୍କୁ ଭେଟିବେ। ଟପ୍ ସିଡ୍ ଇଣ୍ଟାନନ ଅନ୍ୟ ଏକ ପ୍ରି-କ୍ୱାର୍ଟରରେ ୨୧-୧୮, ୨୧-୭ ଗେମରେ ଭାରତୀୟ ସଟଲର୍ ତନଭୀ ଶର୍ମାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଇଣ୍ଟାନନଙ୍କ ବିପକ୍ଷରେ ମଧ୍ୟ ସିନ୍ଧୁଙ୍କ ରେକର୍ଡ ମଧ୍ୟ ନୈରାଶ୍ୟଜନକ ରହିଛି। ସିନ୍ଧୁ ଓ ଇଣ୍ଟାନନ ମୋଟ୍ ଉପରେ ୧୪ଥର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଇଣ୍ଟାନନ ୧୦ଥର ଓ ସିନ୍ଧୁ ୪ଥର ବିଜୟୀ ହୋଇଛନ୍ତି।



# ରଣଜୀ ଟ୍ରଫି: ଓଡ଼ିଶା ଦଳର ଅହମ୍ମଦାବାଦ ଗସ୍ତ

ଭୁବନେଶ୍ୱର, ୮।୧୦ (ସମିସ): ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠାରୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ଆଗାମୀ ୯୨ତମ ସଂସ୍କରଣ ଅକ୍ଟୋବର ୧୧ (ରବିବାର)ରୁ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ଗୁରୁବାର ଅହମ୍ମଦାବାଦ ଅଭିମୁଖେ ଯାତ୍ରା କରିଛି। ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ଘରୋଇ ଗୁଜରାଟ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ।

ଭାରତର ସର୍ବାଧିକ ଦର୍ଶକ କ୍ଷମତାବିଶିଷ୍ଟ ଷ୍ଟାଡିୟମ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଏଥିଲାଗି ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ୧୭ ଜଣିଆ ଓଡ଼ିଶା ଦଳ ନିକଟରେ ଘୋଷଣା କରାଯାଇଥିଲା। ଗତ ସିଜନରେ ପ୍ରଭାବୀ ପ୍ରଦର୍ଶନ କରିଥିବା ବିପ୍ଳବ ସାମନ୍ତରାୟଙ୍କୁ ଏଥର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଘୋଷିତ ଦଳରେ ସ୍ଥାନ ମିଳିନାହିଁ। ତେଣୁ ଜଣେ ଦକ୍ଷ ଓ ଅଭିଜ୍ଞ ଅଲରାଉଣ୍ଡରଙ୍କ ବିନା ଯୁବ ଖେଳାଳି କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅପରପକ୍ଷରେ ମୁଖ୍ୟ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଭଞ୍ଜନ ମଲ୍ଲିକଙ୍କ ପାଇଁ ମଧ୍ୟ ଏହା ପ୍ରଥମ ପରୀକ୍ଷା ହେବାକୁ ଯାଉଛି।



**ଓଡ଼ିଶା ଦଳ**: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ, ଓମ୍ ଟି ମୁଣ୍ଡେ, ଗୌରବ ଚୌଧୁରୀ, ଶ୍ରେୟାଂଶ ଭରଦ୍ୱାଜ, ସନ୍ଦୀପ ପଟ୍ଟନାୟକ, ଶାନ୍ତନୁ ମିଶ୍ର, ଆଶୀର୍ବାଦ ସ୍ୱାଇଁ, ଦୀନେଶ ମାଝୀ (ଉଭୟ ୱିକେଟକିପର), ନିନାଦ ରାଓଭ, ଲଳିତ ଯାଦବ, ରାଜେଶ ମହାନ୍ତି, ପ୍ରଶାନ୍ତ ରଣା, ସୌମ୍ୟ ଲେଙ୍କା, ସମ୍ବିତ ବେଜ, ସୟଦ ତୁଫେଲ ଅହମ୍ମଦ ଓ ବାଦଲ ବିଶ୍ୱାଳ। ମୁଖ୍ୟକୋଚ୍-ପ୍ରଭଞ୍ଜନ ମଲ୍ଲିକ।

# ହକି ଇଣ୍ଡିଆ ଲିଗ୍‌କୁ ନେଇ ଅନିଶ୍ଚିତତା: ସମାଧାନ ପାଇଁ ଭିନୀଲ କ୍ରିଷ୍ଣାଙ୍କ ନେତୃତ୍ୱରେ କମିଟି ଗଠିତ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି)

ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ)କୁ ନେଇ ଅନିଶ୍ଚିତତା ଜାରି ରହିଛି। ଏଭଳି ସମୟରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଏକ ବଡ଼ ନିଷ୍ପତ୍ତି ନେଇଛି। ଏଚଆଇଏଲ୍‌କୁ ଜାରି ରଖିବା ସହ ଗଭର୍ନାନ୍ସ ଷ୍ଟ୍ରକଚର ଓ ଆଗକୁ ବଢ଼ିବା ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ଏକ ୭ଜଣିଆ କମିଟି ଗଠନ କରିଛି। ଓଡ଼ିଶାର ପୂର୍ବତନ କ୍ରୀଡ଼ା ସଚିବ ତଥା ବର୍ତ୍ତମାନ ଖେଲୋ ଇଣ୍ଡିଆ'ର ଯୁଗ୍ମ ସଚିବ ଥିବା ଆର. ଭିନୀଲ କ୍ରିଷ୍ଣାଙ୍କୁ ଏହି କମିଟିର ଅଧ୍ୟକ୍ଷ ରଖାଯାଇଛି। ସରକାରଙ୍କ ପ୍ରତିନିଧି ଭାବରେ ଭିନୀଲଙ୍କ ନେତୃତ୍ୱରେ ଏହି କମିଟିରେ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ସମ୍ପାଦକ ଭୋଳାନାଥ ସିଂହ ଏବଂ କୋଷାଧ୍ୟକ୍ଷ ସେକର ଜେ. ମନୋହରନଙ୍କୁ ସାମିଲ କରାଯାଇଛି। ସେହିଭଳି ଏଚଆଇଏଲ୍ ଫ୍ରାଞ୍ଚାଇଜ୍ ମଧ୍ୟରୁ ନାମିତ ତିନିଜଣ ପ୍ରତିନିଧିଙ୍କୁ ମଧ୍ୟ ଏହି କମିଟିରେ ରଖାଯାଇଛି। ସେମାନେ ହେଲେ ଜେଏସଡବ୍ଲ୍ୟୁ ସ୍ପୋର୍ଟ୍ସର ସିଇଓ ଦିବ୍ୟାଂଶୁ ସିଂହ, ଏସଜି ପାଇପର୍ସର ସିଇଓ ମହେଶ ଭୂପତି ଏବଂ ହାଇଦ୍ରାବାଦ ତୁଫାନ୍ସର ମାଲିକ ଆଲୋକ ସାଂଘି।



ଏଚଆଇଏଲ୍‌ରେ ଲାଗି ରହିଥିବା ଅଚଳାବସ୍ଥା ଏବଂ ଅନିଶ୍ଚିତତାର ସମାଧାନ ଖୋଜିବା ସହ ଲିଗ୍ ପାଇଁ ଶାସନ ଏବଂ ଆର୍ଥିକ ମଡେଲ ପ୍ରସ୍ତୁତ କରିବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତିର୍କୀ ଏବଂ ଭୋଳାନାଥ ସମେତ ଅନ୍ୟ ଏଚଆଇ ଅଧିକାରୀଙ୍କ ଭିତରେ ବଢୁଥିବା ବିବାଦ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି।

# ହାଓ'କୁ ହକି ଇଣ୍ଡିଆର କାରଣ ଦର୍ଶାଅ ନୋଟିସ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ପ୍ରଶାସନିକ କାର୍ଯ୍ୟରେ ଗୁରୁତର ତ୍ରୁଟି ଅଭିଯୋଗରେ ହକି ଆସୋସିଏସନ ଅଫ୍ ଓଡ଼ିଶା (ହାଓ)କୁ ହକି ଇଣ୍ଡିଆ ପକ୍ଷରୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହାର ମାନ୍ୟତାକୁ 'ସ୍ଥାୟୀ ସଦସ୍ୟ'ରୁ 'ସହଯୋଗୀ ସଦସ୍ୟ'କୁ ହ୍ରାସ କରିବା ପାଇଁ ଏହି ନୋଟିସରେ ପ୍ରସ୍ତାବ ଦିଆଯାଇଛି। ଭୋଟର ତାଲିକା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଜଣେ ନିର୍ବାଚନ ଅଧିକାରୀ ଆପତ୍ତି ଉଠାଇବା ପରେ ଅକ୍ଟୋବର ୩ରେ ହେବାକୁ ଥିବା ହାଓ'ର ନିର୍ବାଚନ ସ୍ଥଗିତ ରଖାଯାଥିଲା। ଏହାପରେ ଅକ୍ଟୋବର ୬ରେ ଅନୁଷ୍ଠିତ ହକି ଇଣ୍ଡିଆର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ନିଆଯାଇଥିବା ନିଷ୍ପତ୍ତି କ୍ରମେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଆଠଟି ମୁଖ୍ୟ କାରଣ ଦର୍ଶାଇଛି। ଯେଉଁଥିରେ ହାଓ ଅଧୀନରେ ଥିବା ୩୦ଟି ଜିଲ୍ଲା ଶାଖାରେ ନିୟମରେ ଘୋର ଉଲ୍ଲଙ୍ଘନ ହୋଇଥିବା ନେଇ ଗୁରୁତ୍ୱ ଦିଆଯାଇଛି। ବିଶେଷ ଭାବରେ ପ୍ରତ୍ୟେକ ଜିଲ୍ଲାରେ ସଭାପତି ଓ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ନିର୍ବାଚିତ ପ୍ରତିନିଧିଙ୍କ ବଦଳରେ ଜିଲ୍ଲାପାଳ ଏବଂ ଉପ-ଜିଲ୍ଲାପାଳଙ୍କ ଭଳି ପ୍ରଶାସନିକ ଅଧିକାରୀମାନେ ପଦାଧିକାରୀ ଭାବେ ସମ୍ଭାଳୁଛନ୍ତି। ଏହା ବ୍ୟତୀତ କେବେ ନିର୍ବାଚନ ହୋଇଥିଲା ତାର ପ୍ରମାଣ ସ୍ୱରୂପ କୌଣସି ରେକର୍ଡ ୩୦ଟି ଜିଲ୍ଲା ସଂସ୍ଥା ମଧ୍ୟରୁ କେହି ଦେଖାଇପାରି ନାହାନ୍ତି। ବୈଧ ନିର୍ବାଚନ ରେକର୍ଡ ଏବଂ କାଗଜପତ୍ର ଦାଖଲ କରିବା ପାଇଁ ହାଓକୁ ଦୁଇ ସପ୍ତାହ ସମୟ ଦିଆଯାଇଛି।

# ଏସିଆନ ଚାମ୍ପିଅନ୍ସ ଟ୍ରଫିରୁ ପାକିସ୍ତାନ ବାଦ୍

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ଏସିଆନ ଚାମ୍ପିଅନ୍ସ ଟ୍ରଫି ପୁରୁଷ ହକି ଟୁର୍ଣ୍ଣାମେଣ୍ଟର ୯ମ ସଂସ୍କରଣ ଅକ୍ଟୋବର ୨୭ ତାରିଖରୁ ପଞ୍ଜାବର ଜଳନ୍ଧର ଏବଂ ମୋହାଲିରେ ଆରମ୍ଭ ହେବ। ତେବେ ଏହି ସମ୍ମାନଜନକ ପ୍ରତିଯୋଗିତା ପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ପାକିସ୍ତାନକୁ ଏହି ଟୁର୍ଣ୍ଣାମେଣ୍ଟରୁ ବାଦ୍ ଦିଆଯାଇଛି। ଏହା ବଦଳରେ ବାଂଲାଦେଶକୁ ସାମିଲ କରାଯାଇଛି।



ପୂର୍ବରୁ ଛଅ ଦଳୀୟ ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସାମିଲ ଥିଲା। କିନ୍ତୁ ପାକିସ୍ତାନ ହକି ମହାସଂଘ ଏହାର ମ୍ୟାଚଗୁଡ଼ିକୁ ଏକ ନିରପେକ୍ଷ ସ୍ଥାନରେ ସ୍ଥାନାନ୍ତର କରିବାକୁ ଏସୀୟ ହକି ମହାସଂଘକୁ ଅନୁରୋଧ କରିଥିଲା। ତେବେ ହକି ଇଣ୍ଡିଆର ସମ୍ପାଦକ ତଥା ଏସୀୟ ହକି ମହାସଂଘର ଉପାଧ୍ୟକ୍ଷ ଥିବା ଭୋଳାନାଥ ସିଂ ଭେନ୍ୟୁରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ସ୍ପଷ୍ଟ ମନା କରିଦେଇଥିଲେ। ସଦ୍ୟ ହକି ଇଣ୍ଡିଆ ପକ୍ଷରୁ ଅଂଶଗ୍ରହଣକାରୀ ଦଳଙ୍କୁ ସମ୍ପର୍କରେ ଏକ ରିଲିଜ ଜାରି କରାଯାଇଛି। ଯେଉଁଥିରେ ପାକିସ୍ତାନର ନାମ ନ ଥିବା ଜଣାପଡ଼ିଛି। ଅଂଶଗ୍ରହଣକାରୀ ଛଅ ଦଳ ମଧ୍ୟରେ ଜାପାନ, ଚୀନ୍, ମାଲେସିଆ, ଦକ୍ଷିଣ କୋରିଆ ଓ ବାଂଲାଦେଶ ସହ ଆୟୋଜକ ଭାରତ ସାମିଲ ଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତ ମାସରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ମୋହାଲିରେ ଟୁର୍ଣ୍ଣାମେଣ୍ଟ ସୂଚୀ ଘୋଷଣା କରିଥିଲେ। ଏଥିରେ ପାକିସ୍ତାନର ଅଂଶଗ୍ରହଣକୁ ନିଶ୍ଚିତ କରାଯାଇଥିଲା। ତେବେ କୌଣସି ଦଳ ପ୍ରତ୍ୟାହାର କରିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ବାଂଲାଦେଶ ଏବଂ ଓମାନକୁ ରିଜର୍ଭ ଦଳ ଭାବରେ ରଖାଯାଇଥିଲା। ୨୦୦୮ ମୁମ୍ବଇ ଆତଙ୍କବାଦୀ ଆକ୍ରମଣ ପରଠାରୁ ଭାରତ ଏବଂ ପାକିସ୍ତାନ ଦ୍ୱିପାକ୍ଷିକ ହକି ଖେଳିନାହାଁନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY